Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 213
Friday, 09 October 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୯ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପ ି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଓଡ଼ିଶା ବନ୍ଦରେ ଜନଜୀବନ ପ୍ରଭାବିତ

ଭୁବନେଶ୍ୱର, ୮/୧୦ (ଆ.ପ୍ର) : ହଟହଟା ଯାତ୍ରୀ... ହନ୍ତସନ୍ତ ରୋଗୀ... ହଇରାଣ ପରୀକ୍ଷାର୍ଥୀ । ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ । ବାଉଁଶ ଠେଙ୍ଗା ଧରି ସୁରେଶ ରାଉତରାୟଙ୍କ ସମେତ କଂଗ୍ରେସ ନେତା ଓ କର୍ମୀଙ୍କ ଜୋରଦାର ପିକେଟିଂ । ଜରୁରୀ କାମରେ ଘରୁ ଗାଡ଼ି କାଢ଼ିଥିବା ଲୋକଙ୍କୁ ଅଟକାଉଥିଲେ ଆନ୍ଦୋଳନକାରୀ । ଏହି ସମୟରେ ଦେଖିବାକୁ ମିଳିଥିଲା ଯୁକ୍ତିତର୍କ.. ଉପୁଜିଥିଲା ଚାପା ଉତ୍ତେଜନା । ରାଜ୍ୟର ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ହଙ୍ଗାମା । ଛକ ଛକରେ ଗାଡ଼ିକୁ ଅଟକାଉଥିବା ବେଳେ, ମୁହାଁମୁହିଁ ଆନ୍ଦୋଳନକାରୀ ଓ ଜନତା । ଭଦ୍ରକରେ କଲେଜ ଛକ ଓଭର ବ୍ରିଜ ଉପରେ ପୁଲିସ-ଆନ୍ଦୋଳନକାରୀ ଧସ୍ତାଧସ୍ତି ହୋଇଛନ୍ତି ।... ନବରଙ୍ଗପୁରରେ ଜୋରଜବରଦସ୍ତ ଦୋକାନ

ବନ୍ଦ କରିବା ବେଳେ, ଦୋକାନୀଙ୍କ ଆକ୍ରମଣରେ ୨ କଂଗ୍ରେସ କର୍ମୀ ଆହତ ହୋଇଛନ୍ତି ।... ଅନୁଗୋଳରେ ସର୍କିଟ ହାଉସରେ ଆରଡିସିଙ୍କ ସମୀକ୍ଷା ବୈଠକ ବନ୍ଦ କରିବାକୁ ଧସେଇ ପଶିଲେ, କବାଟ ବାଡ଼େଇ ହଙ୍ଗାମା କଲେ କଂଗ୍ରେସ କର୍ମୀ । ପୁଲିସ ସହ ଯୁକ୍ତିତର୍କ ଓ ଧସ୍ତାଧସ୍ତି ପରିସ୍ଥିତି ଉପୁଜିବା ପରେ ବୈଠକ ଅଧାରୁ ବନ୍ଦ ରହିଛି । ଗଞ୍ଜାମ ଆସିକାରେ ମୁହାଁମୁହିଁ ହୋଇଛନ୍ତି ବିଜେପି ଓ କଂଗ୍ରେସ କର୍ମୀ । ବସ୍ ?ଷ୍ଟାଣ୍ଡ, ରେଳ ଷ୍ଟେସନ, ଏୟାରପୋର୍ଟ । ସବୁଠି ଯାତ୍ରୀଙ୍କ ଅବସ୍ଥା ବେହାଲ୍ । ବସ୍, ଅଟୋ କି ଟ୍ୟାକ୍ସି ଚାଲୁନଥିବାରୁ... ସୀ ପିଲାଙ୍କୁଆ, ବ୍ୟାଗପତ୍ର ଧରି କିଏ ଘଂଟା ଘଂଟା ଅପେକ୍ଷା କରି ନୟାନ୍ତ ହେବାକୁ ପଡ଼ିଛି । ଦୋକାନ ବନ୍ଦ ଥିବାରୁ କିଛି ଖାଇବାକୁ ନପାଇ ଭୋକରେ ଥିଲେ ଅନେକେ । କିଛି ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରରେ ପହଂଚିବାକୁ ଆକୁଳ ନିବେଦନ କରୁଥିଲେ ତ, କିଏ ଡାକ୍ତର ଦେଖାଇବାକୁ ଆସି କାନ୍ଦ କାନ୍ଦ ସ୍ଥିତି । ସୋଉରେ ଦୀର୍ଘ ସମୟ ଫସି ରହିଥିଲା ୧୦୮ ଆମ୍ବୁଲାନ୍ସ । ପରିବାର ସହ ଓଡ଼ିଶା ବୁଲିବାକୁ ଆସି ଭୁବନେଶ୍ୱର ବିମାନବନ୍ଦରରେ ଫସି ରହିଥିଲେ ଗଗନଯାନ-୨ ପ୍ରକଳ୍ପରେ କାର୍ଯ୍ୟରତ ଇସ୍ରୋ ବୈଜ୍ଞାନିକ । କିଛି ସ୍ଥାନରେ ଅପ୍ରୀତିକର ସ୍ଥିତି ଉପୁଜିଥିଲେ ବି, ସାମଗ୍ରିକ ଭାବେ ଆଜି ଶାନ୍ତିପୂର୍ଣ୍ଣ ଥିଲା ଓଡ଼ିଶା ବନ୍ଦ ପାଳନ ।.

ଆଉ ନାହାନ୍ତି ବରିଷ୍ଠ ଅଭିନେତା ନାନା ପାଟେକର

ନୂଆଦିଲ୍ଲୀ, ୮/୧୦ (ନ୍ୟୁ.ଏ): ବଲିଉଡର ବରିଷ୍ଠ ଅଭିନେତା ନାନା ପାଟେକରଙ୍କ ଦେହାନ୍ତ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା । ତାଙ୍କ ମୃତ୍ୟୁ ଯୋଗୁଁ ବଲିଉଡରେ ଶୋକର ଛାୟା ଖେଳିଯାଇଛି । ଅଭିନେତାଙ୍କ ଆକସ୍ମିକ ମୃତ୍ୟୁରେ ପ୍ରଶଂସକ ଏବଂ ଅନେକ ସେଲିବ୍ରିଟି ମର୍ମାହତ ହୋଇ ସୋସିଆଲ ମିଡିଆରେ ଶୋକ ପ୍ରକାଶ କରୁଛନ୍ତି । ସକାଳ ୫ଟା ୨୦ ମିନିଟରେ ନାନା ପାଟେକରଙ୍କୁ ମୃତ ଘୋଷଣା କରାଯାଇଥିଲା । ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡ଼ିଛି ଯେ, ତାଙ୍କର ହୃଦଘାତ ହୋଇଥିଲା । ହସ୍ପିଟାଲକୁ ଆଣିବା ପରେ, ଡାକ୍ତରମାନେ ଆଇସିୟୁରେ ପ୍ରାୟ ୪୫ ମିନିଟ୍ ପର୍ଯ୍ୟନ୍ତ ତାଙ୍କୁ ସିପିଆର ଦେଇଥିଲେ । କିନ୍ତୁ କୌଣସି ସୁଫଳ ମିଳିନଥିଲା । ମଣିପାଲ ହସ୍ପିଟାଲର ଅଙ୍କୋଲୋଜି ବିଭାଗର ମୁଖ୍ୟ ଡାକ୍ତର ଶେଖର ସାଲକର କହିଛନ୍ତି, ସିପିଆର ସତ୍ତ୍ୱେ ତାଙ୍କର ସ୍ଥିତିରେ କୌଣସି ସୁଧାର ହୋଇନଥିଲା । ଏକ ମେଡିକୋ-ଲିଗାଲ୍ ମାମଲା (ଏମଏଲସି) ପଞ୍ଜିକୃତ ହୋଇଛି ଏବଂ ପୋଷ୍ଟମର୍ଟମ୍ କରାଯିବ । ନାନା ପାଟେକରଙ୍କ ପରିବାର ସଦସ୍ୟ ତାଙ୍କ ମୃତ୍ୟୁ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ବିସ୍ତୃତ ବିବୃତି ଜାରି କରିନାହାନ୍ତି । ମହାରାଷ୍ଟ୍ରର ରାୟଗଡ ଜିଲ୍ଲାର ମୁରୁଦ-ଜଞ୍ଜିରାର ଏକ ମରାଠୀ ପରିବାରରେ ବିଶ୍ୱନାଥ ପାଟେକର ନାମରେ ନାନା ପାଟେକର ୧ ଜାନୁଆରି ୧୯୫୧ରେ ଜନ୍ମଗ୍ରହଣ କରିଥିଲେ । ସେ ନୀଳକଣ୍ଠିଙ୍କୁ ବିବାହ କରିଥିଲେ । ପରେ ସେମାନେ ଅଲଗା ହୋଇଯାଇଥିଲେ । ସେବେଠାରୁ ନାନା ଅନେକ ଅଭିନେତ୍ରୀଙ୍କ ସହ ଜଡିତ ଥିଲେ ମଧ୍ୟ ଆଉ ବିବାହ ନଥିଲେ । ନାନା ପାଟେକର ୧୯୭୮ ମସିହାରେ ବିବାହ କରିଥିଲେ ଏବଂ ସେମାନଙ୍କର ଦୁଇଟି ପୁଅ ଥିଲେ, ଦୁର୍ବାସା ଏବଂ ମଲହାର । ଦୁର୍ବାସା ଦୁଇ ବର୍ଷ ବୟସରେ ଅସୁସ୍ଥତା ଯୋଗୁଁ ମୃତ୍ୟୁବରଣ କରିଥିଲେ । ନାନାଙ୍କୁ ୨୮ ବର୍ଷ ବୟସ ହୋଇଥିବାବେଳେ ତାଙ୍କ ବାପା ହୃଦଘାତରେ ମୃତ୍ୟୁବରଣ କରିଥିଲେ । ତାଙ୍କର ଦୁଇ ଭାଇ ଅଛନ୍ତି, ଅଶୋକ ଏବଂ ଦିଲୀପ ପାଟେକର । ନାନା ପାଟେକର ଅତିରିକ୍ତ ଧୂମପାନ କରୁଥିଲେ । କିନ୍ତୁ ୫୬ ବର୍ଷ ବୟସରେ ସେ ତାହା ଛାଡ଼ି ଦେଇଥିଲେ । ଏକ ସାକ୍ଷାତକାରରେ ସେ ପ୍ରକାଶ କରିଥିଲେ ଯେ ତାଙ୍କ ବାପା ନାଟକ ଦେଖିବାକୁ ଭଲ ପାଉଥିଲେ ଏବଂ ସେସବୁ ଦେଖିବାକୁ ଉତ୍ସାହିତ କରୁଥିଲେ, ଯାହା ପାଟେକରଙ୍କ ଅଭିନୟ ପ୍ରତି ଆଗ୍ରହକୁ ଜାଗ୍ରତ କରିଥିଲା । ତାଙ୍କର ପ୍ରଥମ ନାଟକ ବିଜୟା ମେହେତାଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା । ନାନା ପାଟେକର ତାଙ୍କ ସହିତ ରହୁଥିବା ତାଙ୍କ ମାଆ ନିର୍ମଳା ପାଟେକରଙ୍କ ସହିତ ରହୁଥିଲେ । ତେବେ ୨୯ ଜାନୁଆରୀ ୨୦୧୯ରେ ୯୯ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । ନାନା ପାଟେକର ୧୯୮୮ ମସିହାରେ ଟେରିଟୋରିଆଲ୍ ଆର୍ମିରେ କ୍ୟାପ୍ଟେନ୍ ଭାବରେ ଯୋଗ ଦେଇଥିଲେ । ସେ ପ୍ରହାର ଚଳଚ୍ଚିତ୍ର ପାଇଁ ପ୍ରସ୍ତୁତି ପାଇଁ ତିନି ବର୍ଷର ତାଲିମ ନେଇଥିଲେ ଏବଂ ଜେନେରାଲ ଭି.କେ. ସିଂହଙ୍କ ସହିତ କାମ କରିଥିଲେ, ଯିଏ ସେତେବେଳେ ଲେଫ୍ଟନାଂଟ କର୍ଣ୍ଣେଲ ଥିଲେ ଏବଂ ଫିଲ୍ମରେ ଏକ ଛୋଟ ଅଭିନୟ ମଧ୍ୟ କରିଥିଲେ । ୧୯୯୯ ମସିହାରେ କାର୍ଗିଲ୍ ଯୁଦ୍ଧ ସମୟରେ, ପାଟେକର ମରାଠା ଲାଇଟ୍ ଇନଫାଂଟ୍ରି ରେଜିମେଂଟରେ ମେଜର ଭାବରେ କାର୍ଯ୍ୟ କରିଥିଲେ । ସେ ୨୦୧୩ ମସିହାରେ ଲେଫ୍ଟନାଂଟ କର୍ଣ୍ଣେଲ ପଦବୀ ସହିତ ଟେରିଟୋରିଆଲ୍ ଆର୍ମିରୁ ଅବସର ନେଇଥିଲେ ।

ବ୍ୟାଙ୍କ, ହସ୍ପିଟାଲ୍ ଏବେ ଫୋନ୍‌ରେ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୮/୧୦ (ନ୍ୟୁ.ଏ): ବ୍ୟାଙ୍କ, ହସ୍ପିଟାଲ, ସରକାରୀ କାର୍ଯ୍ୟାଳୟ ଭଳି ଶତାଧିକ ସେବା ଏବେ ମୋବାଇଲ୍ ଫୋନ୍‌ରେ ଉପଲବ୍ଧ ହୋଇପାରିଛି ବୋଲି ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମ୍‌ସି) ୨୦୨୬କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସେ କହିଲେ, ମୋବାଇଲ୍ ଆଉ କେବଳ ଗପ ହେବା ଓ ଚାଟ୍ କରିବା ଭିତରେ ସୀମିତ ନାହିଁ । ସାଧାରଣ ଲୋକଙ୍କ ପାଖରେ ସରକାରୀ ସୁବିଧା ପହଂଚାଇବା ପାଇଁ ଏହା ସବୁଠୁ ବଡ଼ ମାଧ୍ୟମରେ ପରିଣତ ହୋଇଛି । ଭାଷା ଓ ଦୂରତାର ପ୍ରତିବନ୍ଧକ ଶେଷ ହୋଇଛି । ଲୋକମାନଙ୍କୁ ଆଉ ଏ କାର୍ଯ୍ୟାଳୟରୁ ସେ କାର୍ଯ୍ୟାଳୟ ଦୌଡ଼ିବାକୁ ପଡୁନାହିଁ କିମ୍ବା ଧାଡ଼ିରେ ଠିଆ ହେବାକୁ ପଡୁନି । ଫଳରେ ସେମାନଙ୍କ ଉଭୟ ସମୟ ଓ ଟଙ୍କା ଉଭୟ ସଂଚୟ ହୋଇପାରୁଛି । ମୋବାଇଲ୍ ଫୋନ୍‌ର ଲାଭ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଲେ, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଜରିଆରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଟଙ୍କା ଜମା କରାଯାଉଛି । ଏହାଦ୍ୱାରା ୫ ଲକ୍ଷ କୋଟି ଟଙ୍କା ବାଟମାରଣା ହେବାରୁ ବନ୍ଦ ହୋଇଯାଇଛି । ଯେଉଁମାନଙ୍କ ହାତକୁ ସେହି ଟଙ୍କା ଯିବାର ଥିଲା ସେମାନେ ମୋଦୀଙ୍କୁ ପସନ୍ଦ କରୁନାହାନ୍ତି । ସେମାନେ ଯେତେ ଚିତ୍କାର କଲେ ମଧ୍ୟ ଲୋକଙ୍କ ହିତରେ କାମ କରିବାକୁ ଆମେ ସଂକଳ୍ପବଦ୍ଧ ବୋଲି ସେ କହିଥିଲେ । ଏହି ଅବସରରେ ସେ ଆଜି ଦେହାନ୍ତ ହୋଇଥିବା ବଲିଉଡ୍ ଅଭିନେତା ନାନା ପାଟେକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ମୋଦୀ ତାଙ୍କ ବିଷୟରେ କହିଥିଲେ, ସେ ଜଣେ ଚମତ୍କାର କଳାକାର ଥିଲେ ଯିଏ ବିଭିନ୍ନ ଚରିତ୍ର ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିତିଥିଲେ । ତାଙ୍କ ଜାତୀୟ ଭାବନାକୁ ପ୍ରଶଂସା କରି ସେ କହିଥିଲେ, ସେ ଜଣେ ସ୍ୱାଧୀନ ଆତ୍ମା ଥିଲେ । ତାଙ୍କ ଜୀବନ ସମ୍ପୂର୍ଣ୍ଣ ରୂପେ ତ୍ରିରଙ୍ଗାର ସମ୍ମାନ ଓ ଗୌରବ ପାଇଁ ସମର୍ପିତ ଥିଲା । ସେ ଜଣେ ସିନେମା ବିପ୍ଳବୀ ଥିଲେ । ତାଙ୍କ ତୀକ୍ଷ୍ଣ ସଂଳାପ ଓ ଶକ୍ତିଶାଳୀ ଚିତ୍ରଣ ସାମାଜିକ କୁସଂସ୍କାର ଓ ରାଷ୍ଟ୍ରବିରୋଧୀ ଉପାଦାନଗୁଡ଼ିକ ବିରୋଧରେ ନିରନ୍ତର ପ୍ରହାର କରୁଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ତୃଣମୂଳରୁ ସମସ୍ୟା ଚିହ୍ନଟ କର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟର ସାମାଜିକ କ୍ଷେତ୍ରର ସମସ୍ୟା ସମାଧାନ ଏବଂ ଉନ୍ନତି ନିମନ୍ତେ ଏକ ଉଚ୍ଚସ୍ତରୀୟ 'ପ୍ରୟାସ' ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାମାଜିକ କ୍ଷେତ୍ରର ବିଭିନ୍ନ ଜଟିଳ ସମସ୍ୟାଗୁଡ଼ିକୁ ତୃଣମୂଳ ସ୍ତରରେ ଅନୁଧ୍ୟାନ କରି ସେଗୁଡ଼ିକର ସ୍ଥାୟୀ ତଥା ତ୍ୱରିତ ସମାଧାନ ପାଇଁ ଏକ ସୁଦୃଢ଼ ଓ ଗଠନମୂଳକ ପ୍ଲାଟଫର୍ମର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏହି ବୈଠକରେ ମୁଖ୍ୟତଃ ତିନୋଟି ପ୍ରମୁଖ ବିଭାଗ ଯଥା- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକାରିତାକୁ ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା । ବୈଠକରେ, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଏବଂ ଗୁଣାତ୍ମକ ଶିକ୍ଷା- ଏହି ତିନୋଟି କ୍ଷେତ୍ର ମାଧ୍ୟମରେ ହିଁ ଏକ ମଜବୁତ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ସଂପୃକ୍ତ ବିଭାଗଗୁଡ଼ିକୁ ଅଧିକ ତତ୍ପର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ସହ ଜଡ଼ିତ ଏହି କ୍ଷେତ୍ରଗୁଡ଼ିକର କାର୍ଯ୍ୟଦକ୍ଷତାକୁ ଆହୁରି ଉନ୍ନତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ବୈଠକରେ ମାତୃ ମୃତ୍ୟୁ ହାରକୁ ସର୍ବନିମ୍ନ ସ୍ତରକୁ ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଦୃଢ଼ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବିଶେଷକରି ପ୍ରସୂତି ଏବଂ ନବଜାତ ଶିଶୁମାନଙ୍କୁ ଗ୍ରାମାଂଚଳ ତଥା ଦୂରଦୂରାନ୍ତ ଅଂଚଳରେ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇବା, ସ୍ୱାସ୍ଥ୍ୟକର୍ମୀମାନଙ୍କ ଦାୟିତ୍ୱବୋଧ ବୃଦ୍ଧି କରିବା ଏବଂ ମେଡିକାଲ ଗୁଡ଼ିକରେ ଜରୁରୀକାଳୀନ ସେବାକୁ ଅଧିକ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଶିଶୁମାନଙ୍କ ମଧ୍ୟରେ ଦେଖାଯାଉଥିବା ପୁଷ୍ଟିହୀନତା ଯୋଗୁ ବୟସ ଅନୁପାତରେ କମ୍ ଉଚ୍ଚତା ଓ ଦୁର୍ବଳ ପରି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି । ଏହିସବୁ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିବା ପାଇଁ 'ସୁପୋଷିତ ଓଡ଼ିଶା' ଅଭିଯାନକୁ ଅଧିକ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ପ୍ରଦାନ କରାଯାଉଥିବା ଖାଦ୍ୟ ଓ ପୁଷ୍ଟିକର ସାମଗ୍ରୀର ମାନ ତଥା ନିରିକ୍ଷଣ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଶିକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ପ୍ରାଥମିକ ସ୍ତରରୁ ହିଁ ପିଲାଙ୍କ ମୌଳିକ ଶିକ୍ଷାର ମାନରେ ବୃଦ୍ଧି କରିବା ପାଇଁ ସମସ୍ତ ଚେଷ୍ଟା କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି । ଏଥିସହିତ ଶିକ୍ଷକମାନେ ଶିକ୍ଷାଦାନ ଏବଂ ଶିକ୍ଷାର ମୂଳ କାର୍ଯ୍ୟକ୍ରମଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ଧ୍ୟାନ କେନ୍ଦ୍ରିତ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଘରୋଇ କଲେଜରେ ମନଇଚ୍ଛା ଫି' ଉପରେ ସରକାରୀ ଅଙ୍କୁଶ

ଭୁବନେଶ୍ୱର, ୮/୧୦ (ଆ.ପ୍ର) : ରାଜ୍ୟର ଘରୋଇ ଇଞ୍ଜିନିୟରିଂ, ମ୍ୟାନେଜମେଂଟ ଓ ମେଡିକାଲ କଲେଜଗୁଡ଼ିକରେ ବେଲଗାମ ଫି' ଆଦାୟ ଓ ମନଇଚ୍ଛା ଫି' ବୃଦ୍ଧି ଉପରେ ଶେଷରେ ଲଗାମ ଲଗାଇଛନ୍ତି ରାଜ୍ୟ ସରକାର । ଇଞ୍ଜିନିୟରିଂ ମେଡିକାଲ ଓ ପ୍ରଫେସନାଲ ଶିକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ, ନିୟନ୍ତ୍ରିତ ଓ ସୁବିଧାଜନକ କରିବା ସହ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଆର୍ଥିକ ଶୋଷଣରୁ ମୁକ୍ତି ଦେବା ପାଇଁ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ୨୦୨୬-୨୭ରୁ ୨୦୨୮-୨୯ ଶିକ୍ଷାବର୍ଷ ମଧ୍ୟରେ ଡିପ୍ଲୋମା, ଇଞ୍ଜିନିୟରିଂ, ମ୍ୟାନେଜମେଂଟ, ଫାର୍ମାସୀ ଓ ମେଡିକାଲ ପାଠ୍ୟକ୍ରମରେ ରାଜ୍ୟର ଘରୋଇ କଲେଜଗୁଡ଼ିକରେ ନାମ ଲେଖାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ ଏହି ଦେୟ ଅପରିବର୍ତ୍ତିତ ରହିବ । ଘରୋଇ କଲେଜ ମାଲିକମାନଙ୍କ ମନମୁଖୀ ବର୍ଷମଝିରେ ଏହାକୁ ବଦଳାଇ ପାରିବେ ନାହିଁ କିମ୍ବା ଏହି ୩ଟି ଶିକ୍ଷାବର୍ଷରେ ନାମ ଲେଖାଉଥିବା ଛାତ୍ରଛାତ୍ରୀଙ୍କ ପାଠପଢ଼ା ସରିବା ପର୍ଯ୍ୟନ୍ତ ଏହି ଫି'ରେ ଆଉ କିଛି ଯୋଡ଼ିପାରିବେ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି । କେବଳ ପାଠ୍ୟକ୍ରମ ବାବଦ ଫି' ନୁହେଁ ଘରୋଇ କଲେଜଗୁଡ଼ିକ ଦ୍ୱାରା ନିଆଯାଉଥିବା ଅପସନାଲ(ଇଚ୍ଛାଧୀନ) ଖର୍ଚ୍ଚ ତାଲିକା ଉପରେ ମଧ୍ୟ ରାଜ୍ୟ ସରକାର ଅଙ୍କୁଶ ଲଗାଇଛନ୍ତି । ଏଥିରେ ପିଲାମାନଙ୍କ ହଷ୍ଟେଲ ଖର୍ଚ୍ଚଠୁ ଆରମ୍ଭ କରି ୟୁନିଫର୍ମ, ପରିବହନ ଭଡ଼ା, ପ୍ରି-ପ୍ଲେସମେଂଟ ଫି' ଆଦି ସବୁକିଛି ସାମିଲ ରହିଛି ।ଓଡ଼ିଶା ପ୍ରଫେସନାଲ ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ଆକ୍ଟ-୨୦୦୭ର ନିୟମାବଳୀ ଓ ଧାରା ୬(୭) ଅନୁଯାୟୀ ଗଠିତ ଫି' ନିର୍ଦ୍ଧାରଣ କମିଟିର ସୁପାରିସ ଆଧାରରେ ଏହି ନୂଆ ଫି' ହାର ଧାର୍ଯ୍ୟ ହୋଇଛି । ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟ ସରକାର ଆଜି କଟକସ୍ଥିତ ହିମସ୍ ଇନଷ୍ଟିଚ୍ୟୁଟ୍ ଅଫ ହେଲଥ ସାଇନ୍ସ ଆଣ୍ଡ ହସ୍ପିଟାଲର ପିଜି ମେଡିକାଲ କୋର୍ସ ପାଇଁ ପ୍ରଥମଥର ନିମନ୍ତେ ଫି' ନିର୍ଦ୍ଧାରଣ କରିଛନ୍ତି । ଏଥିରେ ଆନାଟୋମି, ଫିଜିଓଲୋଜି ଓ ବାୟୋ କେମେଷ୍ଟ୍ରି ଭଳି ପ୍ରି-କ୍ଲିନିକାଲ କୋର୍ସ ନିମନ୍ତେ ବାର୍ଷିକ ୫.୧୩ଲକ୍ଷ ଟଙ୍କା, ପାରା-କ୍ଲିନିକାଲ ପାଇଁ ୬.୪୧ଲକ୍ଷ ଟଙ୍କା ଓ କ୍ଲିନିକାଲ ବିଷୟଗୁଡ଼ିକ ପାଇଁ ବାର୍ଷିକ ୧୨.୮୧ଲକ୍ଷ ଟଙ୍କା ଫି' ଧାର୍ଯ୍ୟ କରିଛନ୍ତି । ଏହାବ୍ୟତୀତ ଡିପ୍ଲୋମା କୋର୍ସ ପାଇଁ ୫୦ଟି ଶିକ୍ଷାନୁଷ୍ଠାନର, ବି-ଟେକ୍ କୋର୍ସ ପାଇଁ ୩୩ଟି କଲେଜ, ଏମଟେକ୍ କୋର୍ସ ପାଇଁ ୧୦ଟି, ଏମଏବିଏ କୋର୍ସ ପାଇଁ ୩୧ଟି, ଏମସିଏ ପାଇଁ ୧୮ଟି, ବି-ଫାର୍ମା ପାଇଁ ୧୮ଟି ଓ ପିଜିଡିଏମ୍ କୋର୍ସ ପାଇଁ ୩ଟି ଘରୋଇ ଶିକ୍ଷାନୁଷ୍ଠାନ ନିମନ୍ତେ ରାଜ୍ୟ ସରକାର ଆଜି ଫି' ନିର୍ଦ୍ଧାରଣ କରିଛନ୍ତି । ଡିପ୍ଲୋମା ଶିକ୍ଷା କ୍ଷେତ୍ରରେ ବିଭିନ୍ନ ଜିଲ୍ଲାର ପ୍ରାୟ ୫୦ଟି ଶିକ୍ଷାନୁଷ୍ଠାନର ଫି' ସଂଶୋଧନ ହୋଇଛି । କଳାହାଣ୍ଡି ସ୍କୁଲ ଅଫ୍ ଇଞ୍ଜିନିୟରିଂ, ଆଦର୍ଶ କଲେଜ ଅଫ୍ ଇଞ୍ଜିନିୟରିଂ, ବାରପଦା ସ୍କୁଲ ଅଫ୍ ଇଞ୍ଜିନିୟରିଂ ତଥା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ପଲିଟେକନିକଗୁଡ଼ିକରେ ସର୍ବନିମ୍ନ ବାର୍ଷିକ ଫି' ୨୦୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଏନଏମ ଇନଷ୍ଟିଚ୍ୟୁଟରେ ବାର୍ଷିକ ଫି' ୨୨୫୦୦ଟଙ୍କା, କନ୍ଧମାଳସ୍ଥିତ ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟରେ ୩୨୫୦୦ ଟଙ୍କା, କଳିଙ୍ଗ ଗ୍ଲୋବାଲରେ ୩୧୫୦୦ ଟଙ୍କା ଓ ନାଳନ୍ଦା ଇନଷ୍ଟିଚ୍ୟୁଟରେ ୪୨୫୦୦ ଟଙ୍କା ଫି' ସ୍ଥିର ହୋଇଛି । ତେବେ ରାଜଧାନୀ ଇଞ୍ଜିନିୟରିଂ କଲେଜରେ ୫୧ହଜାର ଟଙ୍କା ଓ ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଏକ୍ସିଲେଂଟ ଟେକ୍ନୋକ୍ରାଟ୍ସରେ ସର୍ବାଧିକ ୫୩୫୦୦ ଟଙ୍କା ପର୍ଯ୍ୟନ୍ତ ଡିପ୍ଲୋମା ଫି' ଧାର୍ଯ୍ୟ ହୋଇଛି ।

ଏନି କାର୍ସନଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର



ନୂଆଦିଲ୍ଲୀ, ୮/୧୦ (ନ୍ୟୁ.ଏ): କାନାଡାର କବି ତଥା ଲେଖକ ଏନି କାର୍ସନଙ୍କୁ ମିଳିବ ନୋବେଲ ପୁରସ୍କାର । ୨୦୨୬ ବର୍ଷ ପାଇଁ କାର୍ସନଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ପ୍ରାଚୀନ ପରମ୍ପରା ସହ ସୃଜନଶୀଳ ସଂଳାପ ମାଧ୍ୟମରେ ସମକାଳୀନ ସାହିତ୍ୟକୁ ନୂଆ ରୂପରେ ସୃଷ୍ଟି କରିଥିବା ତାଙ୍କର ସାହସୀ ଓ ଅଭିନବ ସାହିତ୍ୟକୃତି ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯାଉଛି । ୧୯୫୦ ମସିହାରେ ଟୋରଂଟୋରେ ଜନ୍ମ ନେଇଥିବା କାର୍ସନ ପ୍ରାଚୀନ ଗ୍ରୀକ୍ ଭାଷା ଅଧ୍ୟୟନ କରିଛନ୍ତି । ପରେ ସେ ଟୋରଂଟୋ ବିଶ୍ୱବିଦ୍ୟାଳୟରୁ ପ୍ରାଚୀନ ସାହିତ୍ୟ ଅଧ୍ୟୟନରେ ପିଏଚ୍?ଡି ହାସଲ କରିଥିଲେ । କବି,ପ୍ରବନ୍ଧକାର, ଅନୁବାଦିକା ଓ ଗବେଷକ ଭାବେ ସେ କାମ କରି ଅନେକ ସଫଳତା ସାଉଁଟିଛନ୍ତି । ତାଙ୍କ ଲେଖାରେ ପ୍ରାଚୀନ ଗ୍ରୀସ ସାହିତ୍ୟ ଓ ପୁରାଣର ଗଭୀର ପ୍ରଭାବ ଦେଖିବାକୁ ମିଳିଥାଏ । କାର୍ସନଙ୍କ ସବୁଠାରୁ ପରିଚିତ ଲେଖା ମଧ୍ୟରୁ ଗୋଟିଏ ହେଉଛି ୧୯୯୮ରେ ପ୍ରକାଶିତ 'ଅଟୋବାୟୋଗ୍ରାଫି ଅଫ ରେଡ୍' । ଏହା ଏକ କବିତା ଆକାରର ଉପନ୍ୟାସ । ପ୍ରାଚୀନ ଗ୍ରୀକ୍ ପୁରାଣର ଲାଲ ପକ୍ଷଯୁକ୍ତ ରାକ୍ଷସ ଗେରିଅନ କାହାଣୀରୁ ପ୍ରୋତ୍ସାହିତ ହୋଇ ସେ ଏହାକୁ ନିଜ ଶୈଳୀରେ ଅଧିକ ଆକର୍ଷଣୀୟ ଢଙ୍ଗରେ ଲେଖିଥିଲେ । କାର୍ସନ ଏହି ପୁରାଣକୁ ଏକ ନୂଆ ରୂପ ଦେଇଥିଲେ । ତାଙ୍କ କାହାଣୀରେ ଗେରିଅନ ଜଣେ ସମ୍ବେଦନଶୀଳ କିଶୋର ଭାବେ ସାମ୍ନାକୁ ଆସିଥିଲେ । ପ୍ରାଚୀନ ସାହିତ୍ୟ ଓ ପୁରାଣର ବିଷୟବସ୍ତୁକୁ ଆଧୁନିକ ଅନୁଭୂତି ସହ କେମିତି ଯୋଡ଼ାଯାଇପାରେ ଅଟୋବାୟୋଗ୍ରାଫି ଅଫ ରେଡ୍ ତା'ର ଜ୍ୱଳନ୍ତ ଉଦାହରଣ । ସେ ଇଲେକ୍ଟ୍ରା ଓ କବି ସାଫୋଙ୍କ ବିଭିନ୍ନ କବିତାର ମଧ୍ୟ ଅନୁବାଦ କରିଛନ୍ତି । ଏହି ଅନୁବାଦ ଜରିଆରେ ସେ ପ୍ରାଚୀନ ସାହିତ୍ୟ ଉପରେ ରଖିଥିବା ଗଭୀର ଜ୍ଞାନକୁ ପ୍ରଦର୍ଶିତ କରିଛନ୍ତି । ୨୦୨୬ର ନୋବେଲ ସାହିତ୍ୟ ପୁରସ୍କାର ଦୌଡ଼ରେ କାର୍ସନଙ୍କୁ ଆରମ୍ଭରୁ ଜଣେ ପ୍ରମୁଖ ଦାବିଦାର ଭାବେ ଦେଖାଯାଉଥିଲା । ଲାଡ୍‌ବ୍ରୋକ୍ସର ତାଲିକାରେ ସେ ଚାଇନାର ଲେଖିକା କାନ୍ ଶ୍ୟୁଏଙ୍କୁ ଜୋରଦାର ଟକ୍କର ଦେଇଥିଲେ । କାର୍ସନଙ୍କୁ ନୋବେଲ ପୁରସ୍କାର ମିଳିବା କେବଳ ତାଙ୍କ କବିତା ପାଇଁ ସ୍ୱୀକୃତି ନୁହେଁ । ବରଂ ଏହା ତାଙ୍କର ଦଶନ୍ଧି ଧରି ଚାଲିଥିବା ଏକ ବ୍ୟାପକ ସାହିତ୍ୟିକ ଯାତ୍ରାକୁ ସମ୍ମାନ । କବିତା, ଗଦ୍ୟ, ପୁରାଣ, ଅନୁବାଦ ଓ ଗବେଷଣାକୁ ଏକାଠି କରି ସେ ସମକାଳୀନ ସାହିତ୍ୟରେ ଏକ ନିଆରା ଓ ଅଭିନବ ଶୈଳୀ ସୃଷ୍ଟି କରିଛନ୍ତି ।

ପୁରୀ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦରକୁ କେନ୍ଦ୍ରର ସବୁଜ ସଙ୍କେତ

ପୁରୀ, ୮/୧୦ (ଆ.ପ୍ର) : ଶ୍ରୀକ୍ଷେତ୍ର ପୁରୀରେ ଆନ୍ତର୍ଜାତିକ ଗ୍ରୀନଫିଲ୍ଡ ବିମାନ ବନ୍ଦର ନିର୍ମାଣ ପାଇଁ କେନ୍ଦ୍ର ସରକାର ସବୁଜ ଦେଇଛନ୍ତି । ପୁରୀ ଜିଲ୍ଲାର ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ସିପସରୁବାଲିଠାରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତିକ ବିମାନବନ୍ଦର ପ୍ରକଳ୍ପକୁ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଚୂଡ଼ାନ୍ତ ପରିବେଶ ମଞ୍ଜୁରୀ ସହ ଉପକୂଳ ନିୟାମକ କ୍ଷେତ୍ର (ସିଆରଜେଡ୍) କ୍ଲିୟରାନ୍ସ ପ୍ରଦାନ କରାଯାଇଛି । କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ, ଓଡ଼ିଶା ଉପକୂଳ କ୍ଷେତ୍ର ପରିଚାଳନା କର୍ତ୍ତୃପକ୍ଷ ଓ ଜଙ୍ଗଲ ବିଭାଗରୁ ଆବଶ୍ୟକ ସମସ୍ତ ବୈଧାନିକ କ୍ଲିୟରାନ୍ସ ମିଳିସାରିଥିବାରୁ ପବ୍ଲିକ-ପ୍ରାଇଭେଟ ପାର୍ଟନରସିପ୍ (ପିପିପି) ମୋଡରେ ଖୁବଶୀଘ୍ର ଏହି ବିମାନବନ୍ଦରର ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି । ପ୍ରାୟ ୨୨୦୩ କୋଟି ଟଙ୍କାର ବ୍ୟୟରେ ୪୭୧.୩୪୮ ହେକ୍ଟର(ପ୍ରାୟ ୧୧୬୪.୭୨ଏକର) ପରିମିତ ଜମିରେ ନିର୍ମାଣ ହେବାକୁ ଥିବା ଏହି ବିମାନବନ୍ଦର ରାଜ୍ୟର ପର୍ଯ୍ୟଟନ, ଅର୍ଥନୀତି ତଥା ରୋଜଗାର କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରକୁ ବିଶ୍ୱର ଅନ୍ୟ ଭାଗ ସହ ସିଧାସଳଖ ଆକାଶମାର୍ଗରେ ଯୋଡ଼ିବ । କେନ୍ଦ୍ର ସରକାରଙ୍କ ଏକ୍ସପର୍ଟ ଆପ୍ରାଇଜାଲ୍ କମିଟି (ଇଏସି)ର ବିସ୍ତୃତ ସମୀକ୍ଷା ଓ ସୁପାରିସ ଆଧାରରେ ପରିବେଶ ଓ ସିଆରଜେଡ୍ କ୍ଲିଅରାନ୍ସ ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଏହି ବିମାନବନ୍ଦର ବିକାଶ ପାଇଁ ପ୍ରାୟ ୨୨୦୩ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବାବେଳେ ବାର୍ଷିକ ପ୍ରାୟ ୪୬ ଲକ୍ଷ ଯାତ୍ରୀ ଯାତାୟାତ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । କେନ୍ଦ୍ର ପରିବେଶ,ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସଦସ୍ୟ ସଚିବ ମୁନ୍ନା କୁମାର ଶାହ(ଇସି) ସେପ୍ଟେମ୍ବର ୩୦ତାରିଖରେ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଏହି ଅନୁମତି ଦେଇଥିବା ଜଣାପଡ଼ିଛି । ଏଠାରେ ୩୭୦୦ ମିଟର ଲମ୍ବର ବିଶାଳ ରନୱେ, ୫୪ହଜାର ବର୍ଗମିଟରର ଅତ୍ୟାଧୁନିକ ଇଂଟିଗ୍ରେଟେଡ ଟର୍ମିନାଲ ବିଲ୍ଡିଂ,ଏୟାର ଟ୍ରାଫିକ କଂଟ୍ରୋଲ (ଏଟିସି) ବିଲ୍ଡିଂ, କାର୍ଗୋ ଟର୍ମିନାଲ, ଏୟାରବସ ଏ-୩୫୦ ଓ ବୋଇଂ-୭୭୭ ଭଳି ବିଶାଳକାୟ ଆନ୍ତର୍ଜାତିକ ବିମାନ ଅବତରଣର ସୁବିଧା ରହିବ । ପ୍ରକଳ୍ପ ନିର୍ମାଣ ସମୟରେ ପ୍ରାୟ ୧୫୫୦ ଜଣ କର୍ମଚାରୀ(୫୦ ଜଣ ସ୍ଥାୟୀଙ୍କୁ ମିଶାଇ) ।

ବିରୋଧୀଙ୍କ ବନ୍ଦ ପାଳନ ସମ୍ପୂର୍ଣ୍ଣ ବିଫଳ, ହିଂସାତ୍ମକ ଆଚରଣ ନିନ୍ଦନୀୟ : ଅନୀଲ ବିଶ୍ୱାଳ

ଭୁବନେଶ୍ୱର, ୦୮/୧୦ (ଆ.ପ୍ର) : ଆଜି କଂଗ୍ରେସ ଓ ବାମ ଦଳ ଦ୍ୱାରା ହୋଇଥିବା ବନ୍ଦ ପାଳନ ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ ହୋଇଛି । ସାରା ଓଡ଼ିଶାରେ ଜନଜୀବନ ସମ୍ପୂର୍ଣ୍ଣ ସ୍ୱାଭାବିକ ଥିଲା । ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଏହି ବନ୍ଦ ପାଳନ ପ୍ରମାଣିତ କରୁଛି ଯେ, ଯେଉଁ ପ୍ରସଙ୍ଗରେ ସେମାନେ ରାସ୍ତାକୁ ଓହ୍ଲାଇ ଥିଲେ ତାହାକୁ ଲୋକମାନେ ସମର୍ଥନ କରିନାହାନ୍ତି । କିନ୍ତୁ ଯେଉଁଭଳି ଭାବେ କିଛି ସ୍ଥାନରେ କଂଗେସ ଓ ବାମ ଦଳର ଗୁଣ୍ଡାମାନେ ଆତଙ୍କରାଜ କରି ସାଧାରଣ ଲୋକଙ୍କୁ ଭୟଭୀତ କରିଛନ୍ତି, ଏହାକୁ ଓଡ଼ିଶାର ଲୋକେ କେବେବି କ୍ଷମା ଦେବେନାହିଁ । ଗଣମାଧ୍ୟମରେ ପ୍ରକାଶିତ ବିଭିନ୍ନ ଭିଡିଓରୁ ଜଣାପଡୁଛି ଯେ, କେଉଁଭଳି ଭାବେ କଏି ଡାକ୍ତରଖାନା ଯାଉଛି ତାକୁ କଂଗ୍ରେସ କର୍ମୀମାନେ ଅଟକାଇ ଖରାପ ବ୍ୟବହାର ପ୍ରଦର୍ଶନ କରିଛନ୍ତି, କିଏ ନଜି ପିଲାଙ୍କୁ ସ୍କୁଲରେ ଛାଡ଼ିବାକୁ ଯାଉଛି ତାକୁ ଖରାପ ବ୍ୟବହାର ପ୍ରଦର୍ଶନ କରିଛନ୍ତି । ଏପରିକି ଗର୍ଭବତୀ ମହିଳା ମଧ୍ୟ ଏହି କଂଗ୍ରେସ ଓ ଇଣ୍ଡି ଗଠବନ୍ଧନର ଅସଭ୍ୟ ନେତା ଓ କର୍ମୀମାନଙ୍କର ଅରାଜକତା ଆଚରଣରୁ ବର୍ତୀ ନାହାନ୍ତି । ଶାନ୍ତିପୂର୍ଣ୍ଣ ଓଡ଼ିଶା ଲୋକ ଏହାର ଉଚିତ ଜବାବ୍ ଦେବେ ବୋଲି ଏକ ପ୍ରେସ୍ ବିବୃତିରେ ରାଜ୍ୟ ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି । ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ସମ୍ବିଧାନ ବଂଚାଇବା ନାରା ଦେଇ ରାସ୍ତାରେ ଆନ୍ଦୋଳନ କରୁଥିବା କଂଗ୍ରେସ ଦଳ ସ୍ପଷ୍ଟ କରିବା ଉଚିତ୍ ଯେ, ଏହିଭଳି ହିଂସାତ୍ମକ ଆଚରଣ ସମ୍ବିଧାନର କେଉଁ ଧାରାରେ ଉଲ୍ଲେଖ ରହିଛି ? କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ ବନାମ୍ ଭରତ କୁମାରଙ୍କ ମାମଲାରେ ସୁପ୍ରିମ କୋର୍ଟ ରାୟରେ କହିଥିଲେ ଯେ, କୌଣସି ରାଜନୈତିକ ଦଳ କାହାକୁ ଜୋର୍ ଜବରଦସ୍ତି କରି ବନ୍ଦ ପାଳନ କରିପାରିବେ ନାହିଁ । ଯଦି ବିରୋଧି ଦଳମାନଙ୍କର ସମ୍ବିଧାନ ପ୍ରତି ସମ୍ମାନ ଥାନ୍ତା ତାହାଲେ ଆଜି ସେମାନେ ସୁପ୍ରିମକୋର୍ଟଙ୍କ ରାୟର ବିରୋଧାଚରଣ କରିନଥାନ୍ତେ । ଆଜି ବିରୋଧି ଦଳମାନଙ୍କର ଅରାଜକତାର ଭିଡିଓ ସବୁଦିନ ପାଇଁ ଓଡ଼ିଶା ଲୋକମାନଙ୍କ ଆଗରେ ସେମାନଙ୍କ ହିଂସାତ୍ମକ ଆଚରଣର ପ୍ରମାଣ ହୋଇ ରହିଥିବ । ଓଡ଼ିଶାରେ ୦.୧୪% ଭୋଟ ପାଉଥିବା ବାମ ଦଳ କହୁଛି ଯେ, ସେମାନଙ୍କ ଭୋଟ ଚୋରି ହୋଇଗଲା ବୋଲି । ୧୯୯୫ ମସିହା ନିର୍ବାଚନ ପରଠାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରତ୍ୟାଖ୍ୟାତ ହୋଇ ଆସିଥିବା ତଥା ନିର୍ବାଚନରୁ ନିର୍ବାଚନ ଭୋଟ ପ୍ରତିଶତ ହରାଉଥିବା କଂଗ୍ରେସ ଦଳ କହୁଛି ଯେ ଏସ୍‌ଆଇଆର୍ ପାଇଁ ସେମାନେ ନିର୍ବାଚନ ହାରି ଯାଉଛନ୍ତି । ବାସ୍ତବରେ ଯେଉଁମାନେ ଭୋଟ ଚୋରିର ନାରା ଦେଉଛନ୍ତି ସେମାନେ ଜାଣିବା ଆବଶ୍ୟକ ଯେ ଲୋକମାନେ ଆଉ ଚୋରଙ୍କୁ ଭୋଟ ଦେଉନାହାନ୍ତି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

ଦରଦାମ ବୃଦ୍ଧି ନିୟନ୍ତ୍ରଣ ଓ ବିକାଶକୁ ସୁରକ୍ଷା ଦେବ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି: ସତ୍ୟବ୍ରତ ପଣ୍ଡା

ଭୁବନେଶ୍ୱର, ୦୮/୧୦ (ଆ.ପ୍ର) : ଦରବୃଦ୍ଧିରୁ ସାଧାରଣ ଲୋକଙ୍କ ଆୟ ଓ ସଂଚୟକୁ ସୁରକ୍ଷା ଦେବା ପାଇଁ ଅକ୍ଟୋବର ୭ରେ ରିଜର୍ଭ ବ୍ୟାଙ୍କ ନେଇଥିବା ମୁଦ୍ରାନୀତି ପଦକ୍ଷେପକୁ ଓଡ଼ିଶା ବିଜେପି ସ୍ୱାଗତ କରିଛି । ରେପୋ ହାରକୁ ୦.୨୫ ପ୍ରତିଶତାଙ୍କ ବଢ଼ାଇ ୫.୫୦ ପ୍ରତିଶତ କରିବା ଏବଂ ମାପିଚୁପି ମୁଦ୍ରାନୀତି କଠୋର କରିବାର (କାଲିବ୍ରେଟେଡ୍) ଆଭିମୁଖ୍ୟ ଗ୍ରହଣ କରିବା ଏକ ପ୍ରତିରୋଧାତ୍ମକ ଆଗୁଆ ନିଷ୍ପତି । ଦରଦାମ ଅନିୟନ୍ତ୍ରିତ ହେବା ପୂର୍ବରୁ ପଦକ୍ଷେପ ନେବା ଦାୟିତ୍ୱଶୀଳ ଅର୍ଥନୈତିକ ପରିଚାଳନାର ପରିଚୟ ବୋଲି ଏକ ପ୍ରେସ୍ ବିବୃତିରେ ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି । ଶ୍ରୀ ପଣ୍ଡା କହିଛନ୍ତି ଯେ, ରିଜର୍ଭ ବ୍ୟାଙ୍କର ନିଜସ୍ୱ ପୂର୍ବାନୁମାନରେ ଅଗଷ୍ଟର ମୁଦ୍ରାସ୍ଫୀତି ୪.୮୨ ପ୍ରତିଶତ ଥିଲାବେଳେ ବର୍ଷ ଶେଷକୁ ତାହା ୫.୨ ପ୍ରତିଶତ ଛୁଇଁ ପାରେ । ଏପରି ଆକଳନ ପରେ ରିଜର୍ଭ ବ୍ୟାଙ୍କର ନିଷ୍କ୍ରିୟତା ଆଦୌ ଉଚିତ୍ ନଥିଲା । ଶୁଖିଲା ଏକାକୀ ଖାଦ୍ୟ ଉତ୍ପାଦନ କରିବ ନାହିଁ କିମ୍ବା ଇନ୍ଧନର ଯୋଗାଣ ବଢ଼ାଇବ ନାହିଁ । କିନ୍ତୁ ଦରବୃଦ୍ଧିର ଚାପ ବ୍ୟାପକ ଓ ସ୍ଥାୟୀ ହେବାର ବିପଦ କମାଇପାରିବ । ଦ୍ରୁତ ଅଭିବୃଦ୍ଧି ହାର, ଶ୍ରମ ବଜାରର ଦୃଢ଼ତା, ବ୍ୟାଙ୍କିଂ ବ୍ୟବସ୍ଥାର ଉତ୍ତମ ସ୍ୱାସ୍ଥ୍ୟ, ସ୍ଥାୟୀ ପୁଞ୍ଜି ଗଠନ ଓ ଭିତିଭୂମି କ୍ଷେତ୍ରରେ ନିବେଶର ଉନ୍ନତି ସମ୍ଭାବ୍ୟ ଦରଦାମ ବୃଦ୍ଧି ବିରୋଧରେ ରିଜର୍ଭ ବ୍ୟାଙ୍କକୁ ଏପରି ସମୟୋଚିତ ନୀତି ନିର୍ଦ୍ଧାରଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିପାରିଛି । ଦରବୃଦ୍ଧି ଗରିବ ଓ ମଧ୍ୟବିତ ପରିବାରର ରୋଜଗାର ଓ ସଂଚୟକୁ ନିରବରେ ହ୍ରାସ କରିଥାଏ । ଆୟ ସମାନ ରହେ, କିନ୍ତୁ ସେହି ଟଙ୍କାରେ କମ୍ ଜିନିଷ ମିଳେ । ସଂଚିତ ଅର୍ଥର କ୍ରୟଶକ୍ତି ମଧ୍ୟ ପ୍ରଭାବିତ ହୁଏ । ତେଣୁ ଦରଦାମ ନିୟନ୍ତ୍ରଣ ଜନସାଧାରଣଙ୍କ ଆର୍ଥିକ ସୁରକ୍ଷାର ପ୍ରଶ୍ନ । ଆଜିର ରିଜର୍ଭ ବ୍ୟାଙ୍କ ସତର୍କତା ଦେଶର ସାଧାରଣ ଖାଉଟିଙ୍କୁ ଆଗାମୀ ଦିନର ବଢ଼ବୋଝରୁ ରକ୍ଷା କରିପାରିବ । ଏହି ନିଷ୍ପତିର ମୁଖ୍ୟ ସଙ୍କେତ ହେଉଛି, ସୁଧହାର ବଢ଼ାଇବା ସହ ରିଜର୍ଭ ବ୍ୟାଙ୍କ ୨୦୨୬-୨୭ ର ବାର୍ଷିକ । ଶ ପୂର୍ବାନୁମାନକୁ ୬.୭ ପ୍ରତିଶତରୁ ୭.୧ ପ୍ରତିଶତକୁ ବଢ଼ାଇଛି । ପୂର୍ବାନୁମାନ ଜିଡ଼ିପି ପରିଣାମ ନୁହେଁ; ତଥାପି ଏହା ଭାରତର ବିକାଶ ସାମର୍ଥ୍ୟ ପ୍ରତି ବିଶ୍ୱାସ ଦର୍ଶାଏ । ଭାରତ ଦୁର୍ବଳତାରୁ ନୁହେଁ, ସୁଦୃଢ଼ ଅର୍ଥନୈତିକ ଭିତିରୁ ମୁଦ୍ରାସ୍ଫୀତିର ମୁକାବିଲା କରୁଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଏପ୍ରିଲ୍-ଜୁନ୍ ୨୦୨୬ରେ ବାସ୍ତବ ଜିଡିପି ୭.୮ ପ୍ରତିଶତ, ସ୍ଥାୟୀ ପୁଞ୍ଜି ଗଠନ ୧୧.୯ ପ୍ରତିଶତ ଏବଂ ପରିବାରର ବାସ୍ତବ ଉପଭୋକ୍ତା ବ୍ୟୟ ୭.୧ ପ୍ରତିଶତ ବଢ଼ିଛି । କାରଖାନା, ଯନ୍ତ୍ରପାତି ଓ ଭିତିଭୂମିରେ ନିବେଶ ଆଗାମୀ ଉତ୍ପାଦନକୁ ଶକ୍ତି ଦେଉଛି । ଘରୋଇ ଚାହିଦା ମଧ୍ୟ ବିକାଶକୁ ସମର୍ଥନ କରୁଛି । ଏହି ସାମର୍ଥ୍ୟ ଦରବୃଦ୍ଧି ବିରୋଧରେ ଆଗୁଆ ପଦକ୍ଷେପ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି । ଅଗଷ୍ଟ ୨୦୨୬ର ପିଏଲ୍‌ଏଫ୍‌ଏସ୍ ଅନୁସାରେ ୧୫ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ବେକାରି ହାର ୫ ପ୍ରତିଶତ, କାର୍ଯ୍ୟରତ ଜନସଂଖ୍ୟା ଅନୁପାତ ୫୨.୮ ପ୍ରତିଶତ ଏବଂ ଶ୍ରମଶକ୍ତିରେ ଅଂଶଗ୍ରହଣ ୫୫.୬ ପ୍ରତିଶତ ରହିଛି । ମଜୁରି ଓ କାମର ଗୁଣବତା ସମ୍ପର୍କିତ ଆହ୍ୱାନ ରହିଥିଲେ ମଧ୍ୟ ଏହି ତଥ୍ୟ ଶ୍ରମବଜାରର ସାମଗ୍ରିକ ସ୍ଥିରତା ସୂଚାଉଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି । ବ୍ୟାଙ୍କିଂ ବ୍ୟବସ୍ଥାର ସୁଧାର ଆଉ ଏକ ନିର୍ଣ୍ଣାୟକ ଶକ୍ତି । ଅନୁସୂଚିତ ବାଣିଜ୍ୟିକ ବ୍ୟାଙ୍କର ମୋଟ ଅନାଦେୟ ଋଣ ଅନୁପାତ ମାର୍ଚ୍ଚ ୨୦୧୮ର ୧୧.୧୮ ପ୍ରତିଶତରୁ ସେପ୍ଟେମ୍ବର ୨୦୨୫ରେ ୨.୦୫ ପ୍ରତିଶତକୁ କମିଛି । ନିଟ୍ ଅନାଦେୟ ଋଣ ୫.୯୪ ପ୍ରତିଶତରୁ ୦.୪୮ ପ୍ରତିଶତକୁ ହ୍ରାସ ପାଇଛି । ପୁଞ୍ଜି ପର୍ଯ୍ୟାପ୍ତତା ବା କ୍ୟାପିଟାଲ ଆଡିକ୍ୱେସି ହାର ୧୩.୮୫ ପ୍ରତିଶତରୁ ୧୭.୨୪ ପ୍ରତିଶତକୁ ବଢ଼ିଛି । ଏହା ସମ୍ଭାବ୍ୟ କ୍ଷତି ସହ୍ୟ କରିବା ପାଇଁ ବ୍ୟାଙ୍କର ନିଜସ୍ୱ ପୁଞ୍ଜିର ସୁରକ୍ଷାକୁ ମାପ କରିଥାଏ । ମୋଦୀ ସରକାରଙ୍କ ବ୍ୟାଙ୍କିଙ୍ଗ୍ ସଂସ୍କାର, ଭିତିଭୂମି ନିର୍ମାଣ ଓ ପୁଞ୍ଜିନିବେଶ ଏହି ସାମର୍ଥ୍ୟକୁ ଶକ୍ତି ଦେଇଛି । ଅଟକିଥିବା ପ୍ରକଳ୍ପ ଓ ଅନାଦେୟ ଋଣର ବୋଝ ଥିଲେ କେବଳ ଶସ୍ତା ଋଣ ସ୍ଥାୟୀ ବିକାଶ ଆଣିପାରେ ନାହିଁ । ସୁସ୍ଥ ବ୍ୟାଙ୍କ ଓ ଉତ୍ପାଦନଶୀଳ ନିବେଶ ହିଁ ବିକାଶର ଦୃଢ଼ ଆଧାର ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଋଣଖର୍ଚ୍ଚ ବୃଦ୍ଧିର ପ୍ରଭାବକୁ ଗୁରୁତ୍ୱ ଦେଇ ମାପିଚୁପି ପଦକ୍ଷେପ, ଯୋଗାଣର ସୁଧାର ଓ ଦକ୍ଷ ଯୋଜନା କାର୍ଯ୍ୟାନ୍ୱୟନ ଆବଶ୍ୟକ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଓଡ଼ିଶାର ପରିବାର, ଚାଷୀ ଓ କ୍ଷୁଦ୍ର ଉଦ୍ୟୋଗ ପାଇଁ ସ୍ଥିର ଦରଦାମ ଏବଂ ନିର୍ଭରଯୋଗ୍ୟ ଋଣ ଉଭୟ ଜରୁରୀ । ଏବଂ ରାଜ୍ୟ ସରକାର ଏଥିପ୍ରତି ସଜାଗ ରହିଛନ୍ତି । ରିଜର୍ଭ ବ୍ୟାଙ୍କର ସ୍ୱାଧୀନ, ତଥ୍ୟଭିତିକ ନିଷ୍ପତିକୁ ସମର୍ଥନ କରି ଦଳ କହିଛି ଯେ ଦରବୃଦ୍ଧିକୁ ଲଗାମ ଦେବା ଦ୍ୱାରା ହିଁ ବିକାଶର ସୁଫଳକୁ ସାଧାରଣ ଲୋକଙ୍କ ପାଇଁ ସୁରକ୍ଷିତ ରଖି ପାରିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

ବନ୍ୟପ୍ରାଣୀ ସୁରକ୍ଷା ଏବଂ ମଣିଷ-ବନ୍ୟପ୍ରାଣୀଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନେଇ ବନଖଣ୍ଡ ପକ୍ଷରୁ ଶୋଭାଯାତ୍ରା

ବଣାଇ, ୦୮/୧୦ (ଆ.ପ୍ର) : ବିଶ୍ୱ ଜୀବଜନ୍ତୁଙ୍କ ସୁରକ୍ଷା, ଅଧିକାର ଏବଂ ସେମାନଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରିବାର ବାର୍ତା ନେଇ ଆଜି ପାଳିତ ହେଉଛି 'ବନ୍ୟପ୍ରାଣୀ ଓ ପରିବେଶ ସୁରକ୍ଷା' ଦିବସ । ଆଜି ଜୀବଜନ୍ତୁଙ୍କ ପ୍ରତି ମଣିଷର ଦାୟିତ୍ୱବୋଧକୁ ସ୍ମରଣ କରାଇବା ଏବଂ ବିଲୁପ୍ତପ୍ରାୟ ତଥା ଘରୋଇ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏକ ଆହ୍ୱାନ ମଣିଷ ସମାଜ ପାଇଁ ଜରୁରୀ ହୋଇଛି । ବର୍ତମାନର ଆଧୁନିକ ସଭ୍ୟତା, ନଗରୀକରଣ ଏବଂ ଜଳବାୟୁ ପରିବର୍ତନ ଯୋଗୁଁ ବହୁ ମୂଲ୍ୟବାନ ବନ୍ୟଜନ୍ତୁ ନିଜର ପ୍ରାକୃତିକ ପରିବେଶ ହରାଉଥିବା ବେଳେ ଅନେକ ଅସହାୟ ଗୃହପାଳିତ ପ୍ରାଣୀ ନିର୍ଯାତନାର ଶିକାର ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରାଣୀମାନଙ୍କୁ କେବଳ ଏକ ସମ୍ପଦ ଭାବେ ନଦେଖି ସେମାନଙ୍କ ଜୀବନ ଓ ନିରାପତାକୁ ସମ୍ମାନ ଦେବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ବିଭିନ୍ନ ପରିବେଶବିତ୍, ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥା ଏବଂ ସମାଜସେବୀମାନେ ଜୀବଜନ୍ତୁଙ୍କୁ ଭଲପାଇବା । ସେମାନଙ୍କ ଆଶ୍ରୟ ଓ ଚିକିତ୍ସା ବ୍ୟବସ୍ଥା କରିବା ସହ ପ୍ରାଣୀ ନିଷ୍ଠୁରତା ବନ୍ଦ କରିବା ପାଇଁ ଜନସାଧାରଣଙ୍କୁ ସଚେତନ ହେବାକୁ ଆହ୍ୱାନ ଦେଇଛନ୍ତି । କାରଣ ଏକ ସନ୍ତୁଳିତ ପରିବେଶ ଓ ଜୈବବିବିଧତା ବଜାୟ ରଖିବା ପାଇଁ ଜୀବଜନ୍ତୁଙ୍କ ସୁରକ୍ଷା ନିତାନ୍ତ ଅପରିହାର୍ଯ୍ୟ । ଏହି ପରିପ୍ରେକ୍ଷୀରେ ବଣାଇ ବନଖଣ୍ଡ ତରଫରୁ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଏକ ବିଶାଳ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବଣାଇ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ, ଆଇଆଇସି ପିଙ୍କି ମୁର୍ମୁ, ପିଏ-ଆଇଟିଡିଏ ସ୍ୱଦୀପ ଟପ୍ପୋ, ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ଏସିଏଫ୍,ପିଆର୍ ସରଭଜିତ୍, (ଆଇଏଫ୍‌ଏସ୍), ଏସିଏଫ୍ ଦୁର୍ଯ୍ୟୋଧନ ଜରାଇ, ଏସିଏଫ୍ ସୁମିତ କୁମାର ମହାନ୍ତି ଏବଂ ବଣାଇ ରେଞ୍ଜର ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସର୍ବପ୍ରଥମେ ବାବା ବାଣେଶ୍ୱର ମନ୍ଦିର ଗେଟ୍ ? ନିକଟରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ କନ୍ତଯୋଡ଼ି ବିଜୁ ପାର୍କ ଛକଠାରେ ପହଂଚିଥିଲା । "ହାତୀ ବଂଚାଅ, ଜଙ୍ଗଲ ବଂଚାଅ", "ପ୍ରକୃତି ବଂଚିଲେ ଆମେ ବଂଚିବା" ଏବଂ "ଜଙ୍ଗଲ ଓ ବନ୍ୟଜନ୍ତୁ ଆମର ସାଥୀ" ଭଳି ସ୍ଲୋଗାନ ଦେଇ ସାଧାରଣ ଜନତାଙ୍କୁ ବନ୍ୟପ୍ରାଣୀ ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା ।

କୋକସରାରେ କଂଗ୍ରେସର ୧୨ ଘଂଟିଆ ବନ୍ଦ ପାଳନ

କୋକସରା, ୦୮/୧୦ (ଆ.ପ୍ର) : ସିରସିଙ୍କ ଇସ୍ତଫା, ଖଣି ଆଇନ ରଦ୍ଦ, ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଆଦି ଦାବି ନେଇ ଗୁରୁବାର ଇଣ୍ଡିଆ ମେଂଟର ଆହ୍ୱାନ କ୍ରମେ ଓଡ଼ିଶାରେ ୧୨ ଘଂଟିଆ ବନ୍ଦ ଡାକରା ଦିଆଯାଇଛି । ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ କଂଗ୍ରେସ ପକ୍ଷରୁ ଓଡ଼ିଶାରେ ବନ୍ଦ ପାଳନ କରାଯାଇଛି । ଏହି କ୍ରମରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କଂଗ୍ରେସ କମିଟି ସଭାପତି ଲକ୍ଷ୍ମଣ ସବରଙ୍କ ନେତୃତ୍ୱରେ କୋକସରା ଥାନା ସମ୍ମୁଖରେ ସକାଳ ୬ଟା ସମୟରୁ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରିଛନ୍ତି । ଦଳୀୟ କର୍ମୀମାନେ ପିକେଟିଂ କରିବା ସହ ସରକାରୀ, ବେସରକାରୀ ଅଫିସ୍ ବନ୍ଦ କରିଥିଲେ । ବନ୍ଦ ପ୍ରଭାବରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନ ବାହାନ ଅଟକି ରହିଥିଲା, ଆମ୍ବୁଲାନ୍ସ, ସ୍ୱାସ୍ଥ୍ୟ ସେବା ଭଳି ଜରୁରୀକାଳୀନ ସେବାକୁ ବନ୍ଦରୁ ବାଦ ଦିଆଯାଇଥିଲା । ବିଭିନ୍ନ ଦଳ ଜନ ସାଧାରଣଙ୍କ ସହଯୋଗ କ୍ରମେ କୋକସରାରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ସଫଳ ହୋଇଥିଲା । ଏହି ବନ୍ଦ ପାଳନରେ ବ୍ଲକ ସଭାପତିଙ୍କ ସମେତ ମହିଳା ନେତ୍ରୀ ଫୁଲତୋଲା ଖମାରୀ, ବ୍ଲକ କଂଗ୍ରେସ କମିଟି ଉପ ସଭାପତି ଚିତ୍ରଚନ୍ଦ୍ର ଧମାଝୀ, ସମ୍ପାଦକ ଅଭି ପଟ୍ଟନାୟକ, ରାଜୀବଗାନ୍ଧୀ ସଂଗଠନର ସଭାପତି ଅରୁଣ ମାଝୀ, ଦ୍ରୋଣ ନାଏକ, ଗୋକୁଳ ଦାଣ୍ଡିକ, ଅମପାଣି ଜୋନ ସଭାପତି ନୃପରାଜ ନାଏକ, ସମ୍ପାଦକ ଲକ୍ଷ୍ମଣ ବାଗ, ଅଜୟ କୁମାର ପଣ୍ଡା, ଭୂଷଣ ମହାନନ୍ଦ, ପରାଶର ବେମାଳ, ବନମାଳୀ ପାଣିଗ୍ରାହୀ, ଗୀତାଞ୍ଜଳି ଗୋପାଳ, ସବିତା ଗୋପାଳ, ଶୈଳେନ୍ଦ୍ର ଗୋପାଳ, ଦୀପସୁନ୍ଦର ଶବର, ବିଦ୍ୟାଧର ଶବର, ନିମାଇ ଚରଣ ଧ.ମାଝୀ, ଭୁକଧର ପୋଡ଼, ପରମେ ଶରଡିଆ ପ୍ରମୁଖ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ ।

୭୨ ତମ ବନ୍ୟ ପ୍ରାଣୀ ସପ୍ତାହ ପାଳନ



କୁକୁଡ଼ାଖଣ୍ଡି, ୦୮/୧୦ (ଆ.ପ୍ର) : ଗଞ୍ଜାମ ଜିଲ୍ଲା ଜିଲ୍ଲା କୁକୁଡାଖଣ୍ଡି ବ୍ଲକ ରୋହି ଗାଁ ପଂଚାୟତ ପାଣ୍ଡିଆଝୋଳି ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଂଚଳିକ ବିକାଶ ପରିଷଦ ତରଫରୁ ବିଶ୍ୱ ବନ୍ୟ ପ୍ରାଣୀ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବିଧୁ ଭୂଷଣ ରାଉତ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମଣିଷ ସମାଜ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ସହ ନିଜର କର୍ତବ୍ୟ ପାଳନ ପାଇଁ ଛାତ୍ର ଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ପରିଷଦର ସଭାପତି ସାଗର କୁମାର ପାତ୍ର ଓ କୋଷାଧ୍ୟକ୍ଷ ଧର୍ମରାଜ ପାତ୍ର ସ୍ଥାନୀୟ ଅଂଚଳରେ ଦେଖା ଯାଉଥିବା କୃଷ୍ଣସାର ମୃଗର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ୍ୟ ପ୍ରାଣୀ ସୁରକ୍ଷା ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବନ ରକ୍ଷୀ ପିଙ୍କି ସାହୁ, ସମ୍ପାଦକ ବିଜେନ୍ଦ୍ର ମାଝୀ, ବିଦ୍ୟାଳୟ ପରିଚାଳନା ସଭାପତି ରବୀନ୍ଦ୍ର ବିଷୋୟୀ, ସହକାରୀ ଶିକ୍ଷୟିତ୍ରୀ କ୍ଷୀରାବ୍ଧି ତନୟା ପାତ୍ର, ପ୍ରବୀଣ ଶତପଥୀ, ସିମାଂଚଳ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଦୁର୍ଗା ପୂଜା ପାଇଁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ

ଯାଜପୁର, ୦୮/୧୦ (ଆ.ପ୍ର) : ଯାଜପୁର ସଦର ଥାନା ଅନ୍ତର୍ଗତ ମହେଶ୍ୱର ପୁର ପଂଚାୟତର ପୁରୁଷୋତମ ପୁର ଓ ମହେଶ୍ୱର ପୁର ରେ ହେବାକୁ ଥିବା ଦୁର୍ଗା ପୂଜା ଶାନ୍ତି ଶୃଙ୍ଖଳାର ସହ ପାଳନ ନିମନ୍ତେ ଶାନ୍ତି କମିଟିର ଏକ ବୈଠକ ଗତ ତା ୦୭/୧୦/୨୦୨୬ ରିଖ ସନ୍ଧ୍ୟା ୬ ଘଟିକା ସମୟରେ ରାୟ ସାହି ପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ବ୍ରଜକିଶୋର ପାତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଦର ଥାନା ଅଧିକାରୀଣୀ ଚିନ୍ମୟୀ ବେହେରାଙ୍କ ଉପସ୍ଥିତିରେ ବିଭିନ୍ନ ପୂଜା କମିଟିର ସଦସ୍ୟ ତଥା ବିଷ୍ଣୁନ୍ ସାହିର ରବୀନ୍ଦ୍ର ବେହେରା, ମାଧବ ମାଝୀ, ସୁନିଲ ଘୋଷ, ରାୟ ସାହିର ଉଦୟ ଶଙ୍କର ରାୟ, ସୁଜିତ୍ କୁମାର ରାୟ, ସୁରେଶ ରାଉତ୍, ଘୋଷ ସାହିର ଅଞ୍ଜନ କୁମାର ଘୋଷ, ଆଶୁତୋଷ ବାନାର୍ଜୀ, ହର ଗୌରୀ ପୂଜା କମିଟିର ସୁଶାନ୍ତ ବେହେରା,ରବୀନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷ ମା' ଦୁର୍ଗାଙ୍କ ପୂଜା ଶାନ୍ତି ଶୃଙ୍ଖଳାର ସହ ପାଳନ ନିମନ୍ତେ ପ୍ରତ୍ୟେକ ପୂଜା ମଣ୍ଡପରେ ସୁରକ୍ଷା ଦୃଷ୍ଟିରୁ ପୋଲିସ ମୁତୟନ । ଦଶହରା ଦିନ ସନ୍ଧ୍ୟାରେ ଭସାଣି ଶୋଭାଯାତ୍ରାକୁ ନିୟନ୍ତ୍ରଣ କରିବା, ଭସାଣୀ ଶୋଭାଯାତ୍ରାରେ ଉଚ୍ଚ ଶବ୍ଦ ସମ୍ପନ୍ନ ଡିଜେ ଉପରେ କଟକଣା ଜାରି କରିବା, ନିଶାସକ୍ତ ବ୍ୟକ୍ତିଙ୍କ ଉପରେ ପୋଲିସ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, କବିର ପୁର ଦଶହରା ପଡ଼ିଆରେ ୪ଗୋଟି ମେଢ଼ର ଭସାଣୀ ଉତ୍ସବ ଓ ରାବଣ ପୋଡ଼ି ସକାଳ ୧୦ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୩ ଘଟିକା ମଧ୍ୟରେ ଶେଷ କରିବାକୁ ସର୍ବସମ୍ମତ କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି । ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ବ୍ୟାପକ ପୋଲିସ ମୁତୟନ ସହ ସଦର ଥାନା ଅଧିକାରୀଣୀ ଚିନ୍ମୟୀ ବେହେରା ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ଏରସମାରେ ସଫଳ ଓଡ଼ିଶା ବନ୍ଦ, ପୋଲିସ-ଆନ୍ଦୋଳନକାରୀ ଧସ୍ତାଧସ୍ତି

ଏରସମା, ୦୮/୧୦ (ଆ.ପ୍ର) : ଇଣ୍ଡିଆ ମେଂଟ ଓ କଂଗ୍ରେସ ପକ୍ଷରୁ ଗୁରୁବାର ୧୨ ଘଂଟିଆ ଓଡ଼ିଶା ବନ୍ଦ ପାଳନ କରାଯାଇଛି । ଏହାର ପ୍ରଭାବ ଜଗତସିଂହପୁର ଜିଲ୍ଲାର ଏରସମା ଅଂଚଳରେ ମଧ୍ୟ ପରିଲକ୍ଷିତ ହୋଇଛି । ବନ୍ଦକୁ ସଫଳ କରିବା ପାଇଁ ଇଣ୍ଡିଆ ମେଂଟର ବିଭିନ୍ନ ଦଳର କର୍ମୀମାନେ ରାସ୍ତାକୁ ଓହ୍ଲାଇ ଯାନବାହନ ଚଳାଚଳ ବନ୍ଦ କରିଥିଲେ । ଏରସମା ବ୍ଲକ ଛକଠାରେ କଂଗ୍ରେସ କର୍ମୀମାନେ ବ୍ୟାନର ଲଗାଇ ବିଭିନ୍ନ ଗାଡ଼ିମୋଟରକୁ ଅଟକାଇଥିଲେ । ଫଳରେ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିଲା । ଏହି ସମୟରେ ରାସ୍ତାରୁ ଆନ୍ଦୋଳନକାରୀଙ୍କୁ ହଟାଇବାକୁ ପୋଲିସ ଉଦ୍ୟମ କରିବାରୁ ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଧରି ଧସ୍ତାଧସ୍ତି ହୋଇଥିଲା । ଫଳରେ କିଛି ସମୟ ପାଇଁ ଏରସମା ଅଂଚଳରେ ପରିସ୍ଥିତି ଉତେଜନାପୂର୍ଣ୍ଣ ହୋଇଥିଲା । ଅନ୍ୟପକ୍ଷରେ ବରିଷ୍ଠ ସିପିଆଇ ନେତା ରାସ୍ତା ଉପରେ ଶୋଇ ବନ୍ଦକୁ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା । ବନ୍ଦ ଯୋଗୁଁ ବସ୍, ଟ୍ରକ୍ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା । ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ବିଭିନ୍ନ ଅନୁଷ୍ଠାନର ମୁଖ୍ୟ ଦ୍ୱାର ବନ୍ଦ ରହିଥିବାବେଳେ କେତେକ ସ୍ଥାନରେ ଶିକ୍ଷାନୁଷ୍ଠାନ ଚାଲୁ ରହିଥିଲା । ବିଭିନ୍ନ ହାଟବଜାର ମଧ୍ୟ ବନ୍ଦ ରହିଥିଲା । ତେବେ ଜରୁରୀକାଳୀନ ସେବାକୁ ବନ୍ଦରୁ ବାଦ ଦିଆଯାଇଥିଲା । କ୍ଷୀର ଗାଡ଼ି, ୧୦୨ ଓ ୧୦୮ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବିଭାଗର ଗାଡ଼ି ଚଳାଚଳ କରୁଥିଲା । ଏରସମାରେ ଆନ୍ଦୋଳନରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ନଳିନୀ ସ୍ୱାଇଁ, ଏରସମା ବ୍ଲକ କଂଗ୍ରେସ ସଭାପତି ପିନାକୀ ନାରାୟଣ ଦାସ, ରବିନ୍ଦ୍ର ମୁଦୁଲି, ସିପିଆଇ (ଏମ୍) ନେତା ଶଶୀଭୂଷଣ ସ୍ୱାଇଁ, ରାମଚନ୍ଦ୍ର ମୁଦୁଲି, ଦେବାଶିଷ ପରିଡାଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ । ସେହିପରି ବାଲିତୁଠ ବଜାର ଛକରେ ବାଲିତୁଠ ପଂଚାୟତ କଂଗ୍ରେସ ସଭାପତି ଅଖିଳ ବଲ୍ଲଭ ସ୍ୱାଇଁ, ସିପିଆଇ ନେତା ପ୍ରଫୁଲ୍ଲ କୁମାର ଦାସ, ଶିଶିର ସ୍ୱାଇଁଙ୍କ ସମେତ ବହୁ ଆନ୍ଦୋଳନକାରୀ ବନ୍ଦକୁ ସମର୍ଥନ କରିଥିଲେ । ଆନ୍ଦୋଳନ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି ।

ହିର୍ଲି ଡଙ୍ଗରୀର ହେବ ନବକଳେବର - ବିକଶିତ ହେବ ଭ୍ୟୁ ପଏଂଟ, ୱାଚ୍ ଟାୱାର ଓ ପର୍ଯ୍ୟଟନ ସୁବିଧା

ନବରଙ୍ଗପୁର, ୦୮/୧୦ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହିର୍ଲି ଡଙ୍ଗରୀର ସାମଗ୍ରିକ ବିକାଶ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ଆଜି ପ୍ରସ୍ତାବିତ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ହୋଇଛି । ମାନ୍ୟବର ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଏବଂ ଜିଲ୍ଲାପାଳ ଡ଼ା ମହେଶ୍ୱର ସ୍ୱାଇଁ ଆଜି ସକାଳେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ପୂର୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କ୍ଷୀରଧର କାନାପନ, ନବରଙ୍ଗପୁର ବିଡିଓ ସୁନୀଲ ଖୋରା, ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ପ୍ରାୟ ୪୯୯.୯୦ ଲକ୍ଷ ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପରେ ହିର୍ଲି ଡଙ୍ଗରୀର ଭ୍ୟୁ ପଏଂଟ ଓ ୱାଚ୍ ଟାୱାରର ନବୀକରଣ, ରାସ୍ତା ପ୍ରଶସ୍ତୀକରଣ, ଅଂଚଳରେ ଆଲୋକୀକରଣ ଏବଂ ହାଇମାଷ୍ଟ ଲାଇଟ୍ ସ୍ଥାପନ, ମୁଖ୍ୟ ପ୍ରବେଶ ଦ୍ୱାର, ସୁରକ୍ଷା କକ୍ଷ ଓ ଟିକେଟ୍ କାଉଂଟର ସହ ପ୍ରବେଶ ଦ୍ୱାର, ଏଂଟ୍ରାନ୍ସ ପ୍ଲାଜା, ନୂତନ ଆଭ୍ୟନ୍ତରୀଣ ଯାନ ଚଳାଚଳ ରାସ୍ତା, ପାର୍କିଂ ବ୍ୟବସ୍ଥା, ମ୍ୟୁଜିୟମ୍, କାଫେ ଓ ଆଉଟ୍‌ଡୋର ଡାଇନିଂ, ଫାଉଂଟେନ୍, ଗେଜେବୋ ଏବଂ ମନୋରଞ୍ଜନ ଭଳି ବିଭିନ୍ନ କାର୍ଯ୍ୟ କରାଯିବ । ଏହା ଦ୍ୱାରା ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ଯାତାୟାତ, ମନୋରଞ୍ଜନ ଓ ସୁବିଧା ସହିତ ଏକ ଆକର୍ଷଣୀୟ ପର୍ଯ୍ୟଟନ ପରିବେଶ ସୃଷ୍ଟି ହେବ । ଏଥିସହ ପାହାଡ଼ ପାଦଦେଶକୁ ଯାଉଥିବା ପ୍ରଚଳିତ ସିଡ଼ିର ଉନ୍ନତି, ପ୍ରଚଳିତ ଓ ନୂତନ ୱାଚ୍ ଟାୱାର, ଜିମ୍ ଓ ଶିଶୁମାନଙ୍କ ପାଇଁ ଖେଳ ପଡ଼ିଆ, ଆଉଟ୍‌ଡୋର ଜିମ୍, ନୂତନ ପଥପ୍ରଣାଳୀ, ଶୌଚାଳୟ ବ୍ଲକ୍ ଏବଂ ରାସ୍ତା ପାର୍ଶ୍ୱରେ ହେଜ୍ ? ଓ ଶିଳ୍ପକଳା ସ୍ଥାପନ ଭଳି ବିଭିନ୍ନ ସୁବିଧା ଉପଲବ୍ଧ କରାଯିବ । ହିର୍ଲି ଡଙ୍ଗରୀର ଏହି ସମନ୍ୱିତ ବିକାଶ ଦ୍ୱାରା ନବରଙ୍ଗପୁର ଜିଲ୍ଲାର ପର୍ଯ୍ୟଟନ ଭିତିଭୂମି ଆହୁରି ସୁଦୃଢ଼ ହେବା ସହ ଏହି ଅଂଚଳକୁ ଏକ ଆକର୍ଷଣୀୟ ପର୍ଯ୍ୟଟନ ଓ ପରିବାର ମନୋରଞ୍ଜନ କେନ୍ଦ୍ର ଭାବେ ବିକଶିତ କରିବାରେ ସହାୟକ ହେବ । ଏହା ସ୍ଥାନୀୟ ଅର୍ଥନୀତିକୁ ଗତି ଦେବା ସହ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧିରେ ମଧ୍ୟ ସହାୟକ ହେବ ।

ପର୍ଯ୍ୟଟନ ମନ୍ତ୍ରୀଙ୍କ ଅଂଚଳର ମୁଖ୍ୟରାସ୍ତା ସବୁ ଶୋଚନୀୟ ହୋଇପଡ଼ିଛି, ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି ପର୍ଯ୍ୟଟକ

ନିମାପଡା, ୦୮/୧୦ (ଆ.ପ୍ର) : ପର୍ଯ୍ୟଟନର ବିକାଶ, ପର୍ଯ୍ୟଟନ ସ୍ଥଳୀ ସବୁର ଉନ୍ନତୀକରଣ ପାଇଁ ବିଭାଗୀୟ ମନ୍ତ୍ରୀ ବଡ଼ ବଡ଼ ସ୍ଲୋଗାନ୍ ଦେଉ ଥିଲେ ମଧ୍ୟ ନିମାପଡା ଗୋପ ଅଂଚଳରେ ଥିବା ପର୍ଯ୍ୟଟନସ୍ଥଳୀକୁ ପରିଭ୍ରମଣରେ ଆସୁଥିବା ରାଜ୍ୟର ବିଭିନ୍ନ ଅଂଚଳ ଓ ରାଜ୍ୟ ବାହାରର ପର୍ଯ୍ୟଟକମାନେ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି । ସୂର୍ଯ୍ୟମନ୍ଦିର ବା ବ୍ଲାକ ପାଗୋଡା ପାଇଁ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ କୋଣାର୍କ, ଚନ୍ଦ୍ରଭାଗା ବେଳାଭୂମି, ରାମଚଣ୍ଡୀ ମନ୍ଦିର, ଅଷ୍ଟଚଣ୍ଡୀଙ୍କ ଭିତରେ ମାନ୍ୟତା ପାଇଥିବା କାକଟପୁରର ପ୍ରସିଦ୍ଧ ମା' ମଙ୍ଗଳାଙ୍କ ମନ୍ଦିର, ଅସ୍ତରଙ୍ଗର ଚାହାନିଆଁ ପୀର ପୀଠ ଓ ବେଳାଭୂମି, ଚାରିଛକ ନିକଟସ୍ଥ ପ୍ରାଚୀ ଉପତ୍ୟକାର ପ୍ରସିଦ୍ଧ ବରାହୀ ମନ୍ଦିର ଓ ଶ୍ରୀ ଜଗନ୍ନାଥଙ୍କ ମାମୁଁ ଘର ଭାବେ ପରିଚିତ ମାଧବ ଗ୍ରାମର ଦୁର୍ଗା ମାଧବ ମନ୍ଦିରକୁ ପରିଦର୍ଶନ ପାଇଁ ପର୍ଯ୍ୟଟକମାନେ କଟକ, ଭୁବନେଶ୍ୱର, ପୁରୀ ଠାରୁ ସଡ଼କ ପଥରେ ଯାଇଥାନ୍ତି । ଏହି ସ୍ଥାନ ସବୁକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଗୁଡ଼ିକ ପର୍ଯ୍ୟଟନ ମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀ ଦେଇ ଯାଇଛି । କଟକ - କାକଟପୁର, ଭୁବନେଶ୍ୱର - ଅସ୍ତରଙ୍ଗ, ପୁରୀ-କୋଣାର୍କ ମୁଖ୍ୟ ରାସ୍ତାର ଅବସ୍ଥା ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି । ବର୍ଷା ଋତୁ ପରେ ଏବେ ଆସିଯିବ ପର୍ଯ୍ୟଟନ ଋତୁ । ପାର୍ବଣ ପୂଜା ଆରମ୍ଭ ହୋଇ ଯାଇଥିବାରୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ମାନେ କାକଟପୁରର ମଙ୍ଗଳା ମନ୍ଦିର, ପ୍ରାଚୀ ଉପତ୍ୟକାର ବରାହୀ ମନ୍ଦିର, ପୁରୀ - କୋଣାର୍କ ବେଳାଭୂମିର ରାମଚଣ୍ଡୀ ମନ୍ଦିରକୁ ଆସୁଛନ୍ତି । ପର୍ଯ୍ୟଟନ ଋତୁରେ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏହି ଅଂଚଳକୁ ପରିଭ୍ରମଣରେ ଆସିବେ । ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବାରୁ ପର୍ଯ୍ୟଟକ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ଆଗକୁ ହଇରାଣ ହରକତ ହେବା ଆଶଙ୍କା ସୃଷ୍ଟି ହୋଇଛି । ପର୍ଯ୍ୟଟନର ବିକାଶ ପାଇଁ ପ୍ରଚାର, ଉତ୍ସବ ଓ ବିଭିନ୍ନ ଯୋଜନା ଉପରେ ବିଭାଗୀୟ ମନ୍ତ୍ରୀ ଯେପରି ଗୁରୁତ୍ୱ ଦେଉଛନ୍ତି ପର୍ଯ୍ୟଟକମାନଙ୍କ ମୌଳିକ ଯାତାୟାତ ସୁବିଧା ନିଶ୍ଚିତ କରିବାକୁ ସମାନ ଗୁରୁତ୍ୱ ଦେବା ଜରୁରୀ ହୋଇ ପଡ଼ିଛି ବୋଲି ମତ ପ୍ରକାଶ ପାଇଛି ।ସାଧାରଣ ଲୋକମାନେ ସରକାରଙ୍କୁ ରୋଡ୍ ଟ୍ୟାକ୍ସ, ଟୋଲ୍ ଟ୍ୟାକ୍ସ, ଫିଟନେସ୍, ପରମିଟ୍ ସମେତ ବିଭିନ୍ନ ପ୍ରକାର ଟିକସ ଓ ଶୁଳ୍କ ପ୍ରଦାନ କରୁଛନ୍ତି । ସୁବିଧାରେ ବିଭିନ୍ନ ସ୍ଥାନକୁ ଯାତାୟାତ କରିବା ସେମାନଙ୍କର ମୌଳିକ ଅଧିକାର ରହିଛି । ଯଥାଶୀଘ୍ର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଗୁଡ଼ିକର ମରାମତି କରିବା ଦିଗରେ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୃଷ୍ଟି ଦେବାକୁ ଅଂଚଳ ବାସୀମାନଙ୍କ ପକ୍ଷରୁ ଦାବି ହେଉଛି । ଅନ୍ୟ ପକ୍ଷରେ ରଥ ଯାତ୍ରା ପର ଠାରୁ ଏହି ସବୁ ରାସ୍ତା ପ୍ୟାଚ ଆକାରେ ଲକ୍ଷ ଲକ୍ଷ ଟଙ୍କା ବିଲ ହୋଇଥିଲେ ମଧ୍ୟ ପ୍ୟାଚ ଜନ ସାଧାରଣଙ୍କ କାର୍ଯ୍ୟରେ ଆସୁନି.. ପୂର୍ତ ବିଭାଗ ଅଧିକାରୀ କେତେକଙ୍କୁ ପକେଟ ଖର୍ଚ୍ଚଦେଇ ମୁହଁ ଚୁପ କରିବାକୁ କହୁଥିବା ଶୁଣିବାକୁ ମିଳୁଛି । ରାସ୍ତା ମରାମତି ଓ ପ୍ୟାଚ ଆକାରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହାର ଉଚ୍ଚ ସ୍ତରୀୟ ତଦନ୍ତ ଲାଗି ସାଧାରଣରେ ଦାବି ହେଉଛି ।

ସେଇଠୁ ଆରମ୍ଭ
SEITHO ARAMBHA

'ଆଜିକାଲି'ର ପୂର୍ବତନ ସମ୍ପାଦକ ବିସ୍ମୟ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ

ବାଲେଶ୍ୱର, ୦୮/୧୦ (ଆ.ପ୍ର) : ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ପ୍ରକୋଷ୍ଠରେ 'ଆଜିକାଲି'ର ସମ୍ପାଦକ ସ୍ୱର୍ଗତ ବିସ୍ମୟ ମହାନ୍ତିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିଚାରଣ ସଭା କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ । ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ପ୍ରେସ କ୍ଲବର ସଭାପତି ଉତ୍କଳ ଚନ୍ଦ୍ର କର, 'ଧ୍ୱନି ପ୍ରତିଧ୍ୱନି'ର ପ୍ରତିଷ୍ଠାତା ସୃଷ୍ଟିଧର ପରିଡ଼ା, ଦୈନିକ ଖବରକାଗଜ 'ସେଇଠୁ ଆରମ୍ଭ' ଖବର କାଗଜର ସମ୍ପାଦକ ଶୁଭେନ୍ଦୁ ଦାସ ଏବଂ ଗୋପାଳ କର ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସହିତ ବିତେଇଥିବା ବହୁ ସ୍ମୃତି ବଖାଣିଥିଲେ । କମିଟିର ଉପସଭାପତି ସନ୍ଦୀପ୍ତ ଦାସ ସ୍ମୃତିଚାରଣ କରିବା ସହିତ କମିଟିକୁ କିଭଳି ଭାବରେ ଅଧିକ ମଜବୁତ କରି ସାମ୍ବାଦିକମାନଙ୍କ ସୁଖଦୁଃଖରେ ଠିଆ ହୋଇପାରିବ ସେ ବାବଦରେ ମତ ପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ ସାମ୍ବାଦିକ ଗଙ୍ଗାଧର କର ଓ ଗଗନ କୁମାର ସେଠୀଙ୍କୁ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସସ୍ମିତ ବେହେରା, ସୁଶାନ୍ତ ଦାସ, ସମାଜସେବୀ ଶତ୍ରୁଘ୍ନ ମଲ୍ଲିକ, ରବି ଦାସ, ବିନାୟକ ମହାପାତ୍ର, ସଞ୍ଜୁକ୍ତା ବେହେରା, ଅନିରୁଦ୍ଧ କର, ତପନ କୁମାର ପାଢ଼ି, ତପନ କୁମାର ଦାସ, ଲକ୍ଷ୍ମୀଧର ମଣ୍ଡଳ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ଅଭୟ ଦାସ ପ୍ରମୁଖ ବହୁ ବୁଦ୍ଧିଜୀବୀ ଯୋଗଦାନ କରି ସ୍ୱର୍ଗତ ମହାନ୍ତିଙ୍କ ଗୁଣଗାନ କରିଥିଲେ । ଶେଷରେ ସାମ୍ବାଦିକ ମନୋଜ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବାଲିଆପାଳରେ ଓଡ଼ିଶା ବନ୍ଦ ସଫଳ, ପରୀକ୍ଷା ଦେଇ ନ ପାରି ଫେରିଲେ ଛାତ୍ରଛାତ୍ରୀ

ବାଲିଆପାଳ, ୦୮/୧୦ (ଆ.ପ୍ର) : ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ଏମ ଏମ ଡି ଆର ଆଇନ ପ୍ରତ୍ୟାହାର ସହିତ ବନ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ସହିତ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କ କୃଷି ଋଣ ଛାଡ ଦାବିରେ ଇଣ୍ଡିଆ ବ୍ଲକ ପକ୍ଷରୁ ଦିଆଯାଇଥିବା ଓଡିଶା ବନ୍ଦ ଡାକରା ବାଲିଆପାଳରେ ସଫଳ ହୋଇଛି । ବସ୍ତା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ବିଜନ ନାୟକ ନେତୃତ୍ୱରେ ବାଲିଆପାଳ ବ୍ଲକର ପ୍ରବେଶ ଦ୍ୱାର ବ୍ଲକ ଛକ ଠାରେ ସକାଳ ୬ ଟା ଠାରୁ କଂଗ୍ରେସ କର୍ମୀ ମାନେ ଆସି ପିକେଟିଂ କରି ଯାନବାହାନ ଚଳାଚଳ ବନ୍ଦ କରିଥିଲେ । ସେହିପରି ବ୍ଲକର ପ୍ରମୁଖ ବଜାର ସିମୁଳିଆ ବଜାର, କାଳିପଦା ବଜାର, ଲଙ୍ଗଳେଶ୍ୱର ବଜାର, ପଂଚୁପାଲି ବଜାର, ରଡେଇ ବଜାର, ନୂଆଗାଁ ହାଟ,ପାଗୁଳିଆ ଛକ, ଜାମକୁଣ୍ଡା ଲକ, ବସଷ୍ଟାଣ୍ଡ, ଦେଭୋଗ, ଖପରାପଦା ପାଗୁଳିଆ ହାଟ ପ୍ରଭୃତି ସ୍ଥାନରେ କଂଗ୍ରେସ କର୍ମୀ ମାନେ ପିକେଟିଂ କରି ବନ୍ଦକୁ ସଫଳ କରିଥିଲେ । ବ୍ଲକର ଥିବା ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ସମସ୍ତ ମହାବିଦ୍ୟାଳୟ ବନ୍ଦ ଥିବା ଦେଖିବାକୁ ମିଳିଥିଲା । ସେହିପରି ସମସ୍ତ ବ୍ୟବସାୟୀକ ଦୋକାନ ବଜାର ସ୍ୱତଃ ପ୍ରବୃତ ଭାବରେ ବନ୍ଦ ଥିବା ଦେଖିବାକୁ ମିଳିଥିଲା । ବିଦ୍ୟାଳୟ ମାନଙ୍କରେ ଅର୍ଦ୍ଧ ବାର୍ଷିକ ପରୀକ୍ଷା ଚାଲିଥିବା ବେଳେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ପରୀକ୍ଷାର ଦିନ ପରିବର୍ତନ କରାଯାଇଥିଲା ବେଳେ ଓଡିଶା ଆଦର୍ଶ ବିଦ୍ୟାଳୟର ପରୀକ୍ଷା ଦିନ ପରିବର୍ତନ ହୋଇ ନାହିଁ । ମାତ୍ର ବାଲିଆପାଳ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଦ୍ୟାଳୟ ଫାଟକ ନିକଟରୁ ପରୀକ୍ଷା ଦେଇ ନପାରି ଫେରି ଯାଇଥିବା ଜଣାପଡିଛି ।

ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସଚେତନତା ସଭା

ନୀଳଗିରି, ୦୮/୧୦ (ଆ.ପ୍ର) : ନିଶାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ନିଶାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ବାଲେଶ୍ୱର ପୁଲିସ ପ୍ରଶାସନ ପକ୍ଷରୁ ଆଜି ଅପରାହ୍ନରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ପୂର୍ବାଂଚଳ ପୋଲିସ ଉପ ମହାନିରୀକ୍ଷକ, ପିନାକ ମିଶ୍ର, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତରିକ୍ତ ଆରକ୍ଷୀ ଅଧିକ୍ଷକ ଶେଖ ଆସଫ ଅଲି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଂଟିଆ, ପିଜି କାଉନସିଲ ଚେୟାରମେନ ସନ୍ତୋଷ କୁମାର ଅଗରୱାଲ, ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ନିହାର ରଞ୍ଜନ ରାଉତ ପ୍ରମୁଖ ମଂଚାସୀନ ହୋଇ ନିଶାଦ୍ରବ୍ୟର କୁପ୍ରଭାବ ଓ ଏହାର ନିରାକରଣ ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ । ବକ୍ତାମାନେ କହିଥିଲେ ଯେ, ନିଶାଦ୍ରବ୍ୟର ବ୍ୟବହାର ଯୁବପିଢ଼ିର ଶିକ୍ଷା, ସ୍ୱାସ୍ଥ୍ୟ, ପରିବାର ଓ ସାମାଜିକ ଜୀବନ ଉପରେ ଗଭୀର ପ୍ରଭାବ ପକାଇଥାଏ । ତେଣୁ ନିଶା ବିରୋଧୀ ସଚେତନତା ସୃଷ୍ଟି ସହିତ ଯୁବସମାଜକୁ ନିଶା ଠାରୁ ଦୂରେଇ ରଖିବାରେ ସମସ୍ତଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା । ଏହି ସଭାରେ ବିଶ୍ୱବିଦ୍ୟାଳୟର ପ୍ରଫେସର, ଅଧ୍ୟାପକ-ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ଓ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ ।

ଓଡ଼ିଶା ବନ୍ଦକୁ ଜଳେଶ୍ୱରବାସୀ ପୂର୍ଣ୍ଣ ସମର୍ଥନ ଦେଲେ

ଜଳେଶ୍ୱର, ୦୮/୧୦ (ଆ.ପ୍ର) : ଇଣ୍ଡିଆ ବ୍ଲକର ଆହ୍ୱାନରେ ଓଡ଼ିଶା ବନ୍ଦ ଜଳେଶ୍ୱରରେ ପୂର୍ଣ୍ଣମାତ୍ରାରେ ସଫଳ ହୋଇଥିବା ଜଣାପଡିଛି । ଓଡ଼ିଶା ବନ୍ଦ ଯୋଗୁଁ ଜଳେଶ୍ୱର ବଜାର ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ସମସ୍ତ ଅଫିସ ଦପ୍ତର, ସ୍କୁଲ କଲେଜ, କୋର୍ଟ କଚେରୀ, ବ୍ୟାଙ୍କ ବୀମା ଆଜି ସକାଳ ଠାରୁ ଖୋଲି ନାହିଁ । ଜାତୀୟ ରାଜପଥରେ ମଧ୍ୟ ଯାନ ବାହାନ ଚଳାଚଳ ବନ୍ଦ ରହିଛି । ଏହି ବନ୍ଦ ପ୍ରତି ଜନସାଧାରଣଙ୍କ ସମର୍ଥନ ଥିଲା ସ୍ୱତଃସ୍ଫୁର୍ତ । ଲୋକେ କହୁଁଛନ୍ତି ଏମ୍ ଏମ୍ ଡି ଆର ଦ୍ୱାରା ରାଜ୍ୟ ପ୍ରଚୁର ଆର୍ଥିକ କ୍ଷତି ସହିବା ସହିତ ଖଣି ଖାଦାନ ଥିବା ଅଂଚଳରେ ବିକାଶ ଠପ୍ ହୋଇଯିବ । ଭାରତ ବର୍ଷ ସମଗ୍ର ବିଶ୍ୱରେ ଗଣତନ୍ତ୍ର ପାଇଁ ସୁନାମ ଅର୍ଜନ କରିଥିଲା । କିନ୍ତୁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଯେଉଁଭଳି ଏକଚାଟିଆ ନୀତି ପ୍ରଣୟନ କରି ଲୋକଙ୍କ ଭୋଟ ଅଧିକାର ଉପରେ କୁଠାରଘାତ କରିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ । ଏଥିପାଇଁ ସମଗ୍ର ବିଶ୍ୱରେ ଆଜି ଭାରତ ନିନ୍ଦିତ । ତତ୍ସହ ଇଞ୍ଜିନର ସରକାର ବୌଦ୍ଧିକ ହତ୍ୟା ପାଇଁ ଅତ୍ୟନ୍ତ ଚତୁରତାର ସହିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପାଠ୍ୟ ପୁସ୍ତକ ପରିବର୍ତନ ନାମରେ ଭୁଲ ତଥ୍ୟ ଉପସ୍ଥାପନ କରି ସରକାରୀ ଶିକ୍ଷାକୁ ବିପର୍ଯ୍ୟସ୍ତ କରିବା ସହିତ ଘରୋଇ ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଛନ୍ତି । ଲଗାତର ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ପ୍ରଦାନ ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଏହା ଲୋକଙ୍କ ଉପରେ ଯେ ପ୍ରଭାବ ପକାଇଛି ଆଜିର ବନ୍ଦରୁ ଏହା ଜଣାପଡ଼ିଛି । ଜଳେଶ୍ୱର ବନ୍ଦରେ ସିପିଏମ ଓ କଂଗ୍ରେସର ବହୁ ନେତା ଓ କର୍ମୀ ସାମିଲ ହୋଇଥିବାର ଦେଖିବାକୁ ମିଳିଥିଲା । ଦିବସ ଶେଷରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଏଥିରେ ସିପିଏମ ପକ୍ଷରୁ ନେତୃତ୍ୱ ନେଇଥିଲେ ଦିଲ୍ଲୀପ କୁମାର ଗିରି, ଅକ୍ଷୟ କୁମାର ମିଶ୍ର, ଦିପ୍ତିମାନ ଆଚାର୍ଯ୍ୟ, ମମି ପଣ୍ଡା, ପଲ୍ଟୁ ଦାସ, ଜୀବନ ପରିଡ଼ା, ଦିଲ୍ଲୀପ ପରିଡ଼ା, ରବିନ୍ଦ୍ର ବାରିକ, ଧନଞ୍ଜୟ ପଲାଇ, ସବିତା ଭୂୟାଁ, ଧିରେନ୍ଦ୍ର ଦେ, ରତନ ଦାସ, ଗଣେଶ ଭୂୟାଁ, ବିଷ୍ଣୁ ପ୍ରିୟା ମହାନ୍ତି, ଶେଖ ହବିବୁଦ୍ଦିନ, ଚନ୍ଦନ ଶତପଥୀ, ସୁଶାନ୍ତ ରାଉତ ପ୍ରମୁଖ । ସେହିପରି କଂଗ୍ରେସ ପକ୍ଷରୁ ସୁଦର୍ଶନ ଦାସ, ହେମନ୍ତ କୁମାର ଗିରି, ଜଗଦୀଶ ନନ୍ଦୀ, ସତ୍ୟ ଦାସ, ଦୁର୍ଗା ଶଙ୍କର ଦାସ, ସୁଦାମ ପାତ୍ର । ଶିକ୍ଷକ ନେତା ମନୋରଞ୍ଜନ ଦାସ, କାଳୀ ଚରଣ ପୃଷ୍ଟି, ରକ୍ତଦାନ ସଂଘ ନେତା କମଳ ଚକ୍ରବର୍ତୀ ଏହି ବନ୍ଦରେ ସାମିଲ ହୋଇଥିଲେ । ଏହି ବନ୍ଦର ସଫଳତା ପାଇଁ ଇଣ୍ଡିଆ ବ୍ଲକ୍ ତରଫରୁ ଜଳେଶ୍ୱର ବାସୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି ।

୨୦୨୬ ପାଇଁ 'ଚନ୍ଦ୍ରକୁମାର ମହାନ୍ତି କବିତା ପୁରସ୍କାର' ପାଇବେ ଯୁବକବି ଯୀଶୁ କ୍ରିଷ୍ଟ ଦାସ

ବାଲେଶ୍ୱର, ୦୮/୧୦ (ଆ.ପ୍ର) : ବିଶିଷ୍ଟ କବି ଚନ୍ଦ୍ରକୁମାର ମହାନ୍ତିଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଗଠିତ ଚନ୍ଦ୍ରକୁମାର ମହାନ୍ତି ସ୍ମୃତି କମିଟି ପକ୍ଷରୁ ଏହାର ଦଶମ ବାର୍ଷିକ ସ୍ମୃତି ସମାରୋହ ଆସନ୍ତା ଅକ୍ଟୋବର ୩୧ ତାରିଖ ସନ୍ଧ୍ୟା ୬.୩୦ରେ ଆତିଥ୍ୟ ଭବନ ଠାରେ ଅନୁଷ୍ଠିତ ହେବ । ଏହି ଅବସରରେ ୨୦୨୬ ବର୍ଷ ପାଇଁ ପ୍ରଦାନ କରାଯିବାକୁ ଥିବା 'ଚନ୍ଦ୍ରକୁମାର ମହାନ୍ତି କବିତା ପୁରସ୍କାର' ଯୁବକବି ଯୀଶୁ କ୍ରିଷ୍ଟ ଦାସଙ୍କୁ ପ୍ରଦାନ କରାଯିବ ବୋଲି ସ୍ମୃତି କମିଟି ପକ୍ଷରୁ ଘୋଷଣା କରାଯାଇଛି । ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ଏହି ସ୍ମୃତି ଉତ୍ସବ ମାଧ୍ୟମରେ ପ୍ରତିବର୍ଷ ଓଡ଼ିଆ କବିତା କ୍ଷେତ୍ରରେ ଉଲ୍ଲେଖନୀୟ ସର୍ଜନାତ୍ମକ ଅବଦାନ ରଖୁଥିବା ଜଣେ କବିଙ୍କୁ ଚୟନ କରି 'ଚନ୍ଦ୍ରକୁମାର ମହାନ୍ତି କବିତା ପୁରସ୍କାର'ରେ ସମ୍ମାନିତ କରାଯାଉଛି । ଚଳିତ ବର୍ଷର ମନୋନୀତ ପ୍ରତିଭା ଯୀଶୁ କ୍ରିଷ୍ଟ ଦାସ ଓଡ଼ିଆ କବିତା ଜଗତରେ ନିଜସ୍ୱ ସୃଜନଶୀଳତା ଓ କାବ୍ୟଭାବନା ପାଇଁ ବେଶ୍ ପରିଚିତ । ଦଶମ ସ୍ମୃତି ସମାରୋହରେ ପୁରସ୍କୃତ କବି ଯୀଶୁ କ୍ରିଷ୍ଟ ଦାସଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯିବ । ଏହି ସାହିତ୍ୟ ସମାରୋହରେ ବିଶିଷ୍ଟ ଲେଖକ ଡକ୍ଟର ଗୌରହରି ଦାସ ଏବଂ ବିଶିଷ୍ଟ କବି ଧନଞ୍ଜୟ ସ୍ୱାଇଁ ସମ୍ମାନନୀୟ ଅତିଥି ଭାବେ ଯୋଗଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ସ୍ମୃତି ସମାରୋହରେ ସାହିତ୍ୟିକ ଆଲୋଚନା ଓ ଚନ୍ଦ୍ର କୁମାରଙ୍କ କବିତାକୁ କେନ୍ଦ୍ର କରି ବିଭିନ୍ନ କାର୍ଯ୍ୟକ୍ରମ ରହିବ । ଏହି ଅବସରରେ ଇଂରାଜୀ ଭାଷାରେ କବିତା ରଚନା କରୁଥିବା ନବପ୍ରଜନ୍ମର କବି ଦ୍ୟୁତି ମହାନ୍ତିଙ୍କ ପ୍ରଥମ ଇଂରାଜୀ କବିତା ସଂକଳନ 'ଏ ସ୍ମାଇଲିଙ୍ଗ୍ ପେନ୍' ମଧ୍ୟ ଉନ୍ମୋଚିତ ହେବ । ଓଡ଼ିଆ ସାହିତ୍ୟର ଏକ ସମୃଦ୍ଧ ପରମ୍ପରା ମଧ୍ୟରେ ନୂଆ ପିଢ଼ିର ସୃଜନଶୀଳ ସ୍ୱରକୁ ସାମ୍ନାକୁ ଆଣିବାରେ ଏହି ପୁସ୍ତକ ଉନ୍ମୋଚନ ଅବସର ଏକ ଗୁରୁତ୍ୱପୂର୍ଣ୍ଣ ଯୋଗସୂତ୍ର ହେବ । ସ୍ମୃତି କମିଟି ପକ୍ଷରୁ କୃଷ୍ଣ କୁମାର ମହାନ୍ତି ଓ ଉତ୍ପଳ ମହାନ୍ତି ସାହିତ୍ୟପ୍ରେମୀ, କବି, ଲେଖକ ଓ ପାଠକମାନଙ୍କୁ ଏହି ଦଶମ ସ୍ମୃତି ସମାରୋହରେ ଯୋଗଦେଇ ଏହାକୁ ସଫଳ କରିବାକୁ ଅନୁରୋଧ କରିଛନ୍ତି ।

ଓଡ଼ିଶା ବନ୍ଦ ଡାକରା ସିମୁଳିଆ ବନ୍ଦ

ସିମୁଳିଆ, ୦୮/୧୦ (ଆ.ପ୍ର) : ଭାରତର ନିର୍ବାଚନ କମିଶନଙ୍କ ଇସ୍ତଫା ଦାବିରେ ଓଡିଶା ପ୍ରଦେଶ କଂଗ୍ରେସ ୧୨ଘଂଟିଆ ଓଡିଶା ବନ୍ଦ ଡାକରାରେ ସିମୁଳିଆ ବ୍ଲକ କଂଗ୍ରେସ ପକ୍ଷରୁ ସିମୁଳିଆରେ ଶାନ୍ତି ଶୃଙ୍ଖଳାର ସହ ବନ୍ଦ ପାଳନ କରାଯାଇଛି । ସିମୁଳିଆ ବ୍ଲକ କଂଗ୍ରେସ ସଭାପତି ରମେଶ ଦାସଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ମାର୍କୋଣା ନୀଳକଣ୍ଠେଶ୍ୱର ମନ୍ଦିର ପରିସରରୁ ଶୋଭାଯାତ୍ରାରେ ବାହାରି ବ୍ଲକ, ତହସିଲ, ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟ ଗୋଡ଼ିକ ବନ୍ଦ କରିଥିଲେ । ମାତ୍ର ଦୋକାନ ବଜାର, ବିଦ୍ୟାଳୟ ଗୋଡ଼ିକ ଖୋଲା ରହିଥିଲା । ସାଧାରଣ ଜନଜୀବନ ସ୍ୱାଭାବିକ ରହିଥିଲା । ଏହି ଓଡିଶା ବନ୍ଦ ଡାକରା ସିମୁଳିଆରେ ଆଂଶିକ ସଫଳ ହୋଇଥିବା ଦେଖିବାକୁ ମିଳିଥିଲା । ଶାନ୍ତି ଶୃଙ୍ଖଳା ନିମନ୍ତେ ସିମୁଳିଆ ପୋଲିସ ସଜାଗ ରହିଥିଲେ ।

ଭୋଗରାଇରେ ଓଡ଼ିଶା ବନ୍ଦ ସଫଳ

ଭୋଗରାଇ, ୦୮/୧୦ (ଆ.ପ୍ର) : ଚାରି ଦଫା ଦାବିରେ ଇଣ୍ଡି ମେଂଟର ପକ୍ଷରୁ ୧୨ ଘଂଟିଆ ଓଡିଶା ବନ୍ଦ ଭୋଗରାଇ ବ୍ଲକରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । କେବଳ ଜରୁରୀକାଳିନ ସେବା ଛାଡ଼ିଦେଲେ ସମସ୍ତ କାର୍ଯ୍ୟ ବନ୍ଦ ରହିଥିଲା । ତାହା ସହିତ କଂଗ୍ରେସ ନେତା ଓ କର୍ମୀମାନେ ବାଇକ ଶୋଭାଯାତ୍ରା ଯାଇ ବ୍ୟାଙ୍କ, ତହସିଲ, ବ୍ଲକ ସହିତ ବିଭିନ୍ନ ଦୋକାନ ବଜାର ବନ୍ଦ କରିଥିଲେ । ଇଣ୍ଡି ମେଂଟର ପକ୍ଷରୁ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥର ଆନାଛକ ବନ୍ଦ କରିବା ସହିତ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଭାପତି ସତ୍ୟଶିବ ଦାସ, ବ୍ଲକ କଂଗ୍ରେସର ସଭାପତି ସନ୍ତୋଷ କୁମାର ଜେନା, ଜିଲ୍ଲା ମହିଳା କଂଗ୍ରେସର ସମ୍ପାଦିକା ମମତା ସାହୁ, ସଂଖ୍ୟା ଲଘୁ ସେଲର ସମ୍ପାଦକ ସୁଦର୍ଶନ ଜେନା, ଗୋପବନ୍ଧୁ ମହାପାତ୍ର, ମାନସ ଚନ୍ଦ୍ର, ପ୍ରଶାନ୍ତ ଜେନା, କମଳ ମହାପାତ୍ର, କୃଷକ ନେତା ଶମ୍ଭୁନାଥ ସେଠୀ, ସିପିଏମ ନେତା ବିଶ୍ୱଜିତ ଦାସ, ଅଧିର ଗିରି ଗୋସ୍ୱାମୀ, ଜଗନ୍ନାଥ ମାଇତି, ଅଜିତ୍ କାମିଲା ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ଶତାଧିକ କଂଗ୍ରେସ, ସିପିଏମ କର୍ମୀମାନେ ସାମିଲ ହୋଇଥିଲେ । ସେହିପରି ଦେଉଳା ହାଟରେ ବନ୍ଦର ପ୍ରଭାବ ପଡିଥିଲା । ସକାଳେ ଦଳୀୟ କର୍ମୀମାନେ ପିକେଟିଂ କରିବା ସହିତ ଦେଉଳାହାଟ ଠାରେ ରାସ୍ତା ବନ୍ଦ କରିଥିଲେ । ଏଥିରେ ଦେବୀପ୍ରସାଦ ଦାଶ ଗୋସ୍ୱାମୀ, ପୂର୍ବତନ ସରପଂଚ ସୁକୁମାର ଜେନା, ଶିଶିର ମହାପାତ୍ର, ସୁରେଶ ଜେନା, ହରିପଦ ସାହୁ, ଅରବିନ୍ଦ ଡୋଳା, ଚୈତନ୍ୟ ବେହେରା, ମିହିର ଦାସ, ବସନ୍ତ ଜେନା, ପ୍ରଦୀପ ଦଳାଇ, ପ୍ରଦୀପ ପ୍ରଧାନ, ରାଜେନ୍ଦ୍ର ଜେନା, ସୁରେଶ ଦତ୍ତ, ବିଷ୍ଣୁପଦ ଜେନା, ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ପୂର୍ଣ୍ଣ ଚନ୍ଦ୍ର ପାତ୍ର, ସ୍ୱର୍ଣ୍ଣାର ଜେନା, ସଞ୍ଜୟ ଜେନା, ଚତୁର୍ଭୁଜ ଜେନା, ଅଞ୍ଜନ ଜେନା, ଅନିଲ ରାଉଳ, ଶ୍ୟାମସୁନ୍ଦର ସି, ଅନିଲ କୁମାର ପାତ୍ରଙ୍କ ସହିତ ଶତାଧିକ କର୍ମୀମାନେ ସାମିଲ ହୋଇଥିଲେ । ସେହିପରି ଭୋଗରାଇ ହାଟ, ମାନକୁଣ୍ଡା, କମର୍ଦ୍ଦା ଛକ, କଳାଧି ହାଟ, ଚନ୍ଦନେଶ୍ୱର ଠାରେ ଦଳୀୟ କର୍ମୀମାନେ ରାସ୍ତା ଉପରେ ଦଉଡ଼ି ବାନ୍ଧି ରାସ୍ତା ଅବରୋଧ କରିଥିଲେ ।

ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି ପୁଣି ଭାରତୀୟ ପ୍ରେସ୍ ପରିଷଦର ସଦସ୍ୟ ମନୋନୀତ ହୋଇଥିବାରୁ ଓୟୁଜେ ବାଲେଶ୍ୱର ଶାଖାର ଅଭିନନ୍ଦନ

ବାଲେଶ୍ୱର, ୦୮/୧୦ (ଆ.ପ୍ର) : ଓଡ଼ିଶା ସାମ୍ବାଦିକ ୟୁନିଅନର ରାଜ୍ୟ ଶାଖା ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ମହାନ୍ତି ପୁଣିଥରେ ଭାରତୀୟ ପ୍ରେସ ପରିଷଦର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ତାଙ୍କର ଏହି ମନୋନୟନ ପାଇଁ ଓଡ଼ିଶା ସାମ୍ବାଦିକ ୟୁନିଅନର ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି । ଶ୍ରୀ ମହାନ୍ତି ଜଣେ ଦକ୍ଷ ସଂଗଠକ, ସୁବକ୍ତା ଓ ରାଜନୈତିକ ସମୀକ୍ଷକ ଭାବେ ପରିଚିତ । ବିଭିନ୍ନ ପରିସ୍ଥିତି ଓ ପ୍ରସଙ୍ଗକୁ ନିର୍ଭୀକ ଭାବେ ବିଶ୍ଳେଷଣ କରିବା ସହ ସ୍ପଷ୍ଟ ମତ ପ୍ରକାଶ କରି ସେ ସାମ୍ବାଦିକତା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ତାଙ୍କର ସ୍ପଷ୍ଟବାଦିତା ଯୋଗୁଁ ସେ ରାଜନୈତିକ ନେତୃବୃନ୍ଦଙ୍କ ସମେତ ରାଜ୍ୟର ସାଧାରଣ ଲୋକଙ୍କ ମଧ୍ୟରେ ମଧ୍ୟ ପରିଚିତ ହୋଇପାରିଛନ୍ତି । ପୂର୍ବରୁ ଭାରତୀୟ ପ୍ରେସ୍ ପରିଷଦର ସଦସ୍ୟ ଥିବା ସମୟରେ ଶ୍ରୀ ମହାନ୍ତି ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ପ୍ରଭାବଶାଳୀ ଭାବେ ପ୍ରସଙ୍ଗ ଉତ୍ଥାପନ କରିଥିଲେ । ଏଥିସହ ସାମ୍ବାଦିକ ସମାଜର ସ୍ୱାର୍ଥ ଓ ଅଧିକାର ସମ୍ପର୍କିତ ପ୍ରସଙ୍ଗରେ ସକ୍ରିୟ ଭୂମିକା ନେଇଥିବାରୁ ସେ ଦେଶର ସାମ୍ବାଦିକ ମହଲରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଗଢ଼ି ପାରିଛନ୍ତି । ଶ୍ରୀ ମହାନ୍ତି ଜାତୀୟ ସାମ୍ବାଦିକ ସଂଗଠନ ୟୁନିଅନ ଅଫ୍ ଇଣ୍ଡିଆର ଦୁଇଥର ମହାସଚିବ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିବା ଉଲ୍ଲେଖ କରି ବାଲେଶ୍ୱର ଜିଲ୍ଲା ଶାଖା କହିଛି ଯେ, ସାମ୍ବାଦିକମାନଙ୍କ ସମସ୍ୟାର ସମାଧାନ ଓ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଶ୍ରୀ ମହାନ୍ତି ଦୀର୍ଘଦିନ ଧରି ସକ୍ରିୟ ରହିଆସିଛନ୍ତି । ତାଙ୍କୁ ପୁନର୍ବାର ଭାରତୀୟ ପ୍ରେସ ପରିଷଦର ସଦସ୍ୟ ଭାବେ ମନୋନୀତ କରାଯାଇଥିବାରୁ ଓଡ଼ିଶାର ସାମ୍ବାଦିକ ସମାଜ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ୟୁନିଅନର ବାଲେଶ୍ୱର ଶାଖା ପକ୍ଷରୁ କୁହାଯାଇଛି । ଏହା ଦ୍ୱାରା ରାଜ୍ୟରେ ଓଡ଼ିଶା ସାମ୍ବାଦିକ ୟୁନିଅନର ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ସଦସ୍ୟମାନେ ଆଶା ପ୍ରକାଶ କରିଛନ୍ତି । ଏକ ପ୍ରେସ ବିବୃତିରେ ୟୁନିଅନର ବାଲେଶ୍ୱର ଜିଲ୍ଲା ସଭାପତି ଗଙ୍ଗାଧର ରାଉତ, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ, ରାମନାରାୟଣ ଶତପଥି, ଚନ୍ଦ୍ରମୋହନ ମହାପାତ୍ର, ଅନାମ ଚରଣ ପଣ୍ଡା, ମଧୁସୂଦନ ଦାସ, ରବିରଞ୍ଜନ ତ୍ରିପାଠୀ, ଉତ୍କଳ ବନ୍ଧୁ ପଣ୍ଡା ଓ ସୋମନାଥ ସାହୁ ପ୍ରମୁଖ ଶ୍ରୀ ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ବିଶ୍ୱବିଦ୍ୟାଳୟସ୍ତରୀୟ ଇନୋଭେସନ୍ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତାର ଶ୍ରେଷ୍ଠ ୭ରେ ଫକୀରମୋହନ କଲେଜର ଛାତ୍ରୀ କ୍ରିଷ୍ଟାମୟୀ ଦାଶ

ବାଲେଶ୍ୱର, ୦୮/୧୦ (ଆ.ପ୍ର) : ଫକୀର ମୋହନ ସ୍ୱୟଂଶାସିତ କଲେଜର ବିବିଏ ତୃତୀୟ ବର୍ଷର ଛାତ୍ରୀ କ୍ରିଷ୍ଟାମୟୀ ଦାଶ ବିଶ୍ୱବିଦ୍ୟାଳୟସ୍ତରୀୟ ଇନୋଭେସନ୍ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା-୨୦୨୬ରେ ଶ୍ରେଷ୍ଠ ୭ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇ କଲେଜ ପାଇଁ ଗୌରବ ଆଣିଛନ୍ତି । ବୁଧବାର ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନିଜର ଅଭିନବ ଚିନ୍ତାଧାରା ଓ ଉତ୍କୃଷ୍ଟ ଉପସ୍ଥାପନା ମାଧ୍ୟମରେ କ୍ରିଷ୍ଟାମୟୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଛନ୍ତି । ସେଠାରେ ସେ ଫକୀର ମୋହନ ସ୍ୱୟଂଶାସିତ କଲେଜରୁ ପ୍ରତିନିଧିତ୍ୱ କରିଥିଲେ । ତାଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ତାଙ୍କୁ ଏକ ଲକ୍ଷ ଟଙ୍କାର ନଗଦ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି । କ୍ରିଷ୍ଟାମୟୀଙ୍କ ଏହି ସଫଳତାରେ ଫକୀର ମୋହନ ସ୍ୱୟଂଶାସିତ କଲେଜରେ ଆନନ୍ଦ ପ୍ରକାଶ ପାଇଛି । ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ତାଙ୍କର ମାର୍ଗଦର୍ଶକ ଅବିନାଶ ପୃଷ୍ଟିଙ୍କୁ ମଧ୍ୟ ତାଙ୍କର ମାର୍ଗଦର୍ଶନ ଓ ସହଯୋଗ ପାଇଁ କଲେଜ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି । କଲେଜ କର୍ତ୍ତୃପକ୍ଷ ଓ ଶୁଭେଚ୍ଛୁମାନେ କ୍ରିଷ୍ଟାମୟୀ ଦାଶ ଓ ତାଙ୍କ ମାର୍ଗଦର୍ଶକଙ୍କୁ ଆଗାମୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଶୁଭକାମନା ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ସେମାନେ ଉତ୍କର୍ଷ ପ୍ରଦର୍ଶନ କରି କଲେଜର ଗୌରବ ବୃଦ୍ଧି କରିବେ ବୋଲି ଆଶା ପ୍ରକାଶ କରିଛନ୍ତି ।

ନୀଳଗିରିରେ ଇଣ୍ଡିମେଂଟ ପକ୍ଷରୁ ୧୨ ଘଂଟିଆ ବନ୍ଦ ସମ୍ପୂର୍ଣ୍ଣ ସଫଳ

ନୀଳଗିରି, ୦୮/୧୦ (ଆ.ପ୍ର) : ଇଣ୍ଡି ମେଂଟ ତରଫରୁ ଏମ ଏମ ଡି ଆର ବିଲ୍ ପ୍ରତ୍ୟାହାର, ଏସଆଇ ଆର ବାତିଲ, ଓଡିଶାର ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, କେନ୍ଦ୍ରରେ ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେସ କୁମାରଙ୍କ ଇସ୍ତଫା, ବେକାରୀ ସଂଖ୍ୟାର ବୃଦ୍ଧି, ଚାଷୀର ସାର ଦର ବୃଦ୍ଧି, ଆକାଶ ଛୁଆ ଦର ଦାମ ବୃଦ୍ଧି, ୨.୫ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ସମସ୍ତ ପ୍ରତିଶ୍ରୁତି ପୂର୍ଣ୍ଣ ବିଫଳତାକୁ ବିରୋଧ କରିକୁ ରାଜ୍ୟ ସ୍ତରୀୟ ଇଣ୍ଡି ମେଂଟର ନିଷ୍ପତିକୁ ନୀଳଗିରିର ମୁଖ୍ୟତ କଂଗ୍ରେସ, ସି ପି ଆଇ (ଏମ), ସିପିଆଇ ମିଳିତ ଭାବରେ ଓଡିଶା ବନ୍ଦକୁ ସଫଳ କରିବା ପାଇଁ ଦୀର୍ଘ ଏକ ସପ୍ତାହ ଧରି ପଥପ୍ରାନ୍ତ ସଭା, ସଚେତନତା ପଦଯାତ୍ରା ଜରିଆରେ ଲୋକ ମାନଙ୍କୁ ସଚେତନ କରାଇ ଥିଲେ । ଯାହା ଫଳରେ ନୀଳଗିରିର ସମସ୍ତ ଅଂଚଳ ରେ ସ୍ୱେଚ୍ଛାକୃତ ଭାବେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ଇଣ୍ଡି ମେଂଟର ସହସ୍ରାଧିକ କର୍ମୀ ନୀଳଗିରି ସହରରେ ହାତ ରେ ପତାକା ଧରି ସ୍ଲୋଗାନ ମାନ ଦେଉଥିବା ଦେଖିବାକୁ ମିଳିଥିଲାଫ ନୀଳଗିରିର ମୁଖଦ୍ୱାର କୁହାଯାଉଥିବା ବସ ଷ୍ଟାଣ୍ଡ ଛକ ବାଇପାସ ରେ ଧାରଣା କାରି ମାନେ ସମବେତ ହୋଇ ରାସ୍ତା ଅବରୋଧ କରିଥିଲେ । ସକାଳ ୬ ଘଟିକା ଠାରୁ ପହଁଚି ରାସ୍ତାରୋକ ଆରମ୍ଭ କରିଥିବା ବେଳେ କୌଣସି ଯାନ ବାହାନ ଯାତାୟାତ କରିବା ଦେଖାଯାଇ ନଥିଲା । ସେହିପରି ଦକ୍ଷିଣ ପାର୍ଶ୍ୱର ନୀଳଗିରିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବାର୍ଗଁଣ ବଣିଆ ଛକ, ପାଟପୁର ମାର୍କେଟ, ଶାନ୍ତରାଗାଡ଼ିଆ ମାର୍କେଟ, ବିଦୁ ମାର୍କେଟ, ଓଳିପଦା ମାର୍କେଟରେ ଇଣ୍ଡି ମେଂଟର ସତ୍ୟାଗ୍ରହୀ ମାନେ ଅନୁରୂପ ଭାବେ ରାସ୍ତାରୋକ କରିଥିଲେ । ନୀଳଗିରିକୁ ସଂଯୋଗ କରୁଥିବା ଉତ୍ତର ପାର୍ଶ୍ୱ ର ରାସ୍ତା ମିତ୍ରପୁର ଛକ, ନିମପାଳ ଛକ ରେ ରାସ୍ତା ଅବରୋଧ କରିଥିଲେ । ଏପରିକି ପଶ୍ଚିମ ପାର୍ଶ୍ୱରେ ଛତ୍ରପୁର, ଗରଡ଼ି, ବରହମ୍ପୁର ମାର୍କେଟ ଛକ ରେ ରାସ୍ତା ରୋକ ହେବା ଯୋଗୁ ନୀଳଗିରି ସହର ସମ୍ପୂର୍ଣ ନାକାବନ୍ଦୀ ହୋଇଯାଇ ଥିଲା । ଏହା ବ୍ୟତୀତ ଖନ୍ତାପଡ଼ା ମାର୍କେଟ, ପଣପଣା ମାର୍କେଟ, ବାହାନଗା ମାର୍କେଟ ଓ ଜାତୀୟ ରାଜପଥକୁ ମଧ୍ୟ ବନ୍ଦ କରାଯାଇଥିଲା । ନୀଳଗିରି ସହରର ସମସ୍ତ ବ୍ୟାଙ୍କ, ସରକାରୀ ଅଫିସ, ଉପଜିଲ୍ଲାପାଳ ଅଫିସ, ତହସିଲ, ବ୍ଲକ, ଓ ବିଚାର ବିଭାଗ କଚେରୀ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲାଫ ସତ୍ୟାଗ୍ରହୀଙ୍କ ପ୍ରତିବାଦ କାରଣରୁ ସରକାରୀ କର୍ମଚାରୀ ମାନେ ନିଜ ନିଜର କାର୍ଯ୍ୟ ସ୍ଥଳୀ ଅଫିସକୁ ଆସି ପାରି ନଥିଲେ । ଦୋକାନ ବଜାର ଗୁଡିକସ୍ୱତଃ ସ୍ଫୂର୍ତ ଭାବେ ବନ୍ଦ ରହିଥିଲ । ନୀଳଗିରି ପରିବା ମାର୍କେଟ ସମ୍ପୂର୍ଣ ଫାଙ୍କା ଥିବା ଦେଖାଯାଉଥିଲା । ଏହି ବନ୍ଦକୁ ସଫଳ କରିବା ପାଇଁ, କଂଗ୍ରେସ ଦଳର ବ୍ଲକ ସଭାପତି ତପନ କୁମାର ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ନଗର ସଭାପତି ଉପେନ୍ଦ୍ର ବେହେରା, ରାମକୃଷ୍ଣ ଜେନା, ସଦାଶିବ ରଥ, ବୀଣାପାଣି ପାତ୍ର, ବିଶ୍ୱନାଥ ଦାସ, ଯଶୋଦା ନନ୍ଦନ ସିଂହ, ରାଧାଶ୍ୟାମ ଦାସ, ପିତାମ୍ବର ସିଂ, ବାସୁଦେବ ପାତ୍ର, ଅଶ୍ୱିନୀ ପାତ୍ର ଯୋଗ ଦେଇ ଥିବା ବେଳେ, ସିପିଆଇ (ଏମ)ର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଯୋଗାନନ୍ଦ ଦାଶ, ଅମରେନ୍ଦ୍ର ନାୟକ, ଜ୍ୟୋତିର୍ମୟ ରାଉତ, ନାରାୟଣ ଧଅମରେନ୍ଦ୍ର ନାୟକ, ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ହେମେନ୍ଦ୍ର ସେଠି, ସତ୍ୟଜିତ ଦାସ, ଉମାକାନ୍ତ ଷଡଙ୍ଗୀ, କାଳିଆ ପାତ୍ର, ଗିରିଧାରୀ ପ୍ରଧାନ, ଗଜେନ୍ଦ୍ର ସିଂ, ଜଗନ୍ନାଥ ସିଂ, ପୁରୁଷୋତମ ଖଣ୍ଡିଏ, ରାମଚନ୍ଦ୍ର ସିଂ, ଦିବାକର ବାରିକ, ଅନ୍ନପୂର୍ଣ୍ଣା ମଲ୍ଲିକ ପ୍ରମୁଖ ବନ୍ଦ ରେ ସାମିଲ ଥିବା ବେଳେ, ସିପିଆଇ ଦଳର ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ, ଜୋନ ସମ୍ପାଦକ ବିଜୟ ସ, ବରିଷ୍ଠ ନେତୃତ୍ୱ କୈଳାଶ ଚନ୍ଦ୍ର ପଣ୍ଡା, ଜିଲ୍ଲା କମିଟି ସଦସ୍ୟ ହରେକୃଷ୍ଣ ପଣ୍ଡିତ, ନିହାର ଜେନା, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ରବୀନ୍ଦ୍ର ନାୟକ, ନଟବର ନାୟକ, ନିରଂଜନ ଜେନା, ବିକ୍ରମ ମିଶ୍ର, ହରେକୃଷ୍ଣ ସେଠି, ଅନିରୁଦ୍ଧ ବେହେରା, ବିଦ୍ୟାଧର ବେହେରା, ଜୟନ୍ତୀ ବେହେରା, ଭାସ୍କର ଦାସ ପ୍ରମୁଖ ଏହି ବନ୍ଦକୁ ସଫଳ କରିବାରେ ପ୍ରମୁଖ ଭୂମିକା ନିଭାଇ ଥିବା ଦେଖା ଯାଇଛି । ଅପର ପକ୍ଷରେ, ବନ୍ଦକୁ ବୁଦ୍ଧିଜିବି ମହଲରେ ଉଚ୍ଚ ପ୍ରଶଂସା କରୁଥିବା ବେଳେ ନୀଳଗିରିର ଆଇନଜୀବୀ ମାନେ ଏହି ବନ୍ଦକୁ ଐତିହାସିକ ବନ୍ଦର ସଫଳତା ବୋଲି ଆଲୋଚନା କରୁଥିବା ଶୁଣିବାକୁ ମିଳିଛି ।

ସେଇଠୁ
ଆରମ୍ଭ
SEITHO ARAMBHA
ଶୁକ୍ରବାର ୯ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଖିର ଉତୁରିଲେ

ଖିର ଉତୁରିଲେ ଚୁଲିରେ ପଶେ, ମଣିଷ ଉତୁରିଲେ ଗାତରେ ପଶେ' । ଉତୁରୁଥିବା ଖିର ତ ଚୁଲିରେ ପଶିବା ଏକ ବାଧ୍ୟ ପରିଣତି । ମାତ୍ର ଉତୁରା ମଣିଷ ଆହୁରି ହୀନାବସ୍ଥା ଭୋଗ କରେ । କୁଇରେ ଶବ ସତ୍କାର ସମ୍ମାନ ବି ତାଙ୍କୁ ମିଳିନଥାଏ । ପୋତା ଯାଇଥାଏ କି ମାଟିରେ ମିଶେ, କି କୁକୁର ବିଲୁଆ ଓ ଶାଗୁଣାଙ୍କ ଖାଦ୍ୟ ହୋଇଥାଏ । କେଡ଼େ କେଡ଼େ ପରାକ୍ରମଶାଳୀଙ୍କ ଏ ଅବସ୍ଥା ନ ହୋଇଛି ? ରାବଣ, କଂସ, ହିରଣ୍ୟକଶିପୁ ଓ କୌରବ ଶହେଭାଇଙ୍କ କଥା ଦେଖୁନା ! କୋଡ଼ିଏ ହାତ, ଦଶ ମୁଣ୍ଡର ମଣିଷଟାଏ । ବେଦ ପଣ୍ଡିତ ବି । ବିଶ୍ରବା ଋଷିଙ୍କ ପୁଅ । ପାଣ୍ଡିତ୍ୟପୂର୍ଣ୍ଣ ଶିବତାଣ୍ଡବ ସ୍ତୋତ୍ରର ରଚୟିତା । ସବୁ ଫୁଲରୁ ନିର୍ଯ୍ୟାସ ବା ଅର୍କକାଢ଼ି ଔଷଧ ତିଆରି କରିବାର ବିଚିତ୍ର ଆୟୁର୍ବେଦ ଚିକିତ୍ସାର, ଏବେ ବି ଦିଗ୍‌ଦର୍ଶକ ହୋଇଥିବା 'ଅର୍କ ଦୀପିକା' ପୁସ୍ତକର ରଚୟିତା ବି ସେ । ଶିବଙ୍କର ପରମ ଭକ୍ତ । ଶ୍ରୀଲଙ୍କାରୁ ପ୍ରତିଦିନ ସେ ହିମାଳୟସ୍ଥ ଶିବ ମନ୍ଦିର ଦର୍ଶନ ପାଇଁ ସ୍ୱର୍ଗରୁ ସ୍ୱୀୟ ପ୍ରଭାବରେ ଆଣିଥିବା ପୁଷ୍ପକ ବିମାନରେ ଯାଉଥିଲେ । ସେ ବିମାନର ଚାଳକ (ପାଇଲଟ) ନ ଥିଲେ କି ଅଧା ବାଟରେ ତା ତେଲ ସରି ଯାଉନଥିଲା । ଦୁର୍ଘଟଣାର ପ୍ରଶ୍ନ କାହିଁ ? ଯେ ଥିଲା ଭାରତୀୟ ବୈଜ୍ଞାନିକ କଳା କୌଶଳର ଏକ ନିଦର୍ଶନ । କାହିଁ ସେମିତି ବ୍ୟୋମଯାନ ଏ ବିଜ୍ଞାନୀ ପଣ୍ଡିତ କୋଉ କଲେଣି ? ଏ ବିମାନରେ ବସିବା ପୂର୍ବରୁ ଜୀବନବୀମା ନବୀକରଣ କଥା ଲୋକେ ଭାବୁଛନ୍ତି । ତଥାପି ମଧ୍ୟ ରାବଣଙ୍କ ଦୟନୀୟ ମୃତ୍ୟୁ ହେଲା ନା ନାହିଁ ମ ? ଶିବଙ୍କର ଏଡ଼େ ଭକ୍ତ, ସେ କୁ ତାଙ୍କୁ ରଖି ପାରିଲେ ? ଓଲଟି ରାବଣଙ୍କ ଔଦ୍ଧତ୍ୟରେ ବିରକ୍ତ ହୋଇ, ତାଙ୍କ ଆଶୀର୍ବାଦ ଓ ଦାନର ଅପବ୍ୟବହାର, ବିଶ୍ୱାସଘାତକତା ଓ କୃତଘ୍ନତା ହେତୁ ତାଙ୍କୁ ମାରିବାକୁ ଶ୍ରୀ ହନୁମାନ ରୂପ ପରିଗ୍ରହ କଲେ । ତୁଳସୀ ଦାସ ତ ଲେଖିଲେ ''ଶଙ୍କର ସୁବନ କେଶରୀନନ୍ଦନ, ତେଜ ପ୍ରତାପ ମହାଜଗ ବନ୍ଦନ....''ରାବଣ, କୌରବ ଓ କଳି ବିଷୟରେ ଆଉ ବି କୁହାଯାଇଛି, ''ଅତିଦର୍ପେ ହତା ଲଙ୍କା ଅତିମାନେ ଚ କୌରବାଃ ଅତିଦାନେ ବଳିର୍ବଧଃ ସର୍ବମତ୍ୟନ୍ତଂ ଗର୍ହିତମ୍'' । ଔଦ୍ଧତ୍ୟ, ହିଂସାର ପରିଣତି ସବୁକାଳେ ଉତୁରା ଖିର ଅବସ୍ଥାର ଉଦାହରଣ ଏ ଆର୍ଯ୍ୟ ସଂସ୍କୃତି ଓ ସଂସ୍କାରରେ ଖୁନ୍ଦି ହୋଇ ରହିଛି । ଆଜିର ଗରିଲା ଯୁଦ୍ଧ, ଛାୟା ଯୁଦ୍ଧ, ବିଶ୍ୱାସଘାତକତା ଓ ନିଷ୍ଠୁର ଦାଉଁଆ ପଣିଆର ଏକ ଉଦାହରଣ । ଏଥି ଜଣେ ଶତ୍ରୁର ଦୁର୍ବଳତା ଖୋଜେ, ଦୁର୍ବଳ ମୁହୂର୍ତ୍ତକୁ ଅପେକ୍ଷା କରିଥାଏ । ''ନଇଁ ପଡ଼ିଥିବା ବେଳେ, ବିଧାଏ ମାରିକ ବଳେ'' । ଏ ଗୁଡ଼ାଙ୍କୁ କାପୁରୁଷ, ଦାଉଆଁ କୁହାଯାଏ । ସେଇଥି ପାଇଁ ଯୁଦ୍ଧ ?କ୍ଷେତ୍ରରେ ଯଦି ଶତ୍ରୁପକ୍ଷର କେହି ନିରସ୍ତ୍ର ହୋଇଗଲା, ତେବେ ତାଙ୍କୁ ଅସ୍ତ୍ର ନ ମିଳିବା ଯାଏ, ତା' ଉପରକୁ ଅସ୍ତ୍ର ବର୍ଷଣ କାପୁରୁଷତା ଓ ଯୁଦ୍ଧ ନିୟମ ବହିର୍ଭୂତ ଥିଲା । ଅଭିଶାପରେ ରଥଚକ୍ର ଦବିଯିବାର ସୁଯୋଗରେ ଅର୍ଜୁନ ଶର ପ୍ରହାର ନ କରିଥିଲେ କର୍ଣ୍ଣଙ୍କୁ ମାରିବା ସମ୍ଭବ ହୋଇ ନଥାନ୍ତା । ଦାଗ ତାଙ୍କଠେଇଁ ସିନା ଲାଗିଲା, ମାତ୍ର ''ଆପେ ବଂଚିଲେ ବାପର ନାଁ'' ଧ୍ୱନିକୁ ଆପେଣେଇଲେ । ଭୀଷ୍ମ ପିତାମହଙ୍କ ଅବସ୍ଥା ବି ସେଇଆ । ଶିଖଣ୍ଡୀଙ୍କୁ ତାଙ୍କ ସମ୍ମୁଖକୁ ପଠାଇ, ତାଙ୍କୁ ତାଙ୍କ ପ୍ରତିଜ୍ଞା ଅନୁଯାୟୀ ନିରସ୍ତ୍ର କରାଗଲା ଓ ତା'ରି ସୁଯୋଗ ଏ ଅର୍ଜୁନ ନେଲେ । ଏକୁ ପୁରାଣର କାଳ୍ପନିକ କଥା କହି ତମେ ଉଡ଼େଇ ଦଉଚ । ଆରେ, ତମ ଇତିହାସକୁ ଦେଖୁନା ! ପ୍ରବଳ ପରାକ୍ରମଶାଳୀ, ରୁଷ ସାମ୍ରାଜ୍ୟର ପ୍ରତାପୀ ସମ୍ରାଟ ଓ ପୃଥିବୀର ସବୁଠାରୁ ଧନୀ ସମ୍ରାଟ ଜାରଙ୍କ ମୃତ୍ୟୁ କେଡ଼େ ଦୟନୀୟ ଦେଖୁନା ! ଆରେ ନିଜ ଜୀବନକୁ ବିପନ୍ନ କରି ସାହାଯ୍ୟ କରିବା, ଦାନ ଦେବା ହିଁ ପ୍ରକୃତ ସାହାଯ୍ୟ ଓ ଦାନ । ବନ୍ୟା ବାତ୍ୟାରେ ଲୋକେ ମଲେ, ଭୂକମ୍ପରେ ଶହଶହ ସଳିଳ ସମାଧି ଲଭିଲେ । ରାଜକୋଷ ଖୋଲି ଦେଉଛ । ସେବାର କେତେପ୍ରକାର ଫଟୋଲୋ ଚୋପା ! ମାତ୍ର ଯେଉଁଠି ଜନତାର ଦୁର୍ବଳତାର ସୁଯୋଗ ନେଇ ନରସଂହାର ଏଇ ନରରୂପୀ ରାକ୍ଷସମାନେ ଚଳାଇଥାନ୍ତି, ସେଥିକୁ ଏକ ଦାବୁଆ ହାତ ଓ ପଇଁତା ବାହୁ କେମିତି ପକ୍ଷାଘାତ ହୋଇଯାଉଛି ? ଏବେ ଦେଖୁନ, ତମ ତାଲିବାନ କି କାଲିବାନ କଥା । ଆରେ ବଳେ କ୍ଷମତା ହାସଲ ପାଇଁ ସାଧାରଣ ଜନତାଙ୍କୁ, ମହିଳାମାନଙ୍କୁ କେମିତି ହତ୍ୟା କରି ଆଫଗାନିସ୍ତାନରେ ରକ୍ତର ନଦୀ ବୁହାଇ ଦେଉଛନ୍ତି ? ଦିନେ ଆମେରିକା ତାଙ୍କ ପିଠିରେ ପଡ଼ିଥିଲା । ଆଉ କ'ଣ ହେଲା ଯେ, କାନ୍ଧ ଖସେଇନେଲା ? ଏ ଉଲ୍ଲାନ୍ତ ଆଚରଣରେ ସର୍ବନିମ୍ନ ମାନବିକ ଅଧିକାର ଧ୍ୱଂସ ପାଇ ଯାଇଥିଲେ ବି ବିଶ୍ୱର ସମଗ୍ର ଦେଶ ନୀରବ କିଆଁ ? ଅନ୍ତର୍ଜାତୀୟ କ୍ଷେତ୍ରରେ ଏହା ବିରୁଦ୍ଧରେ ସେମିତି ସ୍ୱର ଏ ଯାଏ ଉଠୁନି କିଆଁ ? ଦେଶ ସମୁଦାୟ ଏକାଠି ହେଲେ, କୁ ତାଲିବାନ କି କାଲିବାନ ଏମିତି ପୈଶାଚିକ କାଣ୍ଡ ଘଟାନ୍ତେ ? ଦେଖୁନ ନିରୀହ ଜନତାର କି ବିକଳ ଅବସ୍ଥା ହେଲା ? ରାଷ୍ଟ୍ରପତି ଘନି ତ ପୂର୍ବଙ୍କ ଭଳି ଜଘନ୍ୟ ଫାଶୀ ଦଣ୍ଡରୁ ମୁକୁଳିବାକୁ ଆଫଗାନବାସୀଙ୍କୁ ଛେଉଣ୍ଡ କରି ପ୍ରାଣ ରକ୍ଷା ପାଇଁ ପଳେଇଲେ । ଇଏ ହେଲା ତମ ସଭ୍ୟତା, ତମ ଗଣତନ୍ତ୍ରର ହିସାବ କାନୁନ୍ । ନିଜ ଜୀବନକୁ ବିପନ୍ନ କରି ଶିବି ତ ନିଜ ଦିହକୁ ଖଣ୍ଡ ଖଣ୍ଡ କରି କାଟି, ହ ଶକୁ ଦେଇଥିଲେ ଶରଣାଗତ କପୋତକୁ ରକ୍ଷା ପାଇଁ । ଆମ ଦେଶରେ ଆତ୍ମ ବିସର୍ଜନ କରାଯାଏ । ବାଳି ରାମଙ୍କର କୁ କ୍ଷତି କରିଥିଲା ? ମାତ୍ର ଭ୍ରାତୃବଧୂଙ୍କୁ ଅପହରଣ ଓ ତା'ର ଅନ୍ୟାୟ କାର୍ଯ୍ୟ ପାଇଁ ରାମ ତାଙ୍କୁ ବଧ କରିଥିଲେ । ମାତ୍ର ଆଜିର ସାହାଯ୍ୟ ସହାନୁଭୂତି ତଳେ ଆମ ସ୍ୱାର୍ଥ ସବୁ ଲୁଚି ରହିଛି । ଏକଥା ସାରା ଯେ ଦୁଧ ଉତୁରିଲେ ଚୁଲିକି, ଟିକିଏ ଅପେକ୍ଷା କର ।

ଜଗନ୍ନାଥେ ନ ଥିଲେ ଜଗେ କିଏ ?

॥ କବୀର କୁମାର ଜେନା ॥

ଜଗନ୍ନାଥ କିଏ ? ସେ କ'ଣ ଆମ ଭାଇ ବନ୍ଧୁ କୁଟୁମ୍ବ, ସେ ଆମର ଆମେ ତାଙ୍କର ଏହା ହିଁ ଆମର ତାଙ୍କୁ ନେଇ ବଡ଼ ପରିଚୟ । ଜଗନ୍ନାଥଙ୍କୁ ନେଇ ସବୁଠି ଓଡ଼ିଆମାନେ ନିଜକୁ ପରିଚିତ କରିଥାନ୍ତି । ଜଗନ୍ନାଥଙ୍କୁ ଅନେକ ନାମରେ ଅନେକ ଜାଣନ୍ତି । ସେ ଦାରୁ ଦେବତା, ସେ କାଳିଆ ଭୂଜ, ସେ ହେଉଛି ସମଗ୍ର ବ୍ରହ୍ମାଣ୍ଡର ନାୟକ । ସେ ଭାବଗ୍ରାହୀ ପୁରୁଷୋତ୍ତମ । ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଜାତି-ଧର୍ମ-ବର୍ଣ୍ଣ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ଉପଭିତ ଓ ପୂଜ୍ୟ । ଏହା ଏକ ଏକ ରହସ୍ୟମୟ ପ୍ରଶ୍ନ । କାରଣ, ଶ୍ରୀମନ୍ଦିର ବା ନୀଳାଚଳ ହେଉଛି ଶ୍ରୀଜଗନ୍ନାଥଙ୍କର ନିତ୍ୟସ୍ଥଳ । ସ୍କନ୍ଦ ପୁରାଣ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ (ଅଧ୍ୟାୟ ୨୯)ରେ 'ଶ୍ରୀପ୍ରତିମା' ବା ଶ୍ରୀଜଗନ୍ନାଥ ନିଜେ କହିଛନ୍ତି - 'ହେ ରାଜେନ୍ଦ୍ର ଇନ୍ଦ୍ରଦ୍ୟୁମ୍ନ ତୁମେ ଯେତେବେଳେ କୋଟି କୋଟି ରତ୍ନ ଉତ୍ସର୍ଗ କରି ମୋର ମନ୍ଦିର ସ୍ଥାପନ କରିଅଛ, ମୁଁ ତୁମକୁ ଏହି ବର ଦେଉଛି ଯେ, ମୋ ପ୍ରତି ତୁମର ଭକ୍ତି ଅଟଳା ହେବ । ଏହି ମନ୍ଦିର ଭଗ୍ନ ହୋଇଗଲେ ମଧ୍ୟ ମୁଁ କଦାପି ଏହି ସ୍ଥାନ ପରିତ୍ୟାଗ କରିବି ନାହିଁ । ଏହି ପ୍ରାସାଦ ମନ୍ଦିର ଭୂମିସାତ୍ ହେଲେ ମଧ୍ୟ ମୁଁ ଏହି ଦାରୁମୟ ଦେହରେ ପଦ୍ମଯୋନି ବ୍ରହ୍ମାଙ୍କ ଦ୍ୱିତୀୟ ପରାର୍ଦ୍ଧକାଳ ପରିସମାପ୍ତି ପର୍ଯ୍ୟନ୍ତ ଅବସ୍ଥାନ କରିବି । ମୁଁ ତୁମ ନିକଟରେ ଏହା ଚତୁର୍ବାର ସତ୍ୟ କରି କହୁଛି । ତାହେଲେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ନୂଆ ରଥ ଚଢ଼ି ସେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଚାଲିଯାଆନ୍ତି କିପରି ? ଏହା କ'ଣ ତାଙ୍କର ସତ୍ୟଭଙ୍ଗ ନୁହେଁ ? ବିଶ୍ୱ ବିସ୍ତୃତ ଜଗନ୍ନାଥଙ୍କ ଧାମ ଓ ପାଠସ୍ଥ ଦେବତାଙ୍କ ଆବିର୍ଭାବ ଧାମର ପ୍ରାଚୀନତା ମୂର୍ତ୍ତି ତତ୍ତ୍ୱ ସେମାନଙ୍କର ଅବସ୍ଥିତି ସର୍ବୋପରି ବିବିଧ ଯାତ୍ରା ସକଳ ବିଷୟ ରହସ୍ୟାବୃତ । ସାରଳା ଦାସଙ୍କ ଭାଷାରେ - 'ଅର୍ଜୁନ ବୋଇଲା ଯେଥିକୁ ଦେବ ନକର ଚିନ୍ତା । ବଡ଼ ବଳବନ୍ତ ପୁରୁଷୋତ୍ତମ ଯେ ଅଛଇ ରଖନ୍ତା । ସେହି ଖଡ଼ି ଘେନି ଲେଖନ କଲାକ ପିତୁଳୀ । ସେହି ପିତୁଳୀ ବିଦାରି ବାହାର ହୋଇଲା ପ୍ରଚଣ୍ଡ ବଳୀ ।' ଦିବ୍ୟଭୂଷ ଓ ଦିବ୍ୟ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ସେହି ପିତୁଳୀ ଜଗି ରହିଲା । ସାରଳା ଦାସଙ୍କ ବର୍ଣ୍ଣନାରେ ତାହାର ରୂପ ଏହି ପରି - 'କର ଚରଣ ନାହିଁ ଯେ ନାହିଁ ତାର ମୁଣ୍ଡ । ପେଟ ପିଠିନାହିଁ ଅଙ୍ଗ ମେଦ ମୃତ୍ୟୁପିଣ୍ଡ । ଅବଉଡିରେ ଅଂଧନେ ଲାଗିଲା ତାର କାୟୋ, ବୃକ୍ଷର ଉପରେ ଭୁଲିଲା ସେ ତମ୍ବଚକ୍ର ପ୍ରାୟେ ।' ଶାସ୍ତ୍ରୀୟ ପରମ୍ପରା ବିଧିରେ ମାନବ ଜାତିର ଐତିହ୍ୟରେ ଶୀର୍ଷ ଆସନ ଅଳଙ୍କୃତ କରିଥିବା ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରା ଜନପ୍ରିୟ ପ୍ରସାରଣ ଶୀଳତାରେ ବୈଦିକ ସଂସ୍କୃତିକୁ ବିଶ୍ୱ ସଂସ୍କୃତିରେ ରୂପାନ୍ତରିତ କରିପାରିଛି । ସିଏ ମୁଣ୍ଡ - ଚିର ମୁଣ୍ଡ । ତେଣୁ ସେ ପତିତର ବନ୍ଧୁ ଦଳିତର ବନ୍ଧୁ,ଦରିଦ୍ରର ବନ୍ଧୁ । ଯଥାର୍ଥରେ ସେ ଗଣବନ୍ଧୁ । ରଥଯାତ୍ରା ପରି ଏକ ଜାତୀୟ ଗଣପର୍ବ ଯେ କେତେ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ବୁଝାଇ କହିବାର ନାହିଁ । ଏହି ଗଣଦେବତା ଓ ଗଣଉତ୍ସବକୁ ନେଇ ଓଡ଼ିଶାର ପରିଚିତି, ଓଡ଼ିଆ ଜାତିର ପରିଚିତି ।

ଅଣିକଣା, ବରୀ, ଯାଜପୁର, ଦୂରଭାଷ : ୮୯୧୭୩୭୭୯୮୭

ଦେବତାଙ୍କ ପ୍ରତିନିଧି

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଆମେ ଜାଣୁଛେ, ଆମ ଦେଖୁଛେ, କର୍ମକାଣ୍ଡରେ ପୁରୋହିତମାନେ ଏକ ସୁନ୍ଦର ଗୋଟା ଗୁଆକୁ ପୂଜାରେ ପିତୃଶ୍ରାଦ୍ଧରେ ବା ଦେବପୂଜାରେ ପୁରୋହିତଙ୍କୁ କାର୍ଯ୍ୟ ସମ୍ପାଦନ ପାଇଁ ବରଣରେ ମାଧ୍ୟମ କରିଥାନ୍ତି । ପୂଜା ଆସ୍ଥାନରେ ଆହୁତ ଦେବ, ଗ୍ରହ, ମାତୃକାଗଣ, ବାସ୍ତୁ, ଦିଗପାଳଙ୍କ ପ୍ରତିନିଧି ରୂପେ ଏକ ଏକ ଗୁଆ ସ୍ଥାପନ କରୁଛନ୍ତି, ବନ୍ଧୁ ନିମନ୍ତ୍ରଣରେ ସୁପାରୀ ଚାଲାଣ ରହିଛି, ପୂଜାପର୍ବରେ ମୁଖ୍ୟ ଦ୍ୱାର ବା ପୀଠକରେ ପୂର୍ଣ୍ଣକୁମ୍ଭ ଦ୍ୱାରପାଳ ପ୍ରତିନିଧି ଆକାରରେ ବସୁଛି, ନିର୍ବନ୍ଧ ସ୍ୱୀକାର କାର୍ଯ୍ୟରେ ଦୁଇ ପକ୍ଷ ଏହା ପ୍ରସାଦ (ଜଗନ୍ନାଥଙ୍କ ନିର୍ମାଲ୍ୟ) କୁ ଛୁଇଁ ହାତରେ ଧରି ଏକ ଦେବ ରାଣ ଶପଥ ଉଚ୍ଚ ସ୍ୱରରେ କରିବା ଦେଖାଯାଏ । ନିର୍ମାଲ୍ୟ ହିଁ ଅନ୍ନ ବ୍ରହ୍ମ ସେ ତତ୍କାଳ ତତ୍କାଳୀନ ଘଟଣାର ଦେବ ପ୍ରତିନିଧି ସାକ୍ଷୀ । ସତ୍ୟମ ମଧ୍ୟ ନାଦ, ସତ୍ୟମ-ଶିବମ-ସୁନ୍ଦରମ, ଯେ ନାଦ ବ୍ରହ୍ମଙ୍କ ଅଭିନ୍ନ ଅଂଶ ତାର ଆଦ୍ୟାଂଶ ବହୁଜନ ଶ୍ରବଣ ଉଦେଶ୍ୟରେ ହଳପ କରି ଉଚ୍ଚାରଣ କରନ୍ତି । ଦେବାଦେବୀ ପୂଜାରେ କଳସ ବୁଡ଼ାଇଲ ତୋଳା ଏକ ନଦୀ ବା ପୁଷ୍କରିଣୀରେ କରାଯାଏ । ଏଠାରେ ଗଙ୍ଗାଦି ସରିତା ମାତାଙ୍କର ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଓକିଲ, ଅଦାଲତରେ ଜବାବ ସାୱାଲ କରନ୍ତି । ରାଜନେତା ଦେଶର ଘଟଣା ବଳିରେ ଲୋକ ସମସ୍ୟା ଦର୍ଶାଇ ଜନମତ ନିର୍ବାଚନରେ ଲଢ଼ିଜିତି ଲୋକ ପ୍ରତିନିଧି ହେଉଛନ୍ତି । ମନ୍ତ୍ରୀମାନେ କଣ ଯୋଜନା ଲୋକଜନତାଙ୍କ ଉପକାରରେ ଲାଗି ଉନ୍ନତି ହେବ ତାହା ଦର୍ଶାଇ ଦେଶ ବା ରାଜ୍ୟ ଉନ୍ନତି ମାର୍ଗୀ ପ୍ରତିନିଧି । ପ୍ରତି ସ୍ଥାନର ପୁଲିସ ପ୍ରଶାସନ ଲୋକଙ୍କୁ ଆତଙ୍କ ଭୟ, ତ୍ରାସର ତ୍ରାଣକାରୀ ସରକାରୀ ପ୍ରତିନିଧି, ଆଇନ ଅଦାଲତ ବିଚାର ବିଭାଗ ଏସବୁ ଲୋକଙ୍କୁ ସମ୍ବିଧାନିକ ସଙ୍କଟ, ମୌଳିକ ଅଧିକାରରେ ଅଭୟ ଦେବା ପ୍ରତିନିଧି । ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ହାତଧରିବା ଦିନରୁ ରକ୍ଷା କବଚ ଏ ସମାଜ ମାନ୍ୟତା, ସାର ସ୍ୱାମୀର ଧର୍ମପତ୍ନୀ, ହେଲେ ସ୍ୱାମୀ ବିପଥଗାମୀରେ ରୋକ ଲଗାଇ ତାଙ୍କୁ ପୁନଃ ମୂଳ ସ୍ରୋତକୁ ଆଣିବା ଦାୟିତ୍ୱ ପ୍ରତ୍ୟେକ ବିବାହିତା ପତ୍ନୀଙ୍କ ରହିଛି, କ୍ଷମା ଦମ୍ପତିଙ୍କ ଧ୍ୟେୟ । ଏମାନେ ପ୍ରଜାପତି ବ୍ରହ୍ମାଙ୍କ ମର୍ତ୍ତ୍ୟଲୋକ ପ୍ରତିନିଧି । ଗୁରୁମାନେ ଦୈବଗୁରୁଙ୍କ ପ୍ରତିନିଧି, ଶିକ୍ଷ୍ୟ ଛାତ୍ର ମାନଙ୍କୁ ସାମାଜିକ, ବିଦ୍ୱାନ, ଉପାର୍ଜନ କ୍ଷେମ ଓ ସତକର୍ମ କରି ଦେଶ ଓ ଦଶଙ୍କର ଉପକାର କରିବା ସୁନାମ ରଖିବା ପାଇଁ ଚେଷ୍ଟା କରିବା ତାଙ୍କ ଦାୟିତ୍ୱ । ସାମ୍ବାଦିକତା ହେଉଛି ଦେବର୍ଷି ନାରଦଙ୍କ ପ୍ରତିନିଧି କାର୍ଯ୍ୟ, ଟିଭି ସମ୍ବାଦ ପାଠକ ବା କଥକ, ଲୋକଙ୍କୁ ଧୃତରାଷ୍ଟ୍ର (ରାଷ୍ଟ୍ରକୁ ଯେ ଧରି ରଖୁଛନ୍ତି) ସର୍ବତ୍ର ଦ୍ୱିଦଳ ଶାସନରେ ଥିବା ଦଳ ଓ ବିରୋଧୀ ଦଳ ବା ମାଲିକ ନୌକର ବା ଧନୀ ଦରିଦ୍ର ବା କୋଣ ଅନୁକୋଣ ଖବର ଯେ କହୁଛନ୍ତି ସେ ସଞ୍ଜୟଙ୍କ ପ୍ରତିନିଧି, ଏହି ଦୁଇ ପ୍ରତିନିଧି ଦେଶ କଣ ସାରା ପୃଥିବୀରେ ଚାହିଁଲେ ଶାନ୍ତି ସତ୍ୟ ରଖି ପାରିବେ । କୁବେର ପ୍ରତିନିଧି ବ୍ୟାଙ୍କ ମାନେ ଠିକ ଅର୍ଥନୀତିର ପରିଚାଳନାରେ ଲୋକେ ପରିଶ୍ରମକରି ସୁଖରେ ରହିପାରନ୍ତି । ପ୍ରାକୃତିକ ଦୁର୍ବିପାକରେ ବ୍ୟାଙ୍କ ମାନେ ଉଦାର, ନୀତି ଧରିଲେ ପୁନଃ ସଂସାର ନୂଆ ହୋଇ ଠିଆ ହୋଇ ପାରିବ । ଅନ୍ନପୂର୍ଣ୍ଣା ଶକ୍ତି ସବୁ ଘରର ମା-ଭଉଣୀମାନେ, ସେମାନେ ମିତବ୍ୟୟୀ ହୋଇ ପରିବାରକୁ ସ୍ୱ ସ୍ୱାମୀ ପୁତ୍ର ଭାଇଙ୍କୁ ସତପଥରେ ରହି ରୋଜଗାର କରିବାକୁ ପ୍ରବର୍ତ୍ତାଇଲେ ଓ ଅତିଥି ଅଭ୍ୟାଗତଙ୍କୁ ଯଥାଶକ୍ତି ସେବା କଲେ ଗୃହ ଅନ୍ନପୂର୍ଣ୍ଣା ଅଳୟ ହୋଇଯିବ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ଗୋପବନ୍ଧୁ

॥ଡ଼ଃ. ଅରୁନ୍ଧତୀ ଦେବୀ ॥

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଦର୍ଶ ତ୍ୟାଗ ଓ ସମାଜ ସେବା ସମଗ୍ର ଓଡ଼ିଆ ଜାତି ପାଇଁ ଚିରସ୍ମରଣୀୟ ହୋଇ ରହିଛି ଓ ରହିଥିବ । ତାଙ୍କ ଜୀବନୀ ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ପ୍ରଭାବିତ କରିଥାଏ । ଜନ୍ମ ହେଲେ ସମସ୍ତେ ମୃତ୍ୟୁବରଣ କରନ୍ତି । କାଳର କରାଳ ଗର୍ଭରେ ସବୁକିଛି ବିଲୀନ ହୋଇଯାଏ । ସମୟର ସ୍ରୋତ ସମସ୍ତଙ୍କୁ ଭସାଇ ନିଏ । ଯେତେ ଯାହା ହେଲେ ମଧ୍ୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ତାଙ୍କର ନିସ୍ୱାପର ଆନ୍ତରିକ ସେବା କାର୍ଯ୍ୟ ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ ନିକଟରେ ଅଭୁଲା ହୋଇ ରହିଥିବେ । ଗୋପବନ୍ଧୁ ଜନ୍ମ ଲାଭ କରିଥିଲେ ପୁରୀ ଜିଲ୍ଲାର ସୁଆଣ୍ଡୋ ନାମକ ଏକ ଗ୍ରାମରେ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖରେ । ତାଙ୍କ ପିତାଙ୍କ ନାମ ଥିଲା ଦୈତାରୀ ଦାସ ଓ ମାତାଙ୍କ ନାମ ଥିଲା ସ୍ୱର୍ଣ୍ଣମୟୀ ଦେବୀ । ଜନ୍ମର ଅଳ୍ପ ଦିନ ପରେ ସେ ମା'ଛେଉଣ୍ଡ ହୋଇ ପିଉସୀ କମଳା ଦେବୀଙ୍କ ତ▯ାବଧାନରେ ପ୍ରତିପାଳିତ ହୋଇଥିଲେ । ଗ୍ରାମରେ ଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଲାଭ କଲାପରେ ରୂପଦେଇପୁରରେ ଥିବା ମଧ୍ୟଇଂରାଜୀ ବିଦ୍ୟାଳୟରେ ପଢ଼ିଲେ । ପୁରୀ ଜିଲ୍ଲା ସ୍କୁଲରୁ ୧୮୯୯ ମସିହାରେ ସେ ମେଟ୍ରିକ୍ୟୁଲେସନ ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ତାଙ୍କର କଲେଜ ଶିକ୍ଷା ଆରମ୍ଭ ହେଲା କଟକ ରେଭେନ୍ସା ମହାବିଦ୍ୟାଳୟରେ । ୧୯୦୨ ମସିହାରେ ସେ ଏଫ୍.ଏ. ପରୀକ୍ଷାରେ ଓ ୧୯୦୪ ମସିହାରେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ରେଭେନ୍ସା କଲେଜରେ ପଢୁଥିବା ସମୟରେ ସେ ଆଚାର୍ଯ୍ୟହରିହର ଆଦି ଦେଶ ସେବକ ମାନଙ୍କ ସଂସ୍ପର୍ଶରେ ଆସି ଦେଶ ସେବାରେ ଆଗ୍ରହୀ ହେଲେ । ୧୯୦୨ ମସିହାରେ ବ୍ରହ୍ମପୁରରେ ହୋଇଥିବା ଉତ୍କଳ ସମ୍ମିଳନୀରେ ଯୋଗ ଦେଇ ସ୍ୱରଚିତ ପ୍ରାରମ୍ଭିକ ସଙ୍ଗୀତ ଗାନ କରି ଉତ୍କଳ ଗୌରବ ମଧୁସୂଦନ ଦାସ ଆଦି ବିଶିଷ୍ଟ ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ରେଭେନ୍ସା ମହାବିଦ୍ୟାଳୟରୁ ବି.ଏ. ପାଶ କଲାପରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଆଇନ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ଦେଶରେ ଶିକ୍ଷାର ପ୍ରସାର ପାଇଁ ସେ ନିଳଗିରି ଠାରେ ସ୍ଥାପିତ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଲେ । ଜଣେ ଆଦର୍ଶ ଶିକ୍ଷକଙ୍କର ଭୂମିକା ସମ୍ବନ୍ଧରେ ଅନ୍ୟ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଲାପରେ ସେ ଆଇନଜ୍ଞ ଭାବେ କଟକରେ କାର୍ଯ୍ୟକଲେ ଓ ପରେ ପୁରୀ ଯାଇ ଓକିଲାତି କରିଥିଲେ । ମିଥ୍ୟାକୁ ଟିକେ ମାତ୍ର ପ୍ରଶ୍ରୟ ନ ଦେଇ ସତ୍ୟକୁ ସମ୍ବଳ କରି ଓକିଲାତି କରିବା ପାଇଁ ସେ ଅନ୍ୟ ଓକିଲ ମାନଙ୍କୁ କହୁଥିଲେ । ସେତେବେଳେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ନଥିଲା । ବିହାର ଓ ଓଡ଼ିଶା ଏକ ଶାସନାଧୀନ ଥିଲା । ଗୋପବନ୍ଧୁ ୧୯୧୭ରୁ ୧୯୨୦ ମସିହା ପର୍ଯ୍ୟନ୍ତ ବିହାର ଓଡ଼ିଶା ବିଧାନ ସଭାର ସଭ୍ୟ ରହି ବହୁତ ଉନ୍ନତି ମୂଳକ କାର୍ଯ୍ୟ କରିଯାଇଛନ୍ତି । ବିଶେଷତଃ ପରାଧୀନ ଦେଶରେ ଦେଶବାସୀଙ୍କର ପ୍ରକୃତ ଉନ୍ନତି କିପରି ହେବ ସେଥିପାଇଁ ସେ ଚିନ୍ତିତ ଥିଲେ । ଓଡ଼ିଶାରେ ଜାତୀୟ କଂଗ୍ରେସର ସେ ସଭାପତି ହେଲେ । ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରଚାରିତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ସେ ୧୯୨୨ରୁ ଦୁଇବର୍ଷ ପାଇଁ ହଜାରିବାଗ ଜେଲରେ ବନ୍ଦୀ ଜୀବନ ବିତାଇ ଥିଲେ । ଓଡ଼ିଆ ଭାଷାରେ ଲିଖିତ ତାଙ୍କର ଦେଶପ୍ରେମର ବା▯ା ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମ ଓ ସ୍ୱାଧୀନତାର ବହ୍ନି ଜାଳି ଦେଇଥିଲା । ୧୯୨୪ ମସିହାରେ କଟକ ଠାରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀରେ ତାଙ୍କୁ ଉତ୍କଳମଣି ଉପାଧି ପ୍ରଦାନ କରାଯାଇଥିଲା । ସେ ଲୋକ ସେବକ ମଣ୍ଡଳର ସଦସ୍ୟ ଓ ଉପସଭାପତି ଥିଲେ । ନିଃସ୍ୱାର୍ଥ ସେବାକୁ ସେ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ । ରେଭେନ୍ସା କଲେଜରେ ଛାତ୍ରଥିବା ସମୟରେ ସେ ଗରିବ ଛାତ୍ର ମାନଙ୍କ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଠାରୁ ଅର୍ଥ ସଂଗ୍ରହ କରି ଅଭାବି ଛାତ୍ର ମାନଙ୍କ ପାଇଁ ବହି ଖାତା କିଣିବା ଓ ଖାଇବା ବନ୍ଦୋବସ୍ତ କରୁଥିଲେ । ବନ୍ୟାବାତ୍ୟା ଓ ନାନା ପ୍ରକାର ଦୁର୍ବିପାକ ସମୟରେ ସେ ଲୋକମାନଙ୍କର ଉଦ୍ଧାର କାର୍ଯ୍ୟ କରିବା ସହ ଖାଦ୍ୟପେୟର ସୁବନ୍ଦୋବସ୍ତ କରିବା ପାଇଁ ନିଜ ସୁଖ ସୁବିଧାକୁ ଜଳାଞ୍ଜଳି ଦେଇ ସେବାରେ ଲାଗିପଡୁଥିଲେ । ନିଜ ପରିବାରକୁ ମଧ୍ୟ ଗୌଣ ସ୍ଥାନ ଦେଇ ଅସହାୟଙ୍କ ସେବାକୁ ପ୍ରାଧାନ୍ୟ ଦେଉଥିଲେ । ତାଙ୍କ ନିଜ ପୁଅ ରୋଗଗ୍ରସ୍ତ ଥିବା ସମୟରେ ସେ ଖବର ପାଇଲେ ବନ୍ୟା ଯୋଗୁଁ ଅନେକ ଅଂଚଳ ଜଳମଗ୍ନ ହୋଇ ଯାଇଥିବାରୁ ଲୋକମାନେ ଘରଦ୍ୱାର ହରାଇ ରୋକ ଉପାସରେ ପଡ଼ିରହି କଷ୍ଟ ଭୋଗୁଛନ୍ତି । ନିଜର ଗୁରୁତର ଅବସ୍ଥାରେ ପଡ଼ିଥିବା ରୋଗଗ୍ରସ୍ତ ପୁଅକୁ ଛାଡ଼ି ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ଥଇଥାନ ଓ ଅନ୍ନ ସଂସ୍ଥାନ କରିବା ପାଇଁ ଚାଲିଗଲେ । ଗୋଟିଏ ପୁଅ ତୁଳନାରେ ହଜାର ହଜାର ଲୋକଙ୍କ କଷ୍ଟ ଦୂର କରିବା ତାଙ୍କ ପାଇଁ ଅଧିକ ଉପଯୋଗୀ ମନେହେଲା । ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ସେବା କରି ଘରକୁ ଫେରି ଆସିଲା ବେଳକୁ ପୁଅ ଶେଷ ବିଦାୟ ନେଇ ସାରିଥିଲା । ବାସ୍ତବିକ ଏ ପ୍ରକାର ସେବା କେତେ ଜଣ କରିପାରିବେ ? ନିଜ ପର ମଧ୍ୟରେ ପ୍ରଭେଦ ସେ ଦେଖୁନଥିଲେ । ମାନବ ସେବାକୁ ମାଧବଙ୍କ ସେବା ବୋଲି ସେ ଗ୍ରହଣ କରିଥିଲେ । ଲୋକମାନଙ୍କ ନିକଟରେ ବିଭିନ୍ନ ସମ୍ବାଦ ପହଂଚାଇବାକୁ ସେ ସେବା ରୂପେ ଗ୍ରହଣ କରିଥିଲେ । ସେଥିପାଇଁ ୧୯୧୫ ମସିହାରେ ନିଜ ଗ୍ରାମରୁ କିଛି ଦୂରରେ ଥିବା ସାକ୍ଷୀଗୋପାଳରୁ 'ସତ୍ୟବାଦୀ' ନାମରେ ଗୋଟିଏ ପତ୍ରିକା ପ୍ରକାଶ କରି ଲୋକମାନଙ୍କ ମଧ୍ୟରେ ବିତରଣ କଲେ । ୧୯୧୯ ମସିହାରେ 'ସମାଜ' ପତ୍ରିକା ପ୍ରକାଶ କଲେ । ପ୍ରଥମରେ ଏହା ସପ୍ତାହରେ ଥରେ ପ୍ରକାଶିତ ହେଉଥିଲା । ପରେ ଏହା ଦୈନିକ ସମ୍ବାଦପତ୍ର ରୂପେ ପ୍ରକାଶିତ ହୋଇ ଖୁବ୍ ଲୋକପ୍ରିୟ ହେଲା । ରାଜନୀତି ଠାରୁ ଆରମ୍ଭ କରି ବିଭିନ୍ନ ସମ୍ବାଦ ପରିବେଷଣ ଦ୍ୱାରା ଲୋକମାନଙ୍କର ଯେଉଁ ସେବା ସେ ଆରମ୍ଭ କଲେ ସେଥିପାଇଁ ସେ ଚୀର ସ୍ମରଣୀୟ ହୋଇ ରହିଛନ୍ତି । ଓଡ଼ିଶାରେ ଅନେକ ସମ୍ବାଦପତ୍ର ପ୍ରକାଶିତ ହେଉଥିଲେ ହେଁ ସମାଜର ଲୋକପ୍ରିୟତା ଗୋପବନ୍ଧୁଙ୍କର ଆଶୀର୍ବାଦରୁ ଅତୁଟ ରହିଛି । ପରାଧୀନ ଦେଶରେ ଲୋକ ମାନଙ୍କୁ ସ୍ୱାଧୀନତା ସମ୍ବନ୍ଧରେ ଉଦ୍‌ବୁଦ୍ଧ କରିବାକୁ ଏକ ବଡ଼ ସେବା ବୋଲି ସେ ଗ୍ରହଣ କରିଥିଲେ । ଦେଶ ଓ ଦଶର ସେବା ବ୍ରତ ପାଇଁ ସେ ଚିରଦିନ ଓଡ଼ିଆ ମାନଙ୍କ ମନରେ ବଂ ରହିଥିବେ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ କଟକ, ଦୂରଭାଷ : ୯୯୩୭୧୭୨୮୧୦

ଗଣତନ୍ତ୍ର ମନ୍ଦିର ଭିତରେ ଲଣ୍ଠନ

॥ କିଶୋର ଚନ୍ଦ୍ର ବେହେରା ॥

ଅତ୍ୟାଧୁନିକ ବିଜ୍ଞାନ ଓ କାରିଗରୀ ବିଦ୍ୟା ଡିଜିଟାଲ ଯୁଗରେ ଅଲୋଡ଼ା ହୋଇପଡ଼ିଥିବା ଡିବିରି, ଲଣ୍ଠନ, ଚେମେଣି ଓ ମହମବତି ଏବେ ପୁଣି ଖୋଜା ପଡିଛି । ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ସମୟରେ ଏସବୁ ପାରମ୍ପରିକ ସାମଗ୍ରୀକୁ ଲୋକେ ପୁଣି ଏକତ୍ରିତ କରିଥାନ୍ତି । ଆଲୋକ ପ୍ରଦାନ କରୁଥିବା ଏକ ଉପକରଣ ଯେଉଁଥିରେ ବତୀର ଚାରିପଟେ ଏକ ଗୋଲ କାଚ ଲଗା ହୋଇଥାଏ ଏବଂ ତେଲ ରଖିବା ନିମନ୍ତେ ଏକ ଆଧାର ଥାଏ । ଯେଉଁ ସମୟରେ ଆମ ନିକଟରେ ବିଦ୍ୟୁତ ଅପହଂଚ ଥିଲା ସେତେବେଳେ ଲୋକେ କିରୋସିନିରେ ଡିବିରୀ ବତୀ ହେଉ କିମ୍ବା ଜଡ଼ାରେ ଦିହୁଡ଼ି ଲଗାଇ ଅନ୍ଧାରକୁ ଦୂରେଇ ପାରୁଥିଲେ କ୍ଷ ବହୁ ବର୍ଷ ଧରି ନିପଟ ମଫସଲ ଗ୍ରାମ କିମ୍ବା ଛୋଟ ଛୋଟ ସହର ଗୁଡ଼ିକରେ ଆଲୋକୀକରଣ ବ୍ୟବସ୍ଥାର ଅଭାବ ଦେଖା ଦେଉଥିଲା । ବସ୍ତି ଗୁଡ଼ିକରେ ବସବାସ କରୁଥିବା ଲୋକେ ବିଭିନ୍ନ ଉପାୟରେ ଅନ୍ଧାରକୁ ଦୂର କରିବା ପାଇଁ ଯଥାସମ୍ଭବ ପ୍ରୟାସ କରୁଥିଲେ । ଅପହଂଚ ଇଲାକା ତଥା ପାହାଡ଼ିଆ ଓ ଦୁର୍ଗମ ଅଂଚଳରେ ବାସ କରୁଥିବା ଲୋକେ ରାତିର ଘନ ଅନ୍ଧକାର ଭିତରେ ମୁଣ୍ଡ ଗୁଞ୍ଜି ରହୁଥିଲେ । ଦିନରେ ସୂର୍ଯ୍ୟଙ୍କ ଆଲୁଅରେ ପେଟ ପାଟଣା ପାଇଁ ଖାଦ୍ୟ ଅନ୍ୱେଷଣ ହେଉ କିମ୍ବା ଚାଷ ଜମିରେ କାମ କରି ସନ୍ଧ୍ୟା ବେଳକୁ ଘରକୁ ଫେରି କ୍ଳାନ୍ତ ଶରୀରକୁ ବିଶ୍ରାମ ନେବା ପାଇଁ ତତ୍ପର ହେଉଥିଲେ । ସଞ୍ଜ ନଇଁଲେ ଘରେ ଘରେ ପଡି ଯାଉଥିଲା ତାଟି କବାଟ । କିଛି ଲୋକ ଡିବିରୀ ବତିରେ ପାଠ ପଢ଼ିବା ହେଉ ରୋଷେଇ କରିଆସୁଥିଲେ । ଧୂଆଁରେ ଘର ଭ ହୋଇଯାଉଥିଲା । ସମୟ କ୍ରମେ ଗାଁ ଗଣ୍ଡାର କୁଶଳୀ କାରିଗର ଲୁହାରେ ତିଆରି ଚିମିନି ସହିତ ଲଣ୍ଠନକୁ ତିଆରି କରି ଲୋକଙ୍କ ଆବଶ୍ୟକତା ମେ ଇବାରେ ସମର୍ଥ ହୋଇଥିଲେ । ଲଣ୍ଠନ ବିଭିନ୍ନ ପ୍ରକାର ଯେମିତି କିରୋସିନ୍, ପେଟ୍ରୋମାକ୍ସ କିମ୍ବା ବିଦ୍ୟୁତ୍ ଚାଳିତ ଆଲୋକ ଉପକରଣ ହୋଇପାରେ । କିନ୍ତୁ ଓଡ଼ିଶାରେ ଲଣ୍ଠନ କହିଲେ ସାଧାରଣତଃ କିରୋସିନ୍ ଚାଳିତ ଲଣ୍ଠନକୁ ବୁଝାଯାଏ । ଲଣ୍ଠନ ଭିତରେ ମହମବତୀ, କିରୋସିନ୍ ସଳିତା, ପେଟ୍ରୋମାକ୍ସ ମେ ଲ୍ କିମ୍ବା ବିଦ୍ୟୁତ୍ ବତୀ ଆଲୋକର ଉତ୍ସ ଭାବରେ ବ୍ୟବହାର ହୋଇଥାଏ । ଖୋଲା ଆଲୋକ ଉତ୍ସ ଯେମିତି ମହମବତୀ କିମ୍ବା ଡିବିରି ବତୀରୁ ଅନେକ ପ୍ରକାରେ ଅଗ୍ନି ବିପ ହେବାର ସମ୍ଭାବନା ଥିବା ବେଳେ ଲଣ୍ଠନ ଏକ ନିରାପଦ ବତୀ ଭାବରେ ବ୍ୟବହାର କରାଯାଇଥାଏ । ପ୍ରକୃତରେ ଲଣ୍ଠନର ଉଦ୍ଭାବନ ନିରାପଦ ଆଲୋକ ପାଇବା ଉଦ୍ଦେଶ୍ୟରେ ହିଁ ହୋଇଥିଲା । ଅଧିକନ୍ତୁ ଘର ବାହାରେ ଲଣ୍ଠନର ଆଲୋକ ଉପରେ ପବନର ପ୍ରଭାବ ବିଶେଷ ନଥାଏ ।

ଅନ୍ଧାର ରାତିକୁ ଦୂର କରିବା ପାଇଁ ଯେଉଁ ଲଣ୍ଠନର ବ୍ୟବହାର ସମାଜରେ ବହୁଳ ପରିମାଣରେ ବ୍ୟବହୃତ ହେଉଥିଲା, ତାକୁ ନେଇ ଅନେକ କବି, ନାଟ୍ୟକାର, ଗୀତିକାର, ପ୍ରାବନ୍ଧିକ ଓ ଚିତ୍ରଶିଳ୍ପୀ ନିଜ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ । ରାତିରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ କିମ୍ବା ଦିନସାରା ଅକ୍ଳାନ୍ତ ପରିଶ୍ରମରୁ ନିଜକୁ ହାଲୁକା କରିବା ପାଇଁ ଯେଉଁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥାଏ ସେତେବେଳେ ଲଣ୍ଠନର ଆବଶ୍ୟକତା ପଡ଼ିଥାଏ । କାଳକ୍ରମେ ଭାରତ ସରକାରଙ୍କ ନିର୍ବାଚନ ଆୟୁକ୍ତ ଏହାକୁ ରାଜନୈତିକ ଦଳର ଚିହ୍ନ ରୂପେ ସ୍ୱିକୃତି ପ୍ରଦାନ କରିଥିଲେ । ୧୯୯୭ରେ ଜାତୀୟ ଜନତା ଦଳରୁ ଅଲଗା ହେବାପରେ ଲାଲୁ ପ୍ରସାଦ ଯାଦବ ବିହାରରେ ପ୍ରଥମ ଥରପାଇଁ ରାଷ୍ଟ୍ରୀୟ ଜନତା ଦଳ ଗଠନ କରିଥିଲେ ଏବଂ ଏହାର ଦଳୀୟ ଚିହ୍ନ ଥିଲା ଲଣ୍ଠନ । ସେ ହିଁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ । ଏହାପରେ ଲଗାତାର ଏହି ଦାୟିତ୍ୱ ତୁଲାଇ ଆସୁଛନ୍ତି । ଏପରିକି ଚାରା ଘୋଟାଲାରେ ଅଭିଯୁକ୍ତ ଥିବାବେଳେ ମଧ୍ୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ସାଧାରଣ ନିର୍ବାଚନ, ରାଜ୍ୟ ବିଧାନସଭାର ନିର୍ବାଚନ ଓ ତ୍ରିସ୍ତରୀୟ ପାୟତିରାଜ ନିର୍ବାଚନରେ ପରସ୍ପର ରାଜନୈତିକ ଦଳ ପରସ୍ପରକୁ ଆକ୍ଷେପ ଓ ପ୍ରତ୍ୟାକ୍ଷେପ କରି ସମାଲୋଚନା କରି ଥାନ୍ତି 'ଦିନବେଳେ ଲଣ୍ଠନ ଦେଖାଇବା' କଥା କାରଣ ସୂର୍ଯ୍ୟାଲୋକରେ ଲଣ୍ଠନ ଜଳିବା ଦ୍ୱାରା ନିଜର ଅସ୍ତିତ୍ୱ ହରାଇ ଥାଏ । ଦଳୀୟ ପ୍ରାର୍ଥୀଙ୍କ ପ୍ରତିଶ୍ରୁତି କିଛି ଜନତା ଜନାର୍ଦ୍ଦନ ମତଦାତାମାନେ ଏହାକୁ ଗ୍ରହଣ କରିଥିବା ବେଳେ କିଛି ଏହାକୁ ଅଗ୍ରାହ୍ୟ କରିଥାନ୍ତି । ଆମ ଦେଶରେ ୧୯୫୨ ମସିହା ପ୍ରଥମ ସାଧାରଣ ନିର୍ବାଚନ ଠାରୁ ଆରମ୍ଭ କରି ସଂପ୍ରତି ବିଧାନ ସଭା ନିର୍ବାଚନ ହେଉ କିମ୍ବା ତ୍ରିସ୍ତରୀୟ ପାୟତିରାଜ ନିର୍ବାଚନରେ ଓ ସହରାଂଚଳ ସ୍ଥାନୀୟ ସୟାତ ଶାସନ ନିର୍ବାଚନ ଭୋଟଦାନ କକ୍ଷରେ ଲଣ୍ଠନର ଆବଶ୍ୟକତା ପଡ଼ିଥାଏ । ଭୋଟଦାନ କକ୍ଷରେ ଲଣ୍ଠନର ବ୍ୟବହାରକୁ ନେଇ ଅନେକ ଆଲୋଚନା ମଧ୍ୟରେ ପ୍ରଥମତଃ ଭୋଟଦାନ କକ୍ଷଟି ଅନ୍ଧକାର ଥିବାରୁ ଏହାକୁ ଆଲୋକିତ କରାଯାଏ ଯାହାଫଳରେ ମତଦାତା ନିଜର ଜନପ୍ରତିନିଧି ଚିହ୍ନଟିକୁ ଜାଣିବା ପାଇଁ ସହଜ ହୋଇଥାଏ । ଦ୍ୱିତୀୟତଃ ଭାରତୀୟ ପରମ୍ପରାରେ ଦୀପର ଆଲୋକ ସତ୍ୟ, ଧର୍ମ ଓ ପରମ୍ପରାର ପ୍ରତୀକ ବୋଲି ବିଶ୍ୱାସ କରାଯାଇଥାଏ । ମତଦାତା କାହାକୁ ନିଜର ଭୋଟ ଖଣ୍ଡିକ କାହାକୁ ସାବ୍ୟସ୍ତ କଲେ କେବଳ ନିର୍ଜୀବ ଲଣ୍ଠନ ଦୀପହିଁ କେବଳ ଦେଖିଥାଏ, ତା' ବ୍ୟତିରକେ ଅନ୍ୟ କିଏ ଦେଖୁନଥାନ୍ତି ।

ଯେଉଁ ଲଣ୍ଠନକୁ ସାକ୍ଷୀ ରଖି ସାଧାରଣ ଜନତାଟିଏ ନିଜର ମତ ସାବ୍ୟସ୍ତ କରିଥିଲା, ସେହି ଲଣ୍ଠନ ଏବେ ନିର୍ବାଚିତ ଜନପ୍ରତିନିଧିଙ୍କ ହାତରେ । ଏଭଳି ରୋଚକ ପରିସ୍ଥିତି ଦେଖିବାକୁ ମିଳୁଛି ଚଳିତ ବର୍ଷ ବଜେଟ ଅଧିବେଶନରେ । ଓଡ଼ିଶା ବିରୋଧୀ ମନ୍ତବ୍ୟ ଦେଇଥିବା ବିଧାୟକଙ୍କ ବିରୋଧରେ ତୁରନ୍ତ ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜୁ ଜନତା ଦଳ ଦାବି କରିଛି । ଏହାସହ ଅଭିନବ ଉପାୟରେ ଲଣ୍ଠନ ଧରି ମୁଖ୍ୟମନ୍ତ୍ରୀ କୁଆଡେ ଗଲେ ବୋଲି ଖୋଜିଥିଲେ ବିଜେଡି ବିଧାୟକ । ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ପାଖରେ ଲଣ୍ଠନ ଧରି ଖୋଜିଥିଲେ ବିଜେଡି ବିଧାୟକ । ଏହାପରେ ବିଜେଡି ବିଧାୟକମାନେ ବିଧାନସଭାରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂ ୍ତି ତଳେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରି ପ୍ରତିବାଦ କରିଥିଲେ । ଯେଉଁଠି ରାତିର ଅନ୍ଧାରକୁ ଦୂର କରିବା ପାଇଁ ଲଣ୍ଠନର ଆବଶ୍ୟକତା ପଡ଼ିଥାଏ କିନ୍ତୁ ୨୪ଘ । ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବିଧାନ ସଭାରେ ଲଣ୍ଠନର ଆବଶ୍ୟକତା ପଡ଼ିଲା ଏହା ସାଧାରଣରେ ପ୍ରଶ୍ନବାଚୀ । ଏହାକୁ ନେଇ ଯୁବ ମତଦାତା ଗୋଷ୍ଠୀ କହନ୍ତି, ଆମେତ ଘରେ ଲଣ୍ଠନ ଦେଖିନାହୁଁ, ବାହାରକୁ ଗଲେ ହୋଟେଲ କିମ୍ବା ପାର୍କରେ ରଖାଯାଇଥବାର ଦେଖିବାକୁ ମିଳୁଥିଲା, ସେ ଯାହେଉ ବ ମାନ ଗଣତନ୍ତ୍ର ମନ୍ଦିରରେ ଏହା ଦେଖିବାକୁ ମିଳିଲାଣି । ଏହାକୁ ନେଇ ରାଜନୈତିକ ଗବେଷକ ମାନେ ମତପ୍ରକାଶ କରିଛନ୍ତି ଗତ ୧୯ତମ ସାଧାରଣ ନିର୍ବାଚନ ଓ ୧୮ତମ ରାଜ୍ୟ ବିଧାନସଭା ନିର୍ବାଚନ ସମୟରେ ଭୋଟଦାନ କକ୍ଷରେ କିରୋସିନି ବ୍ୟବହୃତ ଲଣ୍ଠନ ବ୍ୟବହାର ନକରି ବ୍ୟାଟେରୀ ଜନିତ ଲଣ୍ଠନ ବ୍ୟବହାର ଏହାର ପରିଣାମ ବୋଲି ମତପୋଷଣ କରୁଛନ୍ତି । ଏଥିରୁ ସ୍ପଷ୍ଟ ହୋଇଗଲାକି ପରବ ୀ ପିଢ଼ି ପାଇଁ ଇତିହାସ ପାଲଟିବନି ପାରମ୍ପରିକ ଲଣ୍ଠନ ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ
ଯୋଗାଯୋଗ: ୯୪୩୭୯୫୫୫୬୮

ସିଥୋ
ଆରମ୍ଭ
SEITHO ARAMBHA

ଶୁକ୍ରବାର ୯ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଦାବି ନେଇ ୧୨ ଘଂଟିଆ ବନ୍ଦ : କୋରାପୁଟରେ ରାସ୍ତାକୁ ଓହ୍ଲାଇଲେ କଂଗ୍ରେସ କର୍ମୀ

କୋରାପୁଟ, ୦୮/୧୦ (ଆ.ପ୍ର) : ରାଜ୍ୟରେ ଏମଏସପିଆର ଆଇନ ପ୍ରତ୍ୟାହାର, ସି ସିଙ୍ଗ ଇସ୍ତଫା ଏବଂ ପାଠ୍ୟପୁସ୍ତକରେ ଥିବା ତ୍ରୁଟି ସଂଶୋଧନ ସହ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସମେତ ବିଭିନ୍ନ ଦାବି ନେଇ କଂଗ୍ରେସ ଏବଂ ଇଣ୍ଡି ମେଂଟ ପକ୍ଷରୁ ୧୨ ଘଂଟିଆ ଓଡ଼ିଶା ବନ୍ଦ ଡାକରାରେ କୋରାପୁଟ ଜିଲ୍ଲାରେ ଏହି ବନ୍ଦର ବ୍ୟାପକ ପ୍ରଭାବ ପରିଲକ୍ଷିତ ହୋଇଛି । ସାଧାରଣ ଜନଜୀବନ ଯଥେଷ୍ଟ ପ୍ରଭାବିତ ହୋଇଛି । କଂଗ୍ରେସ ପକ୍ଷରୁ କୋରାପୁଟର ଟ୍ରାଫିକ ଛକ, ରେଲୱେ ଛକ ଏବଂ ବାଟମଙ୍ଗଳା ଛକ ଠାରେ କଂଗ୍ରେସର ନେତା ଓ କର୍ମୀ ମାନେ ରାସ୍ତା ଉପରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇ ପ୍ରତିବାଦ କରିଛନ୍ତି । ଫଳରେ ଜଗଦଲପୁରରୁ କୋରାପୁଟ ଦେଇ ରାୟଗଡା ଓ ବିଶାଖାପାଟଣାକୁ ଗାଡି ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଥିଲା । ଦୋକାନ ବଜାର ବନ୍ଦ ହେବା ସହ କୋରାପୁଟରେ ବନ୍ଦର ପ୍ରଭାବ ପଡିଥିବା ଦେଖାଦେଇଛି । ରାସ୍ତା ଶୁନଶାନ ହୋଇ ପଡିଥିବା ବେଳେ ମାଲ ବୋଝେଇ ଗାଡି ଗୁଡିକ ବିଭିନ୍ନ ସ୍ଥାନରେ ରାସ୍ତା କଡ଼ରେ ଅଟକି ରହିଥିଲା । ବସ୍ ଚଳାଚଳ ବନ୍ଦ ହୋଇଥିବା କାରଣରୁ ଯାତ୍ରୀ ମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖାଦେଇଛି । କୋରାପୁଟ ରେଲୱେ ଷ୍ଟେସନରେ ଷ୍ଟେସନକୁ ଧସେଇ ପଶିବା ବେଳେ କଂଗ୍ରେସ୍ ନେତା ଓ କର୍ମୀଙ୍କୁ ଅଟକାଇଥିଲା ପୁଲିସ । ବନ୍ଦ ଡାକରାକୁ ନେଇ ଷ୍ଟେସନ ଆଗରେ ଜୋରଦାର ପ୍ରତିବାଦ କରାଯାଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, ଜିଲ୍ଲା ପ୍ରଭାରୀ ଦୁର୍ଗା ପ୍ରସାଦ ପଣ୍ଡା, ପୂର୍ବତନ ବିଧାୟକ ନିମାଇଁ ସରକାର, କୋରାପୁଟ ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ଭଗବାନ ବାହିନୀପତି, କୋରାପୁଟ ଟାଉନ କଂଗ୍ରେସ ସଭାପତି ଜୟନ୍ତ କୋଟିମ, ବ୍ଲକ କଂଗ୍ରେସ ସଭାପତି ମିହିର କୁଲଦୀପ ପ୍ରମୁଖଙ୍କ ସହ ଅନେକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

ଭଙ୍ଗା ଘରେ ବିତୁଛି ଜୀବନ, ଆବାସ ଯୋଜନା ସାତ ସପନ



ଏରସମା, କୁଜଙ୍ଗ, ୦୮/୧୦ (ଆ.ପ୍ର) : ପ୍ରଶାସନ ଅଧିକାରୀ କହୁଛନ୍ତି ତୁମେଘର ପାଇବା ପାଇଁ ଯୋଗ୍ୟ । କିନ୍ତୁ ଅସୁବିଧା ଲୋକଟି ପଚାରିଲେ କହୁଛନ୍ତି ଉପ ଜାତି ହେଉଛି । ଆବାସ ଯୋଜନାରୁ ବଂଚିତ ହେଉଛନ୍ତି ପରିବାର । ଏଭଳି ଏକ ସଂଗୀନ ଅଭିଯୋଗ ଆସିଛି ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅଧୀନ ସାଇଲୋ ପଂଚାୟତ ଛୋଟିବର ଗ୍ରାମରୁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଂଚିତ ଲିଜା ରାଣୀ ସାହୁ ଦୀର୍ଘ ବର୍ଷ ଧରି ସପରିବାର ଭଙ୍ଗା ଆଜବେଷ୍ଟ ପଡ଼ିଥିବା ମାଟି ଘରେ ଜୀବନ ବିତାଉଛନ୍ତି । ଘର ଖଣ୍ଡେ ପାଇଁ ପଂଚାୟତରୁ ବ୍ଲକ, ବ୍ଲକରୁ ଜିଲ୍ଲା ପ୍ରଶାସନ ଯାଏ ଗୁହାରି କରିଥିଲେ ବି କାହାର ତାଙ୍କ ଆଁ କୁ ବାଦ ଦିଆ ଯାଉଛି । ପଂଚାୟତ କାର୍ଯ୍ୟନିର୍ବାହୀ, ବ୍ଲକ ଅଧିକାରୀଙ୍କ ତଦନ୍ତ ସମୟରେ ଭଙ୍ଗା ଆଜବେଷ୍ଟ ଘରକୁ ଦେଖି ଏ ବ୍ୟକ୍ତି ପାଇବା ଯୋଗ୍ୟ କହୁଥିବା ବେଳେ ଅଯୋଗ୍ୟ ଘୋଷଣା କରୁଛି କିଏ? ତାକୁ ନେଇ ଉଠିଛି ପ୍ରଶ୍ନ ବାଚୀ । ଗରିବ ଉପରେ ବାଉ ସାଉଛି କିଏ, ସରକାରୀ ଯୋଜନାକୁ ବାଟ ବଣା କରୁଛି କିଏ? ସରକାରୀ ଯୋଜନା ରେ ଘର ଟିଏ ପାଇବାକୁ ଚାହିଁ ରହିଥିବା ଲିଜା ରାଣୀ ଓ ତାଙ୍କ ସ୍ୱାମୀ ଭାଗବତ ସାହୁ ବ୍ଲକ ପ୍ରଶାସନ ଠୁଁ ଜିଲ୍ଲା ପ୍ରଶାସନ ଯାଏ ଦୌଡ଼ି ଦୌଡ଼ି କ୍ଳାନ୍ତ ପଡ଼ିଥିବା ବେଳେ, ଅଭିଯୋଗ କରିଛନ୍ତି କହିବା କଥା ତାଙ୍କ ନାମକୁ ଉପ ସ୍ୱିକୃତ ତାଲିକା ଦ୍ୱାରା ଡିଲିଟ କରାଯାଇଛି । ସରକାରଙ୍କ ନିର୍ଦ୍ଦେଶ ଅସିବା ପରେ ଡିଲିଟ ତାଲିକା ଯୋଗ୍ୟ ହିତାଧିକାରୀ କାରୀକୁ ସୁପାରିଶ କରାଯିବ । ଅନ୍ୟ ପକ୍ଷରେ ଦୀର୍ଘ ବର୍ଷ ଧରି ଭଙ୍ଗା ଘରେ ସପରିବାର ଜୀବନ ବିତାଉଥିବା ଲିଜାରାଣୀ ଓ ତାଙ୍କ ସ୍ୱାମୀ ଘର ମାଧ୍ୟମ ଜରିଆରେ ଘରଟିଏ ପାଇବା ପାଇଁ ଆଶା ରଖି ସରକାରଙ୍କୁ ନିଜର ଦୁଃଖ ଜଣାଇଛନ୍ତି ।

ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳିତ, ଦୋକାନ ବଜାର ଖୋଲା

ଖଣ୍ଡପଡ଼ା, ୦୮/୧୦ (ଆ.ପ୍ର) : ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଦିଆ ଯାଇଥିବା ଓଡ଼ିଶା ବନ୍ଦ ଡାକରାକୁ ସଫଳ କରିବା ନିମନ୍ତେ କଂଗ୍ରେସ କର୍ମୀ ଓ ସମର୍ଥକ ମାନେ ଖଣ୍ଡପଡ଼ା ଓ ଭାପୁର ଅଂଚଳର ବିଭିନ୍ନ ସ୍ଥାନରେ ଗୁରୁବାର ଶାନ୍ତିପୂର୍ଣ୍ଣ ଭାବେ ହରତାଳ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିବା ଜଣାଯାଇଛି । ନୟାଗଡ଼ ଜିଲ୍ଲା ମହିଳା କଂଗ୍ରେସ କମିଟିର ସଭାପତି ବିଜୟଲକ୍ଷ୍ମୀ ମହାନ୍ତିଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ, କର୍ମକର୍ତ୍ତା ଓ ସଙ୍ଗଠକମାନେ ବିଭିନ୍ନ ସ୍ଥାନରେ ଏକତ୍ରିତ ହୋଇ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କ ଶାଖା ଗୁଡିକୁ ବନ୍ଦ କରିଥିଲେ । ଖଣ୍ଡପଡ଼ା ବ୍ଲକ ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ କର୍ମୀମାନେ ନାରାବାଜି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବନ୍ଦର ପ୍ରଭାବରେ ଯାନବାହନ ଚଳାଚଳ ବନ୍ଦ ରହିଥିବା ଯୋଗୁଁ ବିଭିନ୍ନ ସ୍ଥାନକୁ ଯାତାୟାତ ନିମନ୍ତେ ସାଧାରଣ ଯାତ୍ରୀମାନେ ହଇରାଣ ହୋଇଥିବା ଜଣାପଡିଛି । ମୋଟାମୋଟି ଭାବେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳିତ ହୋଇଛି । ଖଣ୍ଡପଡ଼ା, ଫତେଗଡ଼ ଥାନା ସମେତ ନୂଆଗାଁ ଫାଣ୍ଡି ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା ।

ଜି.ଉଦୟଗିରିରେ ଶାନ୍ତିଶୃଙ୍ଖଳାରେ କଂଗ୍ରେସର ଓଡ଼ିଶା ବନ୍ଦ

ଜି.ଉଦୟଗିରି, ୦୮/୧୦ (ଆ.ପ୍ର) : ଓଡ଼ିଶା କଂଗ୍ରେସ କମିଟି ତରଫରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରା ପ୍ରଭାବ ଜି.ଉଦୟଗିରି ସହରରେ ମଧ୍ୟ ଦେଖିବାକୁ ମିଳିଛି । ସ୍ଥାନୀୟ କଂଗ୍ରେସ ସଂଗଠନ ତରଫରୁ ବନ୍ଦକୁ ସଫଳ କରିବା ପାଇଁ ସହରର ବିଭିନ୍ନ ଛକରେ ପିକେଟିଂ କରାଯାଇଥିଲା । ବନ୍ଦ ଯୋଗୁଁ ସହରର ସମସ୍ତ ସ୍କୁଲ କଲେଜ, ଦୋକାନ, ବଜାର ଓ ବାଣିଜ୍ୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା । ସହରରେ ସମସ୍ତ ଅଟୋ, ବେସରକାରୀ ଗାଡ଼ି ମୋଟର ବନ୍ଦ ରହିଥିଲା । କଂଗ୍ରେସ କର୍ମୀମାନେ ବିଭିନ୍ନ ଛକରେ ଏକତ୍ରିତ ହୋଇ ବନ୍ଦ ପାଳନ କରିଥିଲେ । ଖୋଲା ରହିଥିବା କେତେକ ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କକୁ କର୍ମୀମାନେ ଯାଇ ବନ୍ଦ କରିବାକୁ ଅନୁରୋଧ କରିଥିଲେ । ଏହାର ପ୍ରଭାବରେ ସହରର ସାଧାରଣ ଜନଜୀବନ କିଛି ମାତ୍ରାରେ ପ୍ରଭାବିତ ହୋଇଥିଲା । ଏହି ବନ୍ଦ ଡାକରା ମୁଖ୍ୟ ଦାବି ମଧ୍ୟରେ ଖଣିଜ ସମ୍ପର୍କିତ ଆଇନର ସଂଶୋଧନକୁ ବିରୋଧ, ନିର୍ବାଚନ ପୂର୍ବରୁ ଯାଞ୍ଚ ନେଇ ଉଠିଥିବା ପ୍ରସଙ୍ଗର ସମାଧାନ, ପାଠ୍ୟପୁସ୍ତକରେ ଥିବା ତ୍ରୁଟିକୁ ନେଇ ଦାୟୀଙ୍କ ବିରୋଧରେ ପଦକ୍ଷେପ ଏବଂ ବନ୍ୟା ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ ରିଲିଫ୍ ଓ କ୍ଷତିପୂରଣ ପ୍ରଦାନ ଆଦି ରହିଥିବା ଦଳୀୟ ନେତାମାନେ କହିଥିଲେ । ଏହି ବନ୍ଦ ପାଳନ କାର୍ଯ୍ୟକ୍ରମରେ ଏନ୍ଏସି କଂଗ୍ରେସ ନଗର ସଭାପତି ସୁଲୋଚନ ନାୟକ, ବ୍ଲକ କଂଗ୍ରେସ ସଭାପତି ମନମୋହନ ପ୍ରଧାନ, ୮ ନମ୍ବର ୱାର୍ଡ କାଉନସିଲର ତଥା ପିସିସି ସଦସ୍ୟ ଜାକେଶ କୁମାର ପ୍ରଧାନ, ବିଧାୟକ ପ୍ରତିନିଧି ମଧୁଲିନା ଡିଗାଲ, ପୂର୍ବତନ ନଗର ସଭାପତି ଗଗନ ପ୍ରଧାନ, ତାରାମିତା ମହିଳା ସମିତି ସଭ୍ୟ ଉମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବରିଷ୍ଠ କଂଗ୍ରେସ କର୍ମୀ ଥୋମାସ ପ୍ରଧାନ, ରମାକାନ୍ତ ମହାପାତ୍ର, ମନରଞ୍ଜନ ପ୍ରଧାନ, ବିଶ୍ୱାସ ନାୟକ, ଜିତେନ୍ କୁମାର ନାୟକ, ସୁଦାମନ୍ଦ ପ୍ରଧାନଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । ବନ୍ଦ ବେଳେ ପୋଲିସ ଆଇଆଇସି ବିଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସହରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ବନ୍ଦ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଥିଲା ।

ଆମ ପୋଲିସ ତରଫରୁ ପୋକ୍ସୋ ଆଇନ ସାଇବର ସୁରକ୍ଷା ସଚେତନତା

ଜି.ଉଦୟଗିରି, ୦୮/୧୦ (ଆ.ପ୍ର) : ପୋକ୍ସୋ ଆଇନ, କିଶୋରୀ ଅବସ୍ଥାରେ ଗର୍ଭ ଧାରଣ ଓ ସାଇବର ସୁରକ୍ଷା ନେଇ ବୁଦ୍ଧାଙ୍ଗିଆ ଆଶ୍ରମ ବିଦ୍ୟାଳୟ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଜି.ଉଦୟଗିରି ପୋଲିସ ଆଇଆଇସି ବିଜୟ କୁମାର ସ୍ୱାଇଁ ଯୋଗ ଦେଇ ନାବାଳିକା ମାନଙ୍କ ପ୍ରତି ହେଉଥିବା ଅସଦ ବ୍ୟବହାର, ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମରୁ ସୁରକ୍ଷା ପାଇଁ ସୂଚନା ଦେବା ସହ ଏହି ଅପରାଧ ଉପରେ ହୋଇଥିବା କଡ଼ା ଆଇନ ଉପରେ ସୂଚନା ପ୍ରଦାନ କରିଥିଲେ । ବର୍ତ୍ତମାନ ପରିସ୍ଥିତିରେ ଯୁବପିଢ଼ି

କିପରି ପଥଭ୍ରଷ୍ଟ ହେଉଛନ୍ତି, ଏହା ଉପରେ ସମସ୍ତେ କିପରି ସଚେତନ ରହିବେ ସେ ଉପରେ ଉପଦେଶ ପ୍ରଦାନ କରିଥିଲେ ସମସ୍ତ ଅତିଥିଗଣ । ଅନ୍ୟତମ ଅତିଥି ଭାବେ ଜି.ଉଦୟଗିରି ଥାନାର ସବ ଇନସ୍ପେକ୍ଟର ଲକ୍ଷ୍ମୀ ମାଝୀ ଯୋଗ ଦେଇ ସମାଜରେ ହେଉଥିବା ବ୍ୟଭିଚାରକୁ କିପରି ସମସ୍ତେ ପ୍ରତିରୋଧ କରିବେ ସେ ଉପରେ ମତାମତ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା କର୍ମୀ, ସିଆରସିସି ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ସହଯୋଗ କରିଥିଲେ ।

ଝୁଲନ୍ତା ମୃତଦେହ ଉଦ୍ଧାର

ଯାଜପୁର, ୦୮/୧୦ (ଆ.ପ୍ର) : ଯାଜପୁର ସହରର ଯଯାତି କେଶରୀ ମେଡିକାଲ କଲେଜ ପଛପଟରୁ ଜଣେ ବ୍ୟକ୍ତିର ମୃତ ଦେହ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଛି । ବ୍ୟକ୍ତି ଜଣକ କେଉଁ ଗାଁର ଜଣା ନାହିଁ । ସ୍ଥାନୀୟ ଲୋକମାନଙ୍କ କହିବା କଥା ମୃତ ବ୍ୟକ୍ତି ଜଣକ ଘରୁ କିଛି ଦିନ ତଳେ ବାହାରି ପଳେଇ ଯାଇଥିଲା । ଆଜି ଝୁଲନ୍ତା ଅବସ୍ଥାରେ ମୃତ୍ୟୁବରଣ କରିଥିବା ପରିବାର ପକ୍ଷରୁ ସୂଚନା ମିଳିଛି ।

ଟ୍ରେନରେ ସନ୍ଦେହଜନକ ମୃତ୍ୟୁ, ଷ୍ଟେସନରୁ ଯାତ୍ରୀଙ୍କ ମୃତଦେହ ଉଦ୍ଧାର

ଦଶପଲ୍ଲା, ୦୮/୧୦ (ଆ.ପ୍ର) : ଦଶପଲ୍ଲା ଷ୍ଟେସନରେ ମେମୋ ଟ୍ରେନରୁ ଜଣେ ଯାତ୍ରୀଙ୍କ ମୃତଦେହ ଉଦ୍ଧାର । ଭୁବନେଶ୍ୱରରୁ ଦଶପଲ୍ଲା ଆସୁଥିବା ଟ୍ରେନ୍ ଷ୍ଟେସନରେ ପହଂଚିବାର କିଛି ସମୟ ପରେ ଜଣେ ଯାତ୍ରୀ ମୃତ ଥିବା ଜଣାପଡ଼ିଥିଲା । ଖବର ପାଇ ମୃତକଙ୍କ ପରିଚୟ ପାଇଁ ନୟାଗଡ଼ ଷ୍ଟେସନକୁ ପଠାଯାଇଥିଲା । ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ନୟାଗଡ଼ ଷ୍ଟେସନରୁ ସୂଚନା ପାଇ ପରିବାରଲୋକ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ମୃତକଙ୍କୁ ଚିହ୍ନଟ କରିଥିଲେ । ମୃତକ ହେଲେ ନୟାଗଡ଼ ଟାଉନ ଦେବଗଡ଼ କଲୋନୀ ଫେଜ ୩ର ୫୮ ବର୍ଷୀୟ ମହେଶ୍ୱର ମହାପାତ୍ର । ସେ ଶରଣକୁଳ କଲେଜ ରେ ପ୍ରିନ୍ସିପାଲ ଭାବେ କାର୍ଯ୍ୟରତ ଥିଲେ । ସେ ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ମେମୋ ଟ୍ରେନରେ ଯାତ୍ରା କରୁଥିଲେ । ଟ୍ରେନ୍ ଭିତରେ କିପରି ମହେଶ୍ୱରଙ୍କ ମୃତ୍ୟୁ ଘଟିଲା, ତାହାକୁ ନେଇ ଉଠିଛି ପ୍ରଶ୍ନ । ମୃତ୍ୟୁର ପ୍ରକୃତ କାରଣ ଏବେ ବି ସ୍ପଷ୍ଟ ହୋଇନାହିଁ । କେଉଁ ବାଗ କିଆରପି ପୋଲିସ ତଦନ୍ତ ଓ ଆବଶ୍ୟକ ଡାକ୍ତରୀ ପରୀକ୍ଷା ସହିତ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି । ବଡ଼ଲୋକ ଲୋକ ତାଙ୍କ ପାଖରୁ ମୁଦି, ଘଣ୍ଟା, ବ୍ୟାଗ କିଛି ନଥିବା ପରିବାର ଲୋକ କହିଥିଲେ ।

ବଣାଇରେ ଓଡ଼ିଶା ବନ୍ଦର ପ୍ରଭାବ

ବଣାଇ, ୦୮/୧୦ (ଆ.ପ୍ର) : ବିଭିନ୍ନ ଦାବିକୁ ନେଇ ଇଣ୍ଡିଆ ମେଂଟ ପକ୍ଷରୁ ଆଜି ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଂଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ବଣାଇ ଉପଖଣ୍ଡରେ ମଧ୍ୟ ଏହି ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଛି । ବଣାଇ ଅଂଚଳର ନରେନ୍ଦ୍ର ଓ ରାଜାମୁଣ୍ଡା ବାଇପାସ୍ ଛକରେ ସିପିଆଇ (ଏମ୍), କଂଗ୍ରେସ ଓ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଶତାଧିକ କର୍ମୀ ଏକତ୍ରିତ ହୋଇ ବ୍ୟାନର ଧରି ବନ୍ଦ ପାଳନ କରିଥିଲେ । ବନ୍ଦକୁ ସଫଳ କରିବା ପାଇଁ ଦଳୀୟ କର୍ମୀମାନେ ବିଭିନ୍ନ ଛକରେ ପିକେଟିଂ କରିଥିବା ଦେଖାଯାଇଥିଲା । ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ କେ.ବଲାଙ୍ଗ, ଲହୁଣୀପଡ଼ା, ନରେନ୍ଦ୍ର, କଲେଇପୋଶ ଓ ବିମଳାଗଡ଼ ଆଦି ପ୍ରମୁଖ ଛକରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟକ ବସ୍ ଓ ଟ୍ରକ୍ ଅଟକି ରହିବାରୁ ଯାତାୟାତ ପ୍ରଭାବିତ ହୋଇଥିଲା । ଫଳରେ ସରକାରୀ ବସ୍‌ରେ ଯାତାୟାତ କରୁଥିବା ଯାତ୍ରୀମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ତେବେ ବନ୍ଦ ଡାକରାରୁ ଜରୁରୀକାଳୀନ ସେବାଗୁଡ଼ିକୁ ବାଦ ଦିଆଯାଇଥିବା ଜଣାପଡ଼ିଛି ।

ଧର୍ମଗଡ଼ରେ କଂଗ୍ରେସର ଓଡ଼ିଶା ବନ୍ଦ ପ୍ରଭାବ ଜାତୀୟ ରାସ୍ତା ଅବରୋଧ କଲେ ବିକ୍ଷୋଭକାରୀ

ଧର୍ମଗଡ଼, ୦୮/୧୦ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଠାରେ ଇଣ୍ଡିଆ ମେଂଟ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରା ପ୍ରଭାବ ଦେଖିବାକୁ ମିଳିଛି । ବନ୍ଦକୁ ସମର୍ଥନ ଜଣାଇ କଂଗ୍ରେସ, ସିପିଆଇ ସମେତ ବାମପନ୍ଥୀ ଦଳ ପକ୍ଷରୁ ଜିଲ୍ଲାର ଧର୍ମଗଡ଼, କୁନାଗଡ଼, ଭବାନୀପାଟଣା, କେସିଙ୍ଗା ଆଦି ବିଭିନ୍ନ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସେହିପରି ଧର୍ମଗଡ଼-ଭବାନୀପାଟଣା ଯାଉଥିବା ଜାତୀୟ ରାଜପଥ ବନ୍ଦ କରିଥିଲେ ଆନ୍ଦୋଳନ କାରୀ । ଯଦ୍ଵାରା ଯାତାୟାତ କରି ନ ପାରି ଶତାଧିକ ଯାନବାହନ ଅଟକି ରହିଛି । ଏହି ବନ୍ଦ ଯୋଗୁ ସହରର ବିଭିନ୍ନ ଦୋକାନବଜାର ମଧ୍ୟ ବନ୍ଦ ରହିଛି । ବିକ୍ଷୋଭକାରୀ ମାନଙ୍କ ପ୍ରମୁଖ ଦାବି ହେଉଛି ଏମ୍‌ଏସ୍‌ପିଆର ସଂଶୋଧନ ଅଧିନିୟମ ବନ୍ଦ କରିବା, ସିଇସି ଜ୍ଞାନେଶ କୁମାରଙ୍କ ବହିଷ୍କାର, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ଏସ୍ଆଇଆର ପ୍ରତ୍ୟାହାର ଭଳି ବିଭିନ୍ନ ଦାବି ଉଠାଇ ଥିଲେ । ଏହାସହ ଜିଲାର ବନ୍ୟା ଯୋଗୁ ପ୍ରଭାବିତ ହୋଇଥିବା ଚାଷୀ ଓ ସାଧାରଣ ଲୋକଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦଳ ପକ୍ଷରୁ ଦାବି କରାଯାଇଛି । କ୍ଷତିଗ୍ରସ୍ତ ଚାଷୀ ଓ ବନ୍ୟା ପ୍ରଭାବିତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାନଗଲେ ଆଗାମୀ ଦିନରେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଆନ୍ଦୋଳନ କାରୀ କହିଛନ୍ତି । ଧରଣାରେ ଧର୍ମଗଡ଼ ବ୍ଲକ କଂଗ୍ରେସ ସଭାପତି ପ୍ରେମଲାଲ ସାଗର, ବରିଷ୍ଠ କଂଗ୍ରେସ ନେତା ତୁଷାର ରଂଜନ ପାଟଯୋଶୀ, ସୁରେଶ ଭଞ୍ଜସାଇଲ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ରହିଥିଲେ ।

ନୂଆପଡ଼ାରେ ଉଠାଜଳ ସେଚନ ଓ ବିଦ୍ୟୁତୀକରଣ କାର୍ଯ୍ୟର ସମୀକ୍ଷା
ଡିସେମ୍ବର ସୁଦ୍ଧା ନୂତନ ଓ ପୁନରୁଦ୍ଧାର ପ୍ରକଳ୍ପରେ କାର୍ଯ୍ୟାଦେଶ ପ୍ରଦାନ ଲକ୍ଷ୍ୟ

ନୂଆପଡ଼ା, ୦୮/୧୦ (ଆ.ପ୍ର) : ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଉଠାଜଳ ସେଚନ ଓ ବିଦ୍ୟୁତ ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଉଭୟ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ସମେତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ । ବୈଠକରେ ଜିଲ୍ଲାରେ ଉଠାଜଳ ସେଚନ ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ବିଦ୍ୟୁତୀକରଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ୨୦୨୬ ମସିହାରେ ଡ୍ରିଲିଂ କରାଯାଇଥିବା ୧,୦୪୭ଟି କୂପର ବୋରୱେଲ୍ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୩୫ଟି ବୋରୱେଲ୍‌ର ବିଦ୍ୟୁତୀକରଣ କାର୍ଯ୍ୟ ସମ୍ପନ୍ନ ହୋଇଛି । ଏହି କାର୍ଯ୍ୟରେ ଟାଟା ପାୱାର ପକ୍ଷରୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଉଛି । ଏଥିସହ ଜିଲ୍ଲା ପାଇଁ ଆଉ ୧୦୬ଟି ନୂତନ ଗୋଷ୍ଠୀ ଉଠାଜଳ ସେଚନ ପ୍ରକଳ୍ପକୁ ରାଜ୍ୟସ୍ତରୀୟ ସ୍କ୍ରିନ୍ କମିଟି (ଏସଏଲସି) ଅନୁମୋଦନ କରିଛି । ଏହି ୧୦୬ଟି ନୂଆ ପ୍ରକଳ୍ପ ସହିତ ୬୬ଟି ବନ୍ଦ ଗୋଷ୍ଠୀ ଉଠାଜଳ ସେଚନ ପ୍ରକଳ୍ପର ପୁନରୁଦ୍ଧାର ଏବଂ ୯୩ଟି ଚାଲୁଥିବା ପ୍ରକଳ୍ପର ଆବଶ୍ୟକ ମରାମତି ଓ ସୁଦୃଢ଼ୀକରଣ କାର୍ଯ୍ୟ ପାଇଁ ଚଳିତ ମାସରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ । ଡିସେମ୍ବର ସୁଦ୍ଧା ଏହି ସମସ୍ତ କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି । ବୈଠକ ଶେଷରେ ଓଡ଼ିଶା ଲିଫ୍ଟ ଇରିଗେସନ୍ କର୍ପୋରେସନ୍ ପକ୍ଷରୁ ବିଭାଗର ବିଭିନ୍ନ ସଫଳତା ଓ ଉଲ୍ଲେଖନୀୟ କାର୍ଯ୍ୟ ସମ୍ବଳିତ 'Success Story' ପ୍ରଦର୍ଶିତ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ଦାଶ ଉଠାଜଳ ସେଚନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ବିଦ୍ୟୁତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବିଭାଗୀୟ ଅଧିକାରୀମାନେ ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ସମୟବଦ୍ଧ ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ ।

ବାସୁଦେବ ପୁର ବ୍ଲକ ଅନ୍ତର୍ଗତ ବିଦେଇପୁରରେ ଓଡ଼ିଶା ବନ୍ଦର ପ୍ରଭାବ

ବାସୁଦେବପୁର, ୦୮/୧୦ (ଆ.ପ୍ର) : ଓଡ଼ିଶା ବନ୍ଦର ପ୍ରଭାବ ବାସୁଦେବପୁର ବ୍ଲକର ବିଦେଇପୁରରେ ମଧ୍ୟ ଦେଖିବାକୁ ମିଳିଛି । ବନ୍ଦ ରହିଛି ଦୋକାନ ବଜାର । ରାସ୍ତାରେ ଗଡ଼ିନି ଘରୋଇ ବସ୍ ଓ ଯାତ୍ରୀବାହୀ ଗାଡ଼ି । ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି ଶୁନଶାନ ପରିବେଶ । କଂଗ୍ରେସ ଓ ଇଣ୍ଡିଆ ମେଂଟର ଓଡ଼ିଶା ବନ୍ଦ ଡାକରାକୁ ସମର୍ଥନ ଜଣାଇ ବନ୍ଦ ରହିଛି ଦୋକାନ ବଜାର ଓ ଯାନବାହନ ଚଳାଚଳ । ବନ୍ଦ ରହିଛି ଦୋକାନ । ଖାଁ ଖାଁ ରାସ୍ତା । ନାହିଁ ଗାଡ଼ିର ଭିଡ଼, ନାହିଁ ବଜାରରେ ଗ୍ରାହକଙ୍କ ଗହଳି । ବନ୍ଦର ସ୍ୱଚ୍ଛ ପ୍ରଭାବ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ବିଦେଇପୁର ଅଂଚଳରେ । କଂଗ୍ରେସ ଓ ଇଣ୍ଡିଆ ମେଂଟ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାର ପ୍ରଭାବରେ ବିଦେଇପୁରର ବଜାର ଅଂଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଦୋକାନ ଛକ ସମେତ ବିଭିନ୍ନ ଅଂଚଳରେ ଦୋକାନ ବଜାର ବନ୍ଦ ଥିବା ବେଳେ ରାସ୍ତାଘାଟ ମଧ୍ୟ ଶୁନଶାନ ଦେଖାଯାଉଛି । ବନ୍ଦର ପ୍ରଭାବ କେବଳ ଦୋକାନ ବଜାରରେ ସୀମିତ ରହିନାହିଁ ବରଂ ରେଳ ବସ୍ ଯାନ ଯାତାୟାତରେ ମଧ୍ୟ ବନ୍ଦ ରହିଛି । ଫଳରେ ଯାତାୟାତ କ୍ଷେତ୍ରରେ ମଧ୍ୟ ଦେଖାଦେଇଛି ବ୍ୟାପକ ପ୍ରଭାବ । ବ୍ୟାଙ୍କ ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ମଧ୍ୟ ବନ୍ଦର ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି । ଏହି ଚାରୋଟି ଦାବିକୁ ନେଇ ବନ୍ଦ ଡାକରା ଦିଆ ଯାଇଛି, ଏମ୍ଏସ୍‌ପିଆର୍‌କୁ ପ୍ରତ୍ୟାହାର କରିବା, ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ବନ୍ୟା ପୀଡିତ ଲୋକଙ୍କୁ ସହାୟତା ଏବଂ ଜ୍ଞାନେଶ କୁମାରର ଇସ୍ତଫା ଦାବି କରି ଆଜି ରାଜ୍ୟବ୍ୟାପୀ ବନ୍ଦ ପାଳନ କରାଯାଉଛି । ବନ୍ଦକୁ ସଫଳ କରିବା ପାଇଁ ଅଂଚଳରେ କଂଗ୍ରେସ କର୍ମୀ ଓ ନେତାମାନେ ଉପସ୍ଥିତ ରହି ଲୋକଙ୍କୁ ବନ୍ଦକୁ ସମର୍ଥନ କରିବାକୁ ଆହ୍ୱାନ କରିଥିଲେ । ଏଥିରେ ଯୋଗ ଦାନ କରିଥିଲେ । ଅଚିତାନନ୍ଦ ପାତ୍ରୀ, ଅଦ୍ୱିତ୍ୟ ଗିରି, ପୂର୍ଣ୍ଣଚନ୍ଦ୍ର ଗିରି, ପ୍ରଭଞ୍ଜନ ମହାନ୍ତି, ବୁଦ୍ଧାରାମ ଭୋଇ, ବସନ୍ତ କୁମାର ଭଞ୍ଜ, ମାନସ କୁମାର ନାୟକ, ଜଳଧର ବାରିକ, ଖଗେଶ୍ୱର ରାଉତ, ପଙ୍କଜ ଜେନା, କାଳନ୍ଦୀ ମଣ୍ଡଳ, ଅନାଦି ବେହେରା, ସଂଗ୍ରାମ ଦାସ, ରୈତବ ପାତ୍ର ଓ ସନ୍ତୋଷ ପଲେଇଙ୍କ ସମେତ କଂଗ୍ରେସ ଦଳର ବହୁ କର୍ମୀ ଓ କର୍ତ୍ତା ବନ୍ଦ ପାଳନରେ ସାମିଲ ହୋଇଥିଲେ । ବିଦେଇପୁରର ବଜାର ଦୋକାନ ଛକ ବନ୍ଦର ପ୍ରଭାବ ସ୍ପଷ୍ଟ । ଦୋକାନ ବଜାର ବନ୍ଦ, ଗାଡ଼ି ଚଳାଚଳ ଠପ୍ । ଏପରି ସ୍ଥିତିରେ ଓଡ଼ିଶା ବନ୍ଦ ଡାକରାକୁ ନେଇ ଅଂଚଳରେ ଦେଖାଦେଇଛି ପ୍ରଭାବ ।

ସେବା ସଂକଳ୍ପ ଅଭିଯାନ ୨୦୨୬ ଅବସରରେ 'ସେବା ଜ୍ୟୋତି କଳସ ଯାତ୍ରା'

ଭବାନୀପାଟଣା, ୦୮/୧୦ (ଆ.ପ୍ର) : ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସେବା ସଂକଳ୍ପ ଅଭିଯାନ ୨୦୨୬ ଅବସରରେ ଆଜି ମା ମାଣିକେଶ୍ୱରୀ ମନ୍ଦିର ନିକଟରୁ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଏକ ସେବା ଜ୍ୟୋତି କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ସକାଳ ୮.୩୦ ମି ସମୟରେ ସେବା ଜ୍ୟୋତି କଳସ ଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ଚନ୍ଦ୍ରମ କୁମାର ବରଧନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଉପ ନିର୍ଦ୍ଦେଶକ ଯୋଜନା ଓ ସମନ୍ୱୟ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ବି ଡି ଓ ଭବାନୀପାଟଣା ଚନ୍ଦନ ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଅଂଶୁମାନ ବାବୁଙ୍କ ସହ ଶତାଧିକ ମହିଳା ମୁଣ୍ଡରେ କଳସ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଭାରତର ଆତ୍ମବିଶ୍ୱାସ, ସାମର୍ଥ୍ୟ ଓ ନୂଆ ଭାରତର ସଂକଳ୍ପକୁ ନେଇ ଦେଶାତ୍ମବୋଧକ ନାରା ଦେଇ କଳସ ଯାତ୍ରା ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍ ଠାରେ ପହଂଚିଥିଲା । ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍ ଠାରେ ଭାରତର ମାନଚିତ୍ର ସ୍ୱରୂପ ଭାରତ ମଣ୍ଡପ ନିର୍ମାଣ କରାଯାଇ ଭାରତର ପ୍ରତିନିଧିତ୍ୱ କରାଯାଇଥିଲା ଓ ନିଜ ଦେଶ ପାଇଁ ନିଜ ଦାୟିତ୍ୱକୁ ସଚ୍ଚୋଟତାର ସହ ପାଳନ କରିବାକୁ ଆହ୍ୱାନ ଦିଆଗଲା ।

ବଡ ରାଧାକାନ୍ତ ମଠରେ ସପ୍ତାହବ୍ୟାପୀ ଭାଗବତ ପାରାୟଣ ଉଦଯାପିତ

ପାରଳାଖେମୁଣ୍ଡି, ୦୮/୧୦ (ଆ.ପ୍ର) : ସ୍ଥାନୀୟ ବଡ ରାଧାକାନ୍ତ ମଠରେ ସପ୍ତାହବ୍ୟାପି ଭାଗବତ ପାରାୟଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି । ଏହି ପାରାୟଣ କାର୍ଯ୍ୟକ୍ରମ ପ୍ରତ୍ୟେକ ଦିନ ପୂର୍ବାହ୍ନ ୯ଟାଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲୁଥିଲା । ଏଥିରେ ବାଗ୍ମୀ ପ୍ରବଚକ ବଲାଙ୍ଗୀରର ଭଗୀତ ମିଶ୍ର, ବାଦ୍ୟଯନ୍ତ୍ରରେ ସୁବ୍ରନ୍ତ କୁମାର ସାହୁ ଏବଂ ହାରମୋନିୟମରେ ହାଣ୍ଡିବନ୍ଧୁ ମାନିୟର ଏହି ପାରାୟଣରେ ସହଯୋଗ କରିଥିଲେ । ଏହି ପ୍ରସିଦ୍ଧ ପୁରାଣରେ ଲିଖିତ ଭକ୍ତି, ଜ୍ଞାନ ଓ କର୍ମର ସାରଣୀକୁ ଗୀତ ମାଧ୍ୟମରେ ଉପସ୍ଥାପନା କରି ତାର ଭାବାର୍ଥକୁ ସରଳ ଭାବେ ବୁଝାଇଥିଲେ । ସମାଜର ମୁଖ୍ୟସ୍ରୋତରେ ନିଜର ଭକ୍ତି ଓ ବଳିଷ୍ଠ କର୍ମ ଓ ସେବା ଦ୍ୱାରା ମନୁଷ୍ୟ ପ୍ରଶଂସିତ ହୋଇଥାଏ । ତାହାହିଁ ସେହି ମନୁଷ୍ୟଙ୍କୁ ଦେବତ୍ୱ ସ୍ୱୀକୃତି ଦେଇଥାଏ । ପର ଆପଣାର ସନ୍ଦିଚ୍ଛା ଏକ ନିର୍ମଳ ମଣ୍ଡିଷରେ ପ୍ରକଟ ହୋଇ ସ୍ୱଚ୍ଛତାର ଭାବବିନିମୟ ପରିପ୍ରକାଶ କରିଥାଏ । ମନକୁ ସର୍ବଦା ସନ୍ତୁଳିତ ଓ ସଂଯମତା ରଖିବା ଶକ୍ତି ତାକୁ ଶ୍ରେଷ୍ଠତ୍ୱ ପରିଚୟ ଦେଇଥାଏ । ଗୀତର ଭାବାର୍ଥ ଭକ୍ତମାନଙ୍କୁ ଆଧ୍ୟାତ୍ମିକ ଧ୍ୱନିରେ ବାନ୍ଧିରଖିଥିଲା । ଏହି ଦୀର୍ଘ ୭ ଦିନବ୍ୟାପୀ କାର୍ଯ୍ୟକ୍ରମରେ ସମସ୍ତ ଭାଗବତ ପ୍ରେମୀ ଉପସ୍ଥିତ ରହି ଶାନ୍ତ ଓ କମନୀୟ ବାତାବରଣ ଭିତରେ ନିଜକୁ ଉନ୍ମୁକ୍ତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହନ୍ତ ରାମାନନ୍ଦ ରାମାନନ୍ଦଦାସ ମହାରାଜ, ଶ୍ରୀକୃଷ୍ଣ ଗୋପାଳ ଦାସ ଗୋସ୍ୱାମୀ ମହାରାଜ ଏବଂ ବିଭିନ୍ନ ମଠର ମହନ୍ତ ମାନେ ଉପସ୍ଥିତ ଥିଲେ । ଏହାକୁ ବାବା ପ୍ରାଣ ଗୌରାଙ୍ଗ ଦାସ ପରିଚାଳନା କରିଥିଲେ । ସର୍ବୋପରି ନିର୍ମଳ କୁମାର ପାଢୀ, ଗୋପାଳକୃଷ୍ଣ ପଟ୍ଟନାୟକ, ରବି ପାଣିଗ୍ରାହୀ , ଦୂର୍ଗାମାଧବ ପାଣିଗ୍ରାହୀ ଏବଂ ଅନ୍ୟାନ୍ୟ ଭକ୍ତବୃନ୍ଦ ସହଯୋଗ କରିଥିଲେ ।

ବାଲିପଡା ଜୁଆ ଆଡ୍ଡା ଚଢ଼ାଉ; ୪ ଗିରଫ, ୩୮,୫୦୦ ଟଙ୍କା ଜବତ

କୁକୁଡାଖଣ୍ଡି, ୦୮/୧୦ (ଆ.ପ୍ର) : ବାଲିପଡା ଅଂଚଳରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ସଦର ଥାନା ପୋଲିସ ଚଢ଼ଉ କରି ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବାଲିପଡାର ଜିତେନ୍ଦ୍ର ବିଷୋୟୀ (୨୪) ଓ ସମୀର ବିଷୋୟୀ (୨୦)ଙ୍କ ସମେତ ଜୁଆ ଆଡ୍ଡା ଚଳାଇବାରେ ସହଯୋଗ କରୁଥିବା ନାଳଂଚଳ ବେହେରା (୫୪) ଓ ଏସ୍ ଗଣେଶ ରେଡ୍ଡୀ (୩୧) ବୋଲି ସୂଚନା ମିଳିଛି । ବାଲିପଡା ଅଂଚଳରେ ଦୀର୍ଘ ଦିନ ଧରି ଚାଲିଥିବା ବେଳେ ପୂର୍ବରୁ ସଦର ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ କରିଛି । ଏହି ଖବର ପ୍ରଚାରିତ ହେବା ପରେ ସଦର ଥାନା ପୋଲିସ ବୁଧବାର ଦିନ ଉକ୍ତ ଜୁଆ ଆଡ୍ଡା ଉପରେ ଚଢ଼ଉ କରି ଚାରି ଜଣ ଯୁବକଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ ଘଟଣାସ୍ଥଳରୁ ୩୮ ହଜାର ୫୦୦ ଟଙ୍କା, ୮ ପ୍ୟାକେଟ୍ ତାସ୍, ୨ଟି ମୋବାଇଲ ଫୋନ୍, ଗୋଟିଏ ଜରି ପାଲ ଏବଂ ୪ଟି ବ୍ୟାଟେରୀ ଲାଇଟ୍ ଜବତ କରିଛି । ଏନେଇ ଥାନାରେ ଏକ ମାମଲା ୬୧୬ ରୁଜୁ କରି କିଏ କିଏ ଜୁଆ ଖେଳରେ ସଂପୃକ୍ତ ରହିଛନ୍ତି ତାହା ତଦନ୍ତ କରିବା ସହ ଚାରି ଜଣ ଅଭିଯୁକ୍ତଙ୍କୁ ଗୁରୁବାର ଦିନ କୋର୍ଟ ଚାଲାଣ ।

ପାରଳାରେ ଇଣ୍ଡି ମେଂଟର ଓଡ଼ିଶା ବନ୍ଦ ଡାକରାର ଆଂଶିକ ପ୍ରଭାବ

ପାରଳାଖେମୁଣ୍ଡି, ୦୮/୧୦ (ଆ.ପ୍ର) : ଇଣ୍ଡି ଗଠବନ୍ଧନ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାର ଆଂଶିକ ପ୍ରଭାବ ପାରଳା ସହରରେ ପରିଲକ୍ଷିତ ହୋଇଛି । ବନ୍ଦକୁ ସମର୍ଥନ କରି ଇଣ୍ଡି ଗଠବନ୍ଧନର ବିଭିନ୍ନ ଦଳର ନେତା ଓ କର୍ମୀମାନେ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, କଲେଜ ଓ ବ୍ୟାଙ୍କ ସମ୍ମୁଖରେ ଆନ୍ଦୋଳନ କରିଥିଲେ । ସେହିପରି ସହରରେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଦୂରଦୂରାନ୍ତକୁ ଯାତ୍ରା କରିବାକୁ ଥିବା ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ତେବେ ଦୁଇଚକିଆ ସମେତ ଅନ୍ୟାନ୍ୟ ଛୋଟ ଯାନବାହାନ ଚଳାଚଳ ପ୍ରାୟତଃ ସ୍ୱାଭାବିକ ରହିଥିଲା । ବନ୍ଦ ପାଳନ ସମୟରେ କଂଗ୍ରେସ, ସିପିଆଇ, ସି ପି ଆଇ (ଏମ୍), ସିପିଆଇ(ଏମ୍‌ଏଲ୍), ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ସମେତ ବିଭିନ୍ନ ସହଯୋଗୀ ଦଳର ନେତା ଓ କର୍ମୀମାନେ ପିକେଟିଂରେ ସାମିଲ ହୋଇଥିଲେ ।

ଓଭରଟେକ୍ ବେଳେ ଜେସିବି ଧକ୍କା, ୩ ଯୁବକ ଗୁରୁତର

କୁକୁଡ଼ାଖଣ୍ଡି, ୦୮/୧୦ (ଆ.ପ୍ର) : ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ନୂଆ ରାମଚନ୍ଦ୍ରପୁର ଗ୍ରାମ ନିକଟରେ ଜେସିବି ଧକ୍କାରେ ତିନି ଯୁବକ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ତିନି ଯୁବକ ଗୋଟିଏ ବାଇକ୍‌ରେ ଯାଉଥିବା ବେଳେ ଏକ ଜେସିବିକୁ ଓଭରଟେକ୍ କରୁଥିଲେ । ଏହି ସମୟରେ କୌଣସି କାରଣରୁ ଜେସିବି ସହ ବାଇକ୍‌ର ଧକ୍କା ହେବାରୁ ତିନି ଯୁବକ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ । ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ଜେସିବିକୁ ପୁଲିସ ଥାନାରେ ଅଟକ ରଖିଥିବା ବେଳେ ଏପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ ହୋଇନଥିବା ଥାନା ଅଧିକାରୀ ସୁଚିତ୍ରା ପରିଡ଼ା କହିଛନ୍ତି ।

ରଣଜୀ ଟିମ୍‌ରେ କଳାହାଣ୍ଡିର ପୁଅ ଦିନେଶ ମାଝୀ, ଛୁଟୁଛି ଶୁଭେଚ୍ଛାର ସୁଅ



ଭବାନୀପାଟଣା, ୦୮/୧୦ (ଆ.ପ୍ର) : ଓଡ଼ିଶା କ୍ରିକେଟ ଆସୋସିଏସନ୍ ପକ୍ଷରୁ ୨୦୨୬-୨୭ ସିଜନ ଡୋମେଷ୍ଟିକ୍ ବିସିସିଆଇ ଟୁର୍ଣ୍ଣାମେଂଟର ପ୍ରଥମ ଦୁଇଟି ମ୍ୟାଚ୍ ପାଇଁ ଓଡ଼ିଶା ରଣଜୀ ଦଳର ୧୭ ଜଣିଆ ଚୂଡ଼ାନ୍ତ ଖେଳାଳି ତାଲିକା ଘୋଷଣା ହୋଇଛି । ଏଥିରେ କଳାହାଣ୍ଡିର ଯୁବ କ୍ରିକେଟ ଖେଳାଳି ଦିନେଶ କୁମାର ମାଝୀ ଅଛନ୍ତି । ଓଡ଼ିଶା ରଣଜୀ ଦଳରେ ସ୍ଥାନ ପାଇଥିବାରୁ ଦିନେଶଙ୍କୁ ଜିଲା କ୍ରୀଡା ସଂସ୍ଥା ସମେତ ଜିଲାର ବହୁ କ୍ରୀଡ଼ାବିତ୍ ଓ କ୍ରୀଡ଼ା ପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି । ଚଳିତ ଅକ୍ଟୋବର ୧୧ ରୁ ୧୪ ତାରିଖ ଯାଏଁ ଅହମଦାବାଦ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଗୁଜୁରାଟ ସହ ଓ ଅକ୍ଟୋବର ୧୮ ରୁ୨୧ ତାରିଖ ଯାଏଁ ତିରୁଭାନନ୍ତପୁରମ୍‌ରେ କେରଳ ସହ ଓଡ଼ିଶା ରଣଜୀ ଦଳର ମୁକାବିଲା ହେବ । କ୍ରିକେଟ୍ କିପର ବ୍ୟାଟସମ୍ୟାନ୍ ଦିନେଶ ଏହି ଦୁଇଟି ମ୍ୟାଚରେ ଖେଳିବା ସମ୍ଭାବନା ରହିଛି । ପ୍ରକାଶ ଯେ, କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ମାଡିଙ୍ଗପଦର ଗ୍ରାମର ଜଗୁରାମ ମାଝୀ ଓ ନଳିନୀ ମାଝୀଙ୍କ ପୁଅ ଦିନେଶ ବର୍ତ୍ତମାନ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରେ ଯୁକ୍ତ ତିନି କଳା ଶେଷ ବର୍ଷ ଛାତ୍ର । ସେ ୨୦୧୮-୧୯ରେ ବିଜୟ ମାର୍ଚ୍ଚେଂଟ ଟ୍ରଫି, ୨୦୨୧-୨୨ କୋଚ୍ ବିହାର ଟ୍ରଫି ଓ ବିନୁ ମଙ୍କଡ ଟ୍ରଫି, ୨୦୨୪-୨୫ ଓ ୨୦୨୬ ଅଣ୍ଡର ୨୩ ରାଜ୍ୟ ଟ୍ରଫି , ୨୦୨୫-୨୬ ସି କେ ନାଇଡୁ ଓ ବିଜୟ ହଜାରେ ଟ୍ରଫିରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ସହ ୨୦୨୬ ମୁଖ୍ୟମନ୍ତ୍ରୀ ଟ୍ରଫି ଓଡ଼ିଶାରେ ସ୍ଥାନ ପାଇଛନ୍ତି । କଳାହାଣ୍ଡିର ପ୍ରଥମ ଖେଳାଳି ଭାବରେ ଦିନେଶ ଚଳିତ ରଣଜୀ ସିଜନରେ ଓଡ଼ିଶା ପାଇଁ ପ୍ଲେଇଙ୍ଗ ଏକାଦଶରେ ସ୍ଥାନ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି । ଦିନେଶ ଭବାନୀପାଟଣାରେ ଓସିଏ କୋଚ୍ ତଥା ଅମ୍ପିଆର ରମେଶ ସାହୁଙ୍କ ଠାରୁ କ୍ରିକେଟ ତାଲିମ ନେଇ କ୍ରିକେଟ ଖେଳାଳି ଭାବରେ ନିଜର ଜୟଯାତ୍ରା ଆରମ୍ଭ କରିଥିଲେ ।

ଉନ୍ନୟନ ସମିତି ପ୍ରଶାସନ ଆଲୋଚନା ବିଫଳ

ଏରସମା, ୦୮/୧୦ (ଆ.ପ୍ର) : ଏରସମା ବ୍ଲକ ଅନ୍ତର୍ଗତ ନୂଆଗାଁସ୍ଥିତ ସିଦ୍ଧଗୁମ୍ଫା ଆଶ୍ରମ ସମ୍ମୁଖ ପଡ଼ିଆରେ ୧୩ ଦଫା ଦାବୀକୁ ନେଇ ଢିଙ୍କିଆ ଚାଲିଦେଶ ଉନ୍ନୟନ ସମିତି ପକ୍ଷରୁ ଅନୁଷ୍ଠିତ ଗଣ ଧାରଣାର ପଂଚମ ଦିବସର ଅପରାହ୍ନରେ ପ୍ରଶାସନ ଧାରଣା ସ୍ଥଳରେ ପହଂଚି ଆଲୋଚନା କରିଥିଲେ ମଧ୍ୟ, ଆଲୋଚନା ବିଫଳ ହୋଇଛି । ଆଜି ଅନୁଷ୍ଠିତ ପଂଚମ ଦିବସର ଗଣ ଧାରଣାରେ,ଏରସମା ବ୍ଲକ୍ କଂଗ୍ରେସ ସଭାପତି ତଥା ୪ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ, ବାଲିତୁଠ ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ଅବନୀ ଭୂୟାଁ, ସମାଜସେବୀ ସମରେନ୍ଦ୍ର ନାୟକ, ପୂର୍ବତନ ସରପଂଚ ବାସୁଦେବ ସ୍ୱାଇଁ, ରଶ୍ମି ରଞ୍ଜନ ସ୍ୱାଇଁ, ସୁଦାମ ପଲ୍ଲାଇ,ଭ୍ରମରବର ଦାସ, ଶ୍ୱେତ ରାଉତ, ଭଗବତୀ ଦାସ ଓ ବେବିନା ସ୍ୱାଇଁ ପ୍ରମୁଖ ଧାରଣା ସ୍ଥଳରେ ପହଂଚି, ପାଂଚ ଦିନ ଧରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଥିବା ଉନ୍ନୟନ ସମିତିକୁ ସମର୍ଥନ ଜଣାଇଛନ୍ତି । ତେବେ ଆଜି ଅପରାହ୍ନରେ ଧାରଣା ସ୍ଥଳରେ ଜଗତସିଂହପୁର ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଓ ଏରସମା ତହସିଲଦାର ସ୍ୱୀସା ଶ୍ରଦ୍ଧାଞ୍ଜଳୀ ବେହେରା ପହଂଚି ଆଲୋଚନା କରିଥିଲେ । ଉପଜିଲ୍ଲାପାଳ ଶ୍ରୀ ତରାଇ ଧାରଣା ପ୍ରତ୍ୟାହାର ପାଇଁ ପ୍ରସ୍ତାବ ଦେଇ ଦାବି ସମ୍ପର୍କିତ ଜିଲ୍ଲା ପ୍ରଶାସନ ସହିତ ଏକ ଆଲୋଚନା ପାଇଁ ତାରିଖ ଧାର୍ଯ୍ୟ କରାଯିବାକୁ କହିଥିଲେ । ତେବେ ଆଲୋଚନାରେ କଂପାନୀ କର୍ତ୍ତୃପକ୍ଷ ରହି ଏକ ତ୍ରୀପାକ୍ଷିକ ଆଲୋଚନା ଦୁର୍ଗାପୂଜା ପରବର୍ତ୍ତୀ ସମୟରେ ହେବ ବୋଲି କହିଥିଲେ । ମାତ୍ର ଧାରଣା ସ୍ଥଳରେ ଉପସ୍ଥିତ ନେତୃମଣ୍ଡଳୀ ଏବଂ ଉନ୍ନୟନ ସମିତିର ସଦସ୍ୟ ମାନେ ,ଦାବି ପୂରଣ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ଏବଂ ଧାରଣା ଚାଲୁ ରହିଥିବା ବେଳେ ପ୍ରଶାସନ ଏବଂ କଂପାନୀ କର୍ତ୍ତୃପକ୍ଷ ଧାରଣା ସ୍ଥଳରେ ପହଂଚି ଆଲୋଚନା କରିବାକୁ ଜିଦ୍ ଧରିଥିଲେ । ଯେଉଁଥିପାଇଁ ଦୀର୍ଘ ସମୟ ଧରି ଆଲୋଚନା ବିଫଳ ହୋଇଛି ଏବଂ ପ୍ରଶାସନିକ ଅଧିକାରୀ ଫେରିଯିବାକୁ ବାଧ୍ୟ ହୋଇଛନ୍ତି । ଅନ୍ୟପକ୍ଷରେ ଗଣ ଧାରଣା ଚାଲୁ ରହିବ ବୋଲି ସୂଚନା ମିଳିଛି ।

ଛାତ୍ର ସଂସଦ ନିର୍ବାଚନ ନେଇ ଚଳଚଂଚଳ ୩ଟି ମହାବିଦ୍ୟାଳୟ

ଖଣ୍ଡପଡ଼ା, ୦୮/୧୦ (ଆ.ପ୍ର) : ଛାତ୍ର ସଂସଦ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ ଓ କଂଟିଲୋ ନୀଳମାଧବ ମହାବିଦ୍ୟାଳୟରେ ରାଜନୈତିକ ବାତାବରଣ କ୍ରମଶଃ ଉଷ୍ମ ହେବାରେ ଲାଗିଛି । ମହାବିଦ୍ୟାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ଆଗ୍ରହୀ ଥିବା ଛାତ୍ର ନେତାମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଆଗ୍ରହ ଓ ଉତ୍ସାହ ପରିଲକ୍ଷିତ ହୋଇଛି । ଗତ ୧୯୭୮ ମସିହାରେ ପ୍ରତିଷ୍ଠା ହୋଇଥିବା ପଠାଣି ସାମନ୍ତ ମହାବିଦ୍ୟାଳୟରେ ଚଳିତ ବର୍ଷ ପ୍ରଥମ କରି ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ କିଭଳି ନିର୍ବାଚନ ଅନୁଷ୍ଠିତ ହେବ ସେ ନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିବା ଜଣାପଡିଛି । ଛାତ୍ର ସଂସଦ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଆଗେଇ ଆସିଥିବା ବେଳେ ଅନ୍ୟ ପ୍ରମୁଖ ରାଜନୈତିକ ଦଳ ଗୁଡିକ ମଧ୍ୟ ନିର୍ବାଚନରେ ପ୍ରାର୍ଥୀ ଦେବା ପାଇଁ ଛାତ୍ର ନେତାମାନଙ୍କ ସହ ବିଚାର ବିମର୍ଶ ଚଳାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି । ଏବିଭିପି ପକ୍ଷରୁ ବରିଷ୍ଠ ସଂଗଠକ ଜିତେନ୍ଦ୍ର କୁମାର କାଟିଆ ଓ ପରମେଶ୍ୱର ମହାନ୍ତି ଛାତ୍ର ନେତାମାନଙ୍କୁ ଭେଟି ଶେଷ ପର୍ଯ୍ୟାୟରେ ଆଲୋଚନା ଜାରି ରଖିଥିବା ସୂଚନା ମିଳିଛି । ପଠାଣିସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ୱଚ୍ଛ ସଲିଳା ମହାପାତ୍ର ଛାତ୍ର ସଂସଦ ନିର୍ବାଚନର ସୁପରିଚାଳନା ଉପରେ ବିଶେଷ ଭାବେ ଗୁରୁତ୍ୱାରୋପ କରିବା ସହ ଏ ପରିପ୍ରେକ୍ଷୀରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେବା ସହ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ତେବେ ଛାତ୍ର ସଂସଦ ନିର୍ବାଚନ ନେଇ ଆସନ୍ତା ୯ ତାରିଖ ଶୁକ୍ରବାର ନାମାଙ୍କନପତ୍ର ଦାଖଲ ସହ ୧୦ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବା ଜଣାପଡିଛି ।

୪୬ ବର୍ଷ ପରେ ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ

ବାଲିଗୁଡ଼ା, ୦୮/୧୦ (ଆ.ପ୍ର) : ଦୀର୍ଘ ୪୬ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି । ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟରେ ଚଳିତବର୍ଷ ପ୍ରଥମଥର ପାଇଁ ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଛି । ୧୯୭୯ ମସିହାରେ ପ୍ରତିଷ୍ଠିତ ଏହି ପୁରାତନ ଶିକ୍ଷାନୁଷ୍ଠାନରେ ଏଯାଏ ଛାତ୍ର ସଂସଦ ନିର୍ବାଚନ ହୋଇନଥିବା ବେଳେ ଏବେ ଉଚ୍ଚଶିକ୍ଷା ବିଭାଗର ପଦକ୍ଷେପ ପରେ ନିର୍ବାଚନ ପାଇଁ ବାଟ ଫିଟିଛି । ଫଳରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂଆ ଉତ୍ସାହ ଓ ଉତ୍କଣ୍ଠା ପ୍ରକାଶ ପାଇଛି । ଦୀର୍ଘଦିନ ଧରି ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ କରାଯିବା ନେଇ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲା । ନିର୍ବାଚନ ନ ହେବାରୁ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାର ଓ ଛାତ୍ର ନେତୃତ୍ୱ ବିକାଶର ସୁଯୋଗ ସୀମିତ ରହିଥିଲା । ଏବେ ପ୍ରଥମଥର ପାଇଁ ନିର୍ବାଚନ ହେବାକୁ ଯାଉଥିବାରୁ କଲେଜରେ ଛାତ୍ର ପ୍ରତିନିଧିତ୍ୱର ଏକ ନୂଆ ଅଧ୍ୟାୟ ଆରମ୍ଭ ହେବ ବୋଲି ଆଶା ବଢ଼ିଛି । କନ୍ଧମାଳ ଜିଲ୍ଲାର ଫୁଲବାଣୀ ସରକାରୀ ମହାବିଦ୍ୟାଳୟ ଓ ଘୁ.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟରେ ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ହୋଇଆସୁଥିବା ବେଳେ ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟ ଏଥିରୁ ବଂଚିତ ରହିଥିଲା । ତେଣୁ ୪୬ ବର୍ଷ ପରେ ହେବାକୁ ଥିବା ଏହି ପ୍ରଥମ ନିର୍ବାଚନକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖାଦେଇଛି । ମହାବିଦ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁଯାୟୀ, କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର +୩ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଯୋଗ୍ୟ ଛାତ୍ରଛାତ୍ରୀମାନେ ଛାତ୍ର ସଂଘର ବିଭିନ୍ନ ପଦବୀ ପାଇଁ ନିର୍ବାଚନ ଲଢ଼ିପାରିବେ । ଅକ୍ଟୋବର ୮ ତାରିଖରୁ କାର୍ଯ୍ୟ ସମୟ ମଧ୍ୟରେ ନାମାଙ୍କନ ପତ୍ର ଉପଲବ୍ଧ ହେବ । ଆଗ୍ରହୀ ଛାତ୍ରଛାତ୍ରୀମାନେ ପୁରୁଣା ଏସଏଏମଏସ୍ ରୁମ୍‌ରୁ ବ୍ୟକ୍ତିଗତ ଭାବେ ନାମାଙ୍କନ ଫର୍ମ ସଂଗ୍ରହ କରିପାରିବେ । ନିର୍ବାଚନ ସମ୍ପର୍କିତ ଯେକୌଣସି ସୂଚନା କିମ୍ବା ପ୍ରଶ୍ନ ପାଇଁ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ନିର୍ବାଚନ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ କଲେଜ ପକ୍ଷରୁ କୁହାଯାଇଛି । ଇଂରାଜୀ ଅଧ୍ୟାପକ ତେଜେଶ୍ୱର ନାୟକ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନେଇଥିବା ବେଳେ ବାଣିଜ୍ୟ ଅଧ୍ୟାପକ ସରୋଜ କୁମାର ପାଥି ଓ ପ୍ରାଣୀବିଜ୍ଞାନ ଅଧ୍ୟାପକ ହିମାଂଶୁ ଶେଖର ସାହୁ ସହଯୋଗୀ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ । ମହାବିଦ୍ୟାଳୟରେ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଛାତ୍ରଛାତ୍ରୀମାନେ ମଧ୍ୟ ସହମତି ପ୍ରକାଶ କରିଛନ୍ତି । ଏନେଇ ଛାତ୍ରଛାତ୍ରୀମାନେ ଏକାଠି ହୋଇ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ସମ୍ପନ୍ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଅଧ୍ୟକ୍ଷ ଡ. ବିଭୂତି ଭୂଷଣ ଆଚାର୍ଯ୍ୟଙ୍କ ସୂଚନା ଅନୁଯାୟୀ, ନିର୍ବାଚନ ତାରିଖ ଘୋଷଣା ପରେ ମହାବିଦ୍ୟାଳୟ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ଆରମ୍ଭ ହୋଇଛି । ନିର୍ବାଚନ ସମୟରେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ବଜାୟ ରଖିବା ପାଇଁ ସ୍ଥାନୀୟ ଉପଜିଲ୍ଲାପାଳ ଓ ପୁଲିସ ପ୍ରଶାସନର ସହଯୋଗ ଲୋଡ଼ାଯାଇଛି । ୪୬ ବର୍ଷର ଅପେକ୍ଷା ପରେ ହେବାକୁ ଥିବା ଏହି ପ୍ରଥମ ଛାତ୍ର ସଂସଦ ନିର୍ବାଚନ କେବଳ ପଦପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ନୁହେଁ, ବରଂ ମହାବିଦ୍ୟାଳୟରେ ଛାତ୍ର ପ୍ରତିନିଧିତ୍ୱ ଓ ଗଣତାନ୍ତ୍ରିକ ନେତୃତ୍ୱର ଏକ ନୂଆ ଆରମ୍ଭ ବୋଲି ମତ ପ୍ରକାଶ ପାଇଛି ।

ପ୍ରାକୃତିକ ବିପର୍ଯ୍ୟୟ ଓ ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତଙ୍କୁ ସ୍ୱାକ୍ ପାଥ୍ ଫାଇଣ୍ଡର ସଂଗଠନର ସହାୟତା

ଜି.ଉଦୟଗିରି, ୦୮/୧୦ (ଆ.ପ୍ର) : ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ପଂଚାୟତର ମାଲାନସୁଗା ଗ୍ରାମରେ ୫୦ଟି ଗରିବ, ଅସହାୟ ଓ ବିପର୍ଯ୍ୟୟ ପ୍ରଭାବିତ ପରିବାରକୁ ରିଲିଫ ଓ ଆବଶ୍ୟକୀୟ ସାମଗ୍ରୀ ବଂଟନ କରାଯାଇଛି । ଦୁଃଖ ଓ ବିପଦ ସମୟରେ ଅସହାୟ ପରିବାରଙ୍କ ପାଖରେ ଠିଆ ହୋଇ ମାନବିକତାର ଉଦାହରଣ ସୃଷ୍ଟି କରିଛି ସୋସିଆଲ୍ ୱାର୍କର୍ସ ଆସୋସିଏସନ୍ ଅଫ୍ କନ୍ଧମାଳ (ସ୍ୱାକ୍) । ପାଥ୍ ଫାଇଣ୍ଡର ଓ ସ୍ୱାକ୍ ସଂଗଠନର ମିଳିତ ସହଯୋଗରେ ଏହି ସହାୟତା କାର୍ଯ୍ୟକ୍ରମରେ ହାତୀ ଆକ୍ରମଣରେ ଘର ଭାଙ୍ଗି କ୍ଷତିଗ୍ରସ୍ତ ହୋଇଥିବା ୨୦ଟି ପରିବାରକୁ ଘରୋଇ ବ୍ୟବହାର ଉପଯୋଗୀ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଥିଲା । ସେହିପରି ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଭାବିତ ତଥା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ୩୦ଟି ପରିବାରକୁ ଶୁଖିଲା ଖାଦ୍ୟ ଓ ରାସନ ସାମଗ୍ରୀ ବଂଟନ କରାଯାଇଥିଲା । ପାଥ୍ ଫାଇଣ୍ଡର ସଂଗଠନ ପକ୍ଷରୁ ମନିଶ କେଷରଙ୍କ ସହଯୋଗରେ ରିଲିଫ ସାମଗ୍ରୀ ଯୋଗାଇ ଦିଆଯାଇଥିବା ବେଳେ ସ୍ୱାକ୍ ପକ୍ଷରୁ କାର୍ଯ୍ୟକ୍ରମର ଆୟୋଜନ ଓ ସାମଗ୍ରୀ ବଂଟନ ବ୍ୟବସ୍ଥା କରାଯାଇଥିଲା । ସ୍ୱାକ୍ ସଭାପତି ଆମନ୍ ଚନ୍ଦ୍ର ନାୟକ ଓ କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମଟି ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା । ଆଖପାଖର ପ୍ରାୟ ୫ଟି ଗ୍ରାମରୁ ଚିହ୍ନଟ ହୋଇଥିବା ଅସହାୟ, ଆର୍ଥିକ ଦୁର୍ବଳ ଓ ବିପର୍ଯ୍ୟୟ ପ୍ରଭାବିତ ପରିବାରମାନେ ଏହି ସହାୟତା ପାଇଥିଲେ । ଅଂଚଳରେ ହାତୀ ଉପଦ୍ରବ ଯୋଗୁଁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ରହିଥିବା ବେଳେ ହାତୀ ଆକ୍ରମଣରେ ଘରଦ୍ୱାର ଭାଙ୍ଗିବା, ଘରୋଇ ସାମଗ୍ରୀ ନଷ୍ଟ ହେବା ସହ ଲୋକଙ୍କ ଜୀବନ ଓ ଜୀବିକା ମଧ୍ୟ ପ୍ରଭାବିତ ହେଉଛି । ଏଥିସହ ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ମଧ୍ୟ ଅନେକ ପରିବାର ଆର୍ଥିକ ଓ ସାମାଜିକ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି । ଏଭଳି କଠିନ ପରିସ୍ଥିତିରେ ସ୍ୱାକ୍ ଓ ପାଥ୍ ଫାଇଣ୍ଡର ପକ୍ଷରୁ ପ୍ରଭାବିତ ପରିବାରଙ୍କ ନିକଟରେ ପହଂଚି ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯାଇଥିବାରୁ ସ୍ଥାନୀୟ ଲୋକେ ଏହାକୁ ଏକ ପ୍ରଶଂସନୀୟ ମାନବିକ ପଦକ୍ଷେପ ବୋଲି କହିଛନ୍ତି । ସହାୟତା ପାଇବା ପରେ ପରିବାର ଗୁଡ଼ିକ ସ୍ୱାକ୍ ଓ ପାଥ୍ ଫାଇଣ୍ଡର ସଂଗଠନକୁ କୃତଜ୍ଞତା ଜଣାଇଥିଲେ । କାର୍ଯ୍ୟକ୍ରମରେ ମାଲାନସୁଗା ୱାର୍ଡ ସଦସ୍ୟ ରାନୁମୀ ପ୍ରଧାନ ଓ ପୁକୁଲିଙ୍ଗିଆ ୱାର୍ଡ ସଦସ୍ୟ ଜାବେଦ୍ ପ୍ରଧାନ ଉପସ୍ଥିତ ରହି ସହଯୋଗ କରିଥିଲେ । ସ୍ୱାକ୍ ପକ୍ଷରୁ କୁହାଯାଇଛି ଯେ, ଦୁଃଖ, ବିପଦ ଓ ବିପର୍ଯ୍ୟୟ ସମୟରେ ଅସହାୟ ପରିବାରଙ୍କ ପାଖରେ ଠିଆ ହୋଇ ସମ୍ଭବ ସହାୟତା ଯୋଗାଇଦେବା ସଂଗଠନର ମୁଖ୍ୟ ଲକ୍ଷ୍ୟ । ଆଗାମୀ ଦିନରେ ମଧ୍ୟ ଏଭଳି ମାନବିକ ଓ ଜନସେବା ମୂଳକ କାର୍ଯ୍ୟ ଜାରି ରହିବ ।

ହତ୍ୟା ଉଦ୍ୟମ ମାମଲାରେ ଫେରାର ମହିଳା ଗିରଫ

କୁକୁଡ଼ାଖଣ୍ଡି, ୦୮/୧୦ (ଆ.ପ୍ର) : ଏକ ହତ୍ୟା ଉଦ୍ୟମ ମାମଲାରେ ଫେରାର ଥିବା ଜଣେ ମହିଳାଙ୍କୁ ବ୍ରହ୍ମପୁର ସଦର ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ମହିଳା ହେଲେ ସଦର ଥାନା ଅନ୍ତର୍ଗତ ସାତପାଣ୍ଡିଆ ଗ୍ରାମର ବାସନ୍ତୀ ନାୟକ(୩୭) । ଏହି ଘଟଣାରେ ପୂର୍ବରୁ ତାଙ୍କ ପୁଅ ଶିବା ନାୟକ(୧୯) ଓ ସ୍ୱାମୀ ପ୍ରକାଶ ନାୟକ(୪୫)ଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୯ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ସମୟରେ ସାତପାଣ୍ଡିଆ ଗ୍ରାମର ନିବେଦିତା ନାୟକ(୪୮)ଙ୍କ ସହ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଉପରୋକ୍ତ ଅଭିଯୁକ୍ତମାନେ ଗଣ୍ଡଗୋଳ କରିଥିଲେ । ସେହି ଗ୍ରାମର ଶିବା ନାୟକ ରାସ୍ତା ଉପରେ ନିବେଦିତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ଶିବାଙ୍କ ବାପା ପ୍ରକାଶ ଓ ମା' ବାସନ୍ତୀ ମିଶି ନିବେଦିତାଙ୍କ ସ୍ୱାମୀଙ୍କ ସହ ଝଗଡ଼ା କରିଥିଲେ । ଏହି ସମୟରେ ଲୁହା ବୋଲାରେ ତାଙ୍କୁ ଆକ୍ରମଣ କରିଥିଲେ ।ଆକ୍ରମଣରେ ତାଙ୍କ ମୁହଁ, ମୁଣ୍ଡ ଓ ପିଠିରେ ରକ୍ତାକ୍ତ ଆଘାତ ଲାଗିଥିଲା । ଏପରିକି ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା ।

ଯାଜପୁର ସହର ସମେତ ଯାଜପୁର ବ୍ଲକ୍‌ରେ ଶାନ୍ତିପୂର୍ଣ୍ଣ ଭାବେ ଓଡ଼ିଶା ବନ୍ଦ ପାଳିତ

ଯାଜପୁର, ୦୮/୧୦ (ଆ.ପ୍ର) : ଓଡ଼ିଶା ପ୍ରଦେଶ କଂଗ୍ରେସର ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଏମ ଏମ ଡି ଆର୍ ଆଇନ ସଂଶୋଧନ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ବହିଷ୍କାର, ଓଡ଼ିଶାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଓ ବନ୍ୟା ପ୍ରପୀଡ଼ିତଙ୍କୁ ତୁରନ୍ତ ସହାୟତା ପ୍ରଦାନ ଦାବିରେ ଓଡ଼ିଶା ବନ୍ଦ ଡାକରା ଯୋଗୁଁ ଯାଜପୁର ସଦର ଅଂଚଳରେ ଶାନ୍ତିପୂର୍ଣ୍ଣ ଭାବେ ପାଳିତ ହୋଇଛି । ଯାଜପୁର ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ବିଭିନ୍ନ ସରକାରୀ ସଂସ୍ଥା, ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରିବାକୁ ଅନୁରୋଧ କରିଥିଲେ । ଫଳରେ ସକାଳ ୬ ଟା ଠାରୁ ଯାଜପୁର ସହର ଗାନ୍ଧୀ ଛକ, ମେଡିକାଲ ଛକ, ତହସିଲ ଅଫିସ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବସଷ୍ଟାଣ୍ଡ ସମେତ ଯାଜପୁର ସଦର ଅଂଚଳର ବ୍ଲକ୍ ଛକ, ବୁଢା ଘାଟ, ବରୁଆଁ ଛକ, ଗଳି ପାଢ଼ୀ ଛକ, ତୋପି ଛକ, ଝାଲ ପଡ଼ା,ସାହସ ପୁର, ସୁଜନପୁର ଆଦି ସ୍ଥାନରେ ଦୋକାନ ବଜାର ବନ୍ଦ ଥିବାବେଳେ ଯାତ୍ରୀ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଥିବା ଦେଖିବାକୁ ମିଳିଥିଲା । ଅଳ୍ପ ସଂଖ୍ୟକ ବାଇକ୍ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା । ଓଡ଼ିଶା ବନ୍ଦ କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ନେତା ସନ୍ତୋଷ ନନ୍ଦ, ବିଭୁତି ମହାପାତ୍ର, ଦିଲିପ ଦାଶ, ବ୍ଲକ୍ କଂଗ୍ରେସ ସଭାପତିଙ୍କ ସହ ରମେଶ ପତି, ଆଦିତ୍ୟ ନାରାୟଣ ରାଉତ୍, ଆନନ୍ଦ ସେନାପତି, ଶେଖ୍ ଅବଦୁଲ୍ ହଲିମ୍, ଶେଖ୍ କାସୋ, ପ୍ରଶାନ୍ତ ପଥାନ, ଦୁଃଶାସନ ପରିଡ଼ା, ଗୋପାଳ ଜେନା, ତରୁଣ ଜେନା, ଗଣେଶ ଚନ୍ଦ୍ର ଦାସ, ଶ୍ରୀକାନ୍ତ ମଲ୍ଲିକ, ସଞ୍ଜୟ ମହାନ୍ତି, ବିଦ୍ୟାଧର ଜେନା ପ୍ରମୁଖ ସାମିଲ ହୋଇଥିଲେ । ଓଡ଼ିଶା ବନ୍ଦକୁ ଦୃଷ୍ଟିରେ ରଖି ସଦର ପୋଲିସ ପକ୍ଷରୁ ବିଭିନ୍ନ ଛକ ବଜାର ସ୍ଥାନରେ ପୋଲିସ ମୁତୟନ ହୋଇଥିବା ଦେଖିବାକୁ ମିଳିଥିଲା । ସଦର ଅଂଚଳରେ ଓଡ଼ିଶା ବନ୍ଦକୁ ଶାନ୍ତିପୂର୍ଣ୍ଣ ଭାବେ ସଫଳ କରିଥିବାରୁ ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସ ଜନସାଧାରଣଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ।

ଲକ୍ଷ୍ମୀଦାସପୁରରେ ମା' ଗଜଲକ୍ଷ୍ମୀ ପୂଜା ମଣ୍ଡପ ନିର୍ମାଣ ପାଇଁ ସରକାରୀ ସହାୟତା ପାଇଁ ନିବେଦନ କଲେ ଗ୍ରାମବାସୀ

ବାସୁଦେବପୁର, ୦୮/୧୦ (ଆ.ପ୍ର) : ଭକ୍ତି ଓ ପରମ୍ପରାର ପ୍ରତୀକ ମା' ଗଜଲକ୍ଷ୍ମୀ ପୂଜା । ଦୀର୍ଘ ୫୫ ବର୍ଷ ଧରି ଏହି ପରମ୍ପରାକୁ ଜାବୁଡ଼ି ଧରିଛନ୍ତି ଗ୍ରାମବାସୀ । ନିଜସ୍ୱ ଉଦ୍ୟମ ଓ ସହଯୋଗରେ ଚାଲିଛି ପୂଜା ମଣ୍ଡପ ନିର୍ମାଣ କାର୍ଯ୍ୟ । ହେଲେ ଅର୍ଥାଭାବରୁ ଅଧାପନ୍ତରିଆ ହୋଇ ରହିଛି ମଣ୍ଡପ । ଏବେ ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି ଲକ୍ଷ୍ମୀଦାସପୁର ଗ୍ରାମବାସୀ । ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଦାସପୁର ଗାଁ । ଏଠାରେ ଶ୍ରଦ୍ଧା ଓ ଭକ୍ତିର ସହ ପୂଜା ପାଉଛନ୍ତି ମା' ଗଜଲକ୍ଷ୍ମୀ । ୧୯୭୦ ମସିହାରୁ ଆରମ୍ଭ ହୋଇଥିବା ଏହି ପୂଜା ଆଜି ପର୍ଯ୍ୟନ୍ତ ଚାଲିଆସିଛି ଅତୁଟ ପରମ୍ପରାରେ । ବର୍ଷ ପରେ ବର୍ଷ ବିତିଛି ପିଢ଼ି ପରେ ପିଢ଼ି ବଦଳିଛି । କିନ୍ତୁ ବଦଳିନି ମା'ଙ୍କ ପ୍ରତି ଗ୍ରାମବାସୀଙ୍କ ଭକ୍ତି । ଗ୍ରାମବାସୀଙ୍କ ଅକୁଣ୍ଠ ସହଯୋଗରେ ପ୍ରତିବର୍ଷ ରୀତିନୀତି ଅନୁସାରେ ଆୟୋଜିତ ହୋଇଆସୁଛି ମା' ଗଜଲକ୍ଷ୍ମୀଙ୍କ ପୂଜା । ମା'ଙ୍କ ପାଇଁ ରହିଛି ଏକ ସ୍ଥାୟୀ ପୂଜା ମଣ୍ଡପ । ହେଲେ ମଣ୍ଡପର ନିର୍ମାଣ କାର୍ଯ୍ୟ ଏଯାଏଁ ସମ୍ପୂର୍ଣ୍ଣ ହୋଇପାରିନାହିଁ । ଅର୍ଥାଭାବ ମୁଖ୍ୟ ପ୍ରତିବନ୍ଧକ ସାଜିଛି । ତଥାପି ହାର ମାନିନାହାନ୍ତି ଗ୍ରାମବାସୀ । ନିଜ ନିଜ ସାମର୍ଥ୍ୟ ଅନୁସାରେ ସହଯୋଗ କରି ମଣ୍ଡପ ନିର୍ମାଣ କାମକୁ ଆଗେଇ ନେଉଛନ୍ତି । ଗାଁର ଏହି ଧାର୍ମିକ ପରମ୍ପରାକୁ ଆହୁରି ସୁଦୃଢ଼ କରିବା ପାଇଁ ଏବେ ସରକାରଙ୍କ ନିକଟରେ ରହିଛି ଅନୁରୋଧ । ସାର୍ବଜନୀନ ଲକ୍ଷ୍ମୀପୂଜା ମଣ୍ଡପ ନିର୍ମାଣ ପାଇଁ ଯଦି ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ମିଳେ, ତେବେ ଅଧାପନ୍ତରିଆ ମଣ୍ଡପଟି ସୁନ୍ଦର ଓ ସୁଦୃଢ଼ ଭାବେ ନିର୍ମାଣ ହୋଇପାରିବ ବୋଲି ଆଶା ରଖିଛନ୍ତି ଗ୍ରାମବାସୀ । ଏହି ମଣ୍ଡପ କେବଳ ପୂଜା ପାଇଁ ନୁହେଁ, ଗାଁର ଏକତା, ଭାଇଚାରା ଓ ପରମ୍ପରାର ପ୍ରତୀକ । ତେଣୁ ମା' ଗଜଲକ୍ଷ୍ମୀଙ୍କ ଏହି ପବିତ୍ର ପୀଠର ଉନ୍ନତି ପାଇଁ ସରକାରୀ ସହାୟତା ମିଳୁ ବୋଲି ଗ୍ରାମବାସୀଙ୍କ ଦାବି । ଆମେ ଗ୍ରାମବାସୀ ମିଶି ଯଥାସାଧ୍ୟ ମଣ୍ଡପ କାମ କରୁଛୁ । ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ମିଳିଲେ ମା'ଙ୍କ ମଣ୍ଡପଟି ସମ୍ପୂର୍ଣ୍ଣ ହୋଇପାରିବ । ଲକ୍ଷ୍ମୀଦାସପୁରର ଏହି ପବିତ୍ର ପରମ୍ପରାକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ବଜାୟ ରଖିବାକୁ ଗ୍ରାମବାସୀଙ୍କ ପ୍ରୟାସ ଜାରି ରହିଛି । ଏବେ ଅପେକ୍ଷା ସରକାରୀ ସହଯୋଗକୁ । ମା' ଗଜଲକ୍ଷ୍ମୀଙ୍କ ମଣ୍ଡପ ନିର୍ମାଣ କେବେ ସମ୍ପୂର୍ଣ୍ଣ ହେବ, ତାହା ଉପରେ ରହିଛି ସମସ୍ତଙ୍କ ନଜର । ମଣ୍ଡପ ନିର୍ମାଣରେ ସହଯୋଗ କରୁଥିବା ପ୍ରମୁଖ ବ୍ୟକ୍ତିମାନଙ୍କ ନାମ, ହେମନ୍ତ କୁମାର ପ୍ରଧାନ, ଧନେଶ୍ୱର ନାୟକ (ବୁଲୁ), ବିଦ୍ୟାଧର ବହାଲ, ମୁରଲୀ ଜେନା, ଗାୟଧର ଜେନା, ପବିତ୍ରରଞ୍ଜନ ପ୍ରଧାନ (ପପୁ), ସର୍ବେଶ୍ୱର ବହାଲ, ବିଜୁ ବଳ, ରାଜେନ୍ଦ୍ର ନାୟକ, ଅଭୟ ନାୟକ, ତାରିଣୀ ଜେନା, ଗଜେନ୍ଦ୍ର ଜେନା, ନରେନ୍ଦ୍ର ଜେନା, ଶିବ ପ୍ରସାଦ ନାୟକ, ଭାଗିରଥି ନାୟକ, ରଞ୍ଜନ କୁମାର ନାୟକ, ବୁଧିରାମ ପଲେଇ, ବିଜୟ କୁମାର ବଳ, ସୀତାକାନ୍ତ ପ୍ରଧାନ, ଭରତ ଚନ୍ଦ୍ର ପ୍ରଧାନ ଓ ଲକ୍ଷ୍ମୀଧର ନାୟକଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ ।

୫ ଦିନ ହେଲା ଅନ୍ଧାରରେ ୭୦ ପରିବାର, ଦୃଷ୍ଟି ଦେଉନାହାନ୍ତି ବିଭାଗୀୟ ଅଧିକାରୀ

ଜି.ଉଦୟଗିରି, ୦୮/୧୦ (ଆ.ପ୍ର) : ଜି.ଉଦୟଗିରି ବ୍ଲକ କଳିଙ୍ଗୀ ପଂଚାୟତ ଅନ୍ତର୍ଗତ ମାଲାନସୁଗା ଗ୍ରାମରେ ଗତ ୫ ଦିନ ହେଲାଣି ବିଦ୍ୟୁତ୍ ସେବା ବନ୍ଦ ରହିଥିବାରୁ ପ୍ରାୟ ୭୦ଟି ପରିବାର ଅନ୍ଧାରରେ ରାତି କାଟୁଛନ୍ତି । ଏ ନେଇ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ ବିଭାଗର ଟୋଲଫ୍ରି ନମ୍ବରରେ ଅଭିଯୋଗ କରିଥିଲେ କିନ୍ତୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇନଥିବା ଅଭିଯୋଗ ହୋଇଛି । ସେପଟେ ସନ୍ଧ୍ୟା ହେଲେ ଏହି ଅଂଚଳରେ ହାତୀ ଉପଦ୍ରବ କରୁଥିବା ବେଳେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଚିନ୍ତା ବଢ଼ିଛି । ବିଶେଷକରି ରାତି ସମୟରେ ହାତୀ ଚଳାଚଳ କରୁଥିବା ଅଂଚଳରେ ଆଲୋକ ବ୍ୟବସ୍ଥା ନଥିବାରୁ ଲୋକଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି । ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଦ୍ୟୁତ୍ ବିଭାଗ ପକ୍ଷରୁ ସମସ୍ୟାର ତୁରନ୍ତ ସମାଧାନ ହୋଇନଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ହାତୀ ଉପଦ୍ରବ ପ୍ରବଣ ଅଂଚଳ ହୋଇଥିବାରୁ ଘଟଣାଟିକୁ ଗୁରୁତ୍ୱ ଦେଇ ତୁରନ୍ତ ବିଦ୍ୟୁତ୍ ସେବା ପୁନଃସ୍ଥାପନ କରିବା ସହ ଗ୍ରାମବାସୀଙ୍କ ସୁରକ୍ଷା ପ୍ରତି ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦିଅନ୍ତୁ ବୋଲି ଅଂଚଳବାସୀ ଦାବି କରିଛନ୍ତି ।

ଆଦିବାସୀ ମହାବିଦ୍ୟାଳୟରେ ପ୍ରଥମ ଛାତ୍ର ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରିବା ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ

ବାଲିଗୁଡା, ୦୮/୧୦ (ଆ.ପ୍ର) : ସରକାରଙ୍କ ନିଷ୍ପତି ଅନୁଯାୟୀ କନ୍ଧମାଳ ଜିଲ୍ଲାର ସର୍ବ ପୁରାତନ ଆଦିବାସୀ ମହାବିଦ୍ୟାଳୟରେ ଚଳିତ ବର୍ଷ ହେବାକୁ ଯାଉଛି ପ୍ରଥମ ଛାତ୍ର ନିର୍ବାଚନ । ଏହାକୁ ନେଇ ମହାବିଦ୍ୟାଳୟ କ୍ୟାମ୍ପସ ହୋଇ ଉଠିଲାଣି ଚଳଚଂଚଳ । ବିଜ୍ଞପ୍ତି ପ୍ରକାଶ କରିବା ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି । ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ, ସହ ସମ୍ପାଦକ, କ୍ରିଡା ସମ୍ପାଦକ, ସହ ସମ୍ପାଦକ, ପୂଜା ସମ୍ପାଦକ, ସହ ସମ୍ପାଦକ ସମେତ କଳା, ବାଣିଜ୍ୟ ଓ ବିଜ୍ଞାନ ଶ୍ରେଣୀ ନିମନ୍ତେ ୯ ଜଣ ଶ୍ରେଣୀ ପ୍ରତିନିଧିଙ୍କୁ ବଛାଯିବ । ଏଥି ନିମନ୍ତେ ଆଜି ଠାରୁ ନାମାଙ୍କନ ପତ୍ର ସଂଗ୍ରହର ପ୍ରଥମ ଦିନରେ ସଭାପତି ନିମନ୍ତେ ୧୦ଟି ନାମାଙ୍କନ ପତ୍ର ସଂଗ୍ରହ କରିଥିବା ବେଳେ ମୋଟ ୧୯ ଟି ନାମାଙ୍କନ ପତ୍ର ନିର୍ବାଚନ ଅଧିକାରୀଙ୍କ ଠାରୁ ଛାତ୍ରଛାତ୍ରୀ ସଂଗ୍ରହ କରାଯାଇଥିବା ଜଣାପଡିଛି । ପ୍ରାର୍ଥୀ ହେବା ପାଇଁ ସ୍ନାତକ(ଯୁଜି) ଛାତ୍ରଛାତ୍ରୀଙ୍କ ପାଇଁ ବୟସ ୧୭ରୁ ୨୨ ବର୍ଷ ବୟସ ରହିଥିବା ବେଳେ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ପ୍ରାର୍ଥୀଙ୍କର ଶ୍ରେଣୀଗୃହରେ ଉପସ୍ଥାନ ୭୫% କିମ୍ବା ତା'ଠାରୁ ଅଧିକ ଥିବ ଆପରାଧିକ ରେକର୍ଡ ନ ଥିବ କିମ୍ବା ମହାବିଦ୍ୟାଳୟ ପକ୍ଷରୁ ତାଙ୍କ ବିରୋଧରେ କୌଣସି ପ୍ରକାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ସେହି ଭଳି ଛାତ୍ରଛାତ୍ରୀ ନିର୍ବାଚନ ଲଢିପାରିବେ । ଆସନ୍ତା କାଲି ମଧ୍ୟାହ୍ନ ମଧ୍ୟରେ ନାମାଙ୍କନପତ୍ର ଦାଖଲ ଓ ସଂପୂର୍ଣ୍ଣ ତାଲିକା ମହାବିଦ୍ୟାଳୟ ପକ୍ଷରୁ ଘୋଷଣା କରାଯିବ ୧୦ରେ ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଛି ବୋଲି କହିଛନ୍ତି ମହାବିଦ୍ୟାଳୟ ର ଅଧକ୍ଷ ଡଃ ବିଭୁତି ଭୂଷଣ ଆଚାର୍ଯ୍ୟ କହିଛନ୍ତି । ୧୪ ତାରିଖରେ 'ମୁଁ କାହିଁକି ପ୍ରାର୍ଥୀ ହୋଇଛି ବୈଠକ ସହ ୧୫ ତାରିଖରେ ଭୋଟଗ୍ରହଣ କରାଯିବ। ବିଜୟୀ ଛାତ୍ର ପ୍ରତିନିଧିମାନେ ଅକ୍ଟୋବର ୧୬ରେ ଶପଥ ଗ୍ରହଣ କରିବେ ବୋଲି କୁହାଯାଇଛି । ପ୍ରାର୍ଥୀମାନେ ଜାତି, ସମ୍ପ୍ରଦାୟ, ଧର୍ମ, ଭାଷାକୁ ନେଇ କୌଣସି ମନ୍ତବ୍ୟ କିମ୍ବା ଅନ୍ୟ ପ୍ରାର୍ଥୀଙ୍କ ବ୍ୟକ୍ତିଗତ ଜୀବନକୁ ନେଇ କୌଣସି ପ୍ରକାର ସମାଲୋଚନା କରିପାରିବେ ନାହିଁ । ନିର୍ବାଚନ ସମୟରେ ପ୍ରାର୍ଥୀ ଓ ତାଙ୍କ ସମର୍ଥକ ସାମାଜିକ ଗଣମାଧ୍ୟମ ଓ ଡିଜିଟାଲ ପ୍ଲାଟଫର୍ମରେ ସଞ୍ଜମତା ଅବଲମ୍ବନ କରିବେ ଖରାପ ଭାଷା ପ୍ରୟୋଗ, ମିଥ୍ୟା ଖବର ପ୍ରସାରଣ ନ କରିବା, ଭ୍ରମାତ୍ମକ ତଥ୍ୟ ନ ହେବା, ଏଆଇ ମାଧ୍ୟମରେ ପ୍ରସ୍ତୁତ ହୋଇଥିବା ନକଲି କଂଟେଂଟ ପ୍ରସାରଣ ଉପରେ କଟକଣା ଲଗାଯାଇଛି । ନିର୍ବାଚନର ୨୪ ଘଂଟା ପୂର୍ବରୁ ବୈଠକ ନ କରିବା, ଭୋଟରଙ୍କୁ ଭୋଟ ଗ୍ରହଣ କେନ୍ଦ୍ରକୁ ଆଣିବା ଉପରେ କଟକଣା ଲାଗିଛି । ଭୋଟ ଗ୍ରହଣ ଦିନ କେବଳ ବୈଧ ପରିଚୟପତ୍ର ଥିବା ଛାତ୍ରଛାତ୍ରୀ କିମ୍ବା ବ୍ୟକ୍ତିବିଶେଷଙ୍କୁ ହିଁ କ୍ୟାମ୍ପସରେ ପ୍ରବେଶ ପାଇଁ ଅନୁମତି ମିଳିବା ନିର୍ବାଚନ ସରିବାର ୪୮ ଘଂଟା ମଧ୍ୟରେ ପୁଣି ଅଂଚଳ ଯେପରି ସଫା ହୁଏ ପ୍ରାର୍ଥୀମାନେ ତାହାକୁ ସୁନିଶ୍ଚିତ କରିବେ ଏହାକୁ ଉଲଂଘନ କଲେ ପ୍ରତି ପ୍ରାର୍ଥୀଙ୍କୁ ଜାରିମାନା ହେବ । ଶିକ୍ଷାନୁଷ୍ଠାନର ଅଧ୍ୟାପକ କିମ୍ବା ଅଧକ୍ଷଙ୍କ ଅଧକ୍ଷତାରେ ଏକ ଅଭିଯୋଗ ଶୁଣାଣି ସେଲ୍ ରହିବ ଯେଉଁଥିରେ ଜଣେ ବରିଷ୍ଠ ଅଧ୍ୟାପକ, ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଦୁଇ ଜଣ (ଜଣେ ଲେଖାଏଁ ଛାତ୍ର ଓ ଛାତ୍ରୀ) ଶେଷ ବର୍ଷ ବିଦ୍ୟାର୍ଥୀ ରହିବେ । ଏହି ସେଲ୍ ନିର୍ବାଚନ ସମ୍ପର୍କିତ ସମସ୍ତ ଅଭିଯୋଗର ଶୁଣିବେ ବୋଲି କୁହଯାଇଛି ।

ଚିଲିକା ଶିଶୁ ବିକାଶ ପ୍ରକଳ୍ପରେ ୯ମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

ଚିଲିକା /ବାଣପୁର, ୦୮/୧୦ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ଆଇସିଡ଼ିଏସ ପ୍ରକଳ୍ପ ମାଧ୍ୟମରେ ଏବଂ ସିଡ଼ିପିଓ ଅଞ୍ଜଳୀ ବାଳା ମଲ୍ଲିକଙ୍କ ଆୟୋଜିତ ୯ମ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥିଭାବେ ଡାକ୍ତର ଭୁପେଶ କୁମାର ବଳିୟାରସିଂହ, ଅତିଥିଭାବେ ଆଙ୍କଲା ଚଟି ଭୀମବଳବନ୍ତରାୟ ମହାବିଦ୍ୟାଳୟର ମିସ ରାଜ ଦୁଲାରୀ ହେମ୍ବ୍ରମ ଯୋଗ ଦେଇ ଚିଲିକା ମଣ୍ଡଳ ସ୍ତରୀୟ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରୁ ଆସିଥିବା ମାଣ୍ଡିଆ ପିଠା, କାକରା, ହାତପୋଡପିଠା, ହାଲୁଆ ସମେତ ବିଭିର୍ଣ୍ଣ ପ୍ରକାର ଫଳ ସବୁକୁବୁଲିଦେଖିଥିଲେ । ଏହି ପ୍ରଦର୍ଶନ ହେଉଛି ଗର୍ଭବତୀ ମହିଳା, ଶିଶୁମାନଙ୍କ ପାଇଁ । ପୁଷ୍ଟିକର ଖାଦ୍ୟ ନିତିଦିନ ଖାଇବା ଫଳରେ ସ୍ୱାସ୍ଥ୍ୟ ଭଲ ରହିବା ସହ ନିରୋଗ ରହିବ । ସୁସ୍ଥ ସମାଜ ହିଁ ଏହାର ମୂଳ ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣଲତା ନାୟକ, ସବିତା ଦାସ, ପୋଷଣ ବିସି ସୁଭଦ୍ରା ବିଷୋୟୀ ଏବଂ ସମସ୍ତ ଅଙ୍ଗନବାଡ଼ିର କର୍ମଚାରୀ କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦଙ୍କ ସହଯୋଗରେ ସୁନ୍ଦର କାର୍ଯ୍ୟକ୍ରମ ହୋଇ ପାରିଥିଲା । ଏହି କାର୍ଯ୍ୟକ୍ରମ ସୁନ୍ଦର ଭାବେ ହୋଇଥିବାରୁ ଉପସ୍ଥିତ ଥିବା ଅତିଥି ଓ ଏହି ଆୟୋଜନ କରିଥିବା ସମସ୍ତଙ୍କୁ ସିଡ଼ିପିଓ ଅଞ୍ଜଳୀ ବାଳା ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ ।

ସରକାରୀ ଅର୍ଥରେ ନିର୍ମିତ ଶୌଚାଳୟ ଭଙ୍ଗାକୁ ନେଇ ପ୍ରଶ୍ନ ଅନୁମତି ଥିଲା କି ?

ସିନାପାଲି, ୦୮/୧୦ (ଆ.ପ୍ର) : ସ୍ୱଚ୍ଛତା ବ୍ୟବସ୍ଥା ସୁଦୃଢ଼ କରିବା ସହ ଛାତ୍ରଛାତ୍ରୀଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ଭିତିଭୂମି ନିର୍ମାଣ କରାଯାଉଛି । ତେବେ ନୂଆପଡ଼ା ଜିଲ୍ଲା ସିନାପାଲିସ୍ଥିତ ମେହେରପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ସରକାରୀ ଅର୍ଥରେ ନିର୍ମିତ ଏକ ଶୌଚାଳୟ ଭଙ୍ଗାଯିବା ଘଟଣାକୁ ନେଇ ଏବେ ବିଭିନ୍ନ ପ୍ରଶ୍ନ ଉଠିଛି । ସୂଚନା ଅନୁସାରେ, ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ନିର୍ମାଣ ହୋଇଥିବା ଶୌଚାଳୟଟିକୁ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳରେ ଆଲୋଚନା ଓ ଅସନ୍ତୋଷ ପ୍ରକାଶ ପାଇଛି । ସରକାରୀ ଅର୍ଥରେ ନିର୍ମିତ ଏକ ସମ୍ପତିକୁ ଭାଙ୍ଗିବା ପୂର୍ବରୁ ସମ୍ପୃକ୍ତ ବିଭାଗ କିମ୍ବା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଇଥିଲା କି ନାହିଁ, ତାହା ଏବେ ମୁଖ୍ୟ ପ୍ରଶ୍ନ ହୋଇଛି । ଯଦି ଶୌଚାଳୟ ଭାଙ୍ଗିବା ପାଇଁ ଅନୁମତି ନିଆଯାଇଥିଲା, ତେବେ ସେ ସମ୍ପର୍କିତ ଲିଖିତ ଆଦେଶ କିମ୍ବା ଅନୁମୋଦନ କେଉଁଠି ରହିଛି, ତାହା ସ୍ପଷ୍ଟ କରାଯିବା ଆବଶ୍ୟକ ବୋଲି ଅଂଚଳବାସୀ କହିଛନ୍ତି । ଅନ୍ୟପକ୍ଷରେ ଅନୁମତି ନଥିଲେ ସରକାରୀ ଅର୍ଥରେ ନିର୍ମିତ ସମ୍ପତି କେଉଁ ପରିସ୍ଥିତିରେ ଭଙ୍ଗାଗଲା, ତାହା ମଧ୍ୟ ତଦନ୍ତର ବିଷୟ ବୋଲି ମତ ପ୍ରକାଶ ପାଇଛି । ତେବେ ଏହି ଅଭିଯୋଗର ସତ୍ୟାସତ୍ୟ ସମ୍ପୃକ୍ତ ବିଭାଗର ତଦନ୍ତ ପରେ ହିଁ ସ୍ପଷ୍ଟ ହେବ । ସିନାପାଲି ମେହେରପଡ଼ା ପ୍ରାଥମିକ ବିଦ୍ୟାଳୟ ଏକ ପୁରାତନ ଶିକ୍ଷାନୁଷ୍ଠାନ ହୋଇଥିବାରୁ ଏହାର ଭିତିଭୂମି, ବିଦ୍ୟାଳୟ ଜମି ଓ ଛାତ୍ରଛାତ୍ରୀଙ୍କ ସୁବିଧାକୁ ନେଇ ଅଂଚଳବାସୀ ଚିନ୍ତା ପ୍ରକାଶ କରିଛନ୍ତି । ଶୌଚାଳୟଟି କେଉଁ ପରିସ୍ଥିତିରେ ଏବଂ କାହା ଅନୁମତିରେ ଭଙ୍ଗାଗଲା, ତାହାର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବାକୁ ସେମାନେ ଦାବି କରିଛନ୍ତି । ସରକାରୀ ସମ୍ପତିର ସୁରକ୍ଷା, ବିଦ୍ୟାଳୟ ଜମିର ସୁରକ୍ଷା ଏବଂ ଛାତ୍ରଛାତ୍ରୀଙ୍କ ସୁବିଧା- ଏହି ତିନିଟି ପ୍ରସଙ୍ଗରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଉଛି, ତାହା ଉପରେ ଏବେ ନଜର ରହିଛି । ଆଗାମୀ ଦିନରେ ସ୍କୁଲ କମିଟି, ପ୍ରଧାନ ଶିକ୍ଷକ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏନେଇ କି ପଦକ୍ଷେପ ନେଉଛନ୍ତି, ତାହା ଦେଖିବାକୁ ବାକି ରହିଲା ।

କ୍ଲଷ୍ଟର ସ୍ତରୀୟ ସୁରଭି ମହୋତ୍ସବରେ ବିଲେଇଝରଣ ସ୍କୁଲର ଗୌରବ



ଚନ୍ଦାହାଣ୍ଡି, ୦୮/୧୦ (ଆ.ପ୍ର) : ପାଟଖଲିଆ କ୍ଲଷ୍ଟର ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ଧକୋନା ଠାରେ ଅନୁଷ୍ଠିତ କ୍ଲଷ୍ଟର ସ୍ତରୀୟ ସୁରଭି ଶିଶୁ ମହୋତ୍ସବ-୨୦୨୬ରେ ବିଲେଇଝରଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଛାତ୍ର ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ତଥା ବିଲେଇଝରଣ ପାଇଁ ଗୌରବ ଆଣିଛନ୍ତି । ଏହି ପ୍ରତିଯୋଗିତାରେ ଛାତ୍ର ପିତବାସ ମୁଦୁଲି ବକ୍ତୃତା ପ୍ରତିଯୋଗିତାରେ (କନିଷ୍ଠ) ପ୍ରଥମ ସ୍ଥାନ ଏବଂ ସୁଶାନ୍ତ ମୁଦୁଲି ସୃଜନ ଲିଖନ ପ୍ରତିଯୋଗିତାରେ (କନିଷ୍ଠ) ପ୍ରଥମ ସ୍ଥାନ ହାସଲ କରି ଆଗାମୀ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ଚୟନ ହୋଇଛନ୍ତି । ସେମାନଙ୍କ ଏହି ସଫଳତାରେ ବିଦ୍ୟାଳୟର ଶିକ୍ଷକ ମଣ୍ଡଳୀ ଓ ବିଲେଇଝରଣ ଗ୍ରାମବାସୀ ବହୁତ ଖୁସି ବ୍ୟକ୍ତ କରି ଛାତ୍ରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ବାସୁ ଡଙ୍ଗରି, ଲକ୍ଷ୍ମୀ ନାରାୟଣ ପୂଜାରୀ, ଅନିରୁଦ୍ଧ ଦଳାଇ, ସୀମାଂଚଳ ପ୍ରସାଦ ରଥଙ୍କ ପ୍ରୟାସକୁ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ପ୍ରଶଂସା ସହ ଧନ୍ୟବାଦ ଦେଇଛନ୍ତି । ଆଗାମୀ ବ୍ଲକ ସ୍ତରୀୟ ସୁରଭି ମହୋତ୍ସବରେ ମଧ୍ୟ ଆମ ବିଦ୍ୟାଳୟର ଛାତ୍ରମାନେ ଭଲ ପ୍ରଦର୍ଶନ କରି ଜିଲ୍ଲା ସ୍ତରକୁ ଯିବେ ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ବୃନ୍ଦାବନ ସାହୁ ଆଶା ପ୍ରକାଶ କରିଛନ୍ତି ।

ଓଡ଼ିଶା ବନ୍ଦ ଡାକରାରେ ପାତ୍ରପୁର ପ୍ରଭାବିତ

ପାତ୍ରପୁର,୦୮/୧୦ (ଆ.ପ୍ର) : ଇଣ୍ଡିଆ ମେଂଟ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦେଇଥିବା ବେଳେ ଏହାର ପ୍ରଭାବ ପାତ୍ରପୁର ବ୍ଲକରେ ପ୍ରଭାବିତ ହୋଇଛି । ବନ୍ଦକୁ ସଫଳ କରିବା ପାଇଁ କଂଗ୍ରେସ ସମେତ ଇଣ୍ଡିଆ ମେଂଟର ସହଯୋଗୀ ଦଳର ନେତା ଓ କର୍ମୀମାନେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରିଥିଲେ । ଚିକିଟି କଂଗ୍ରେସ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଦ୍ୟାନ ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାତ୍ରପୁରରେ ବନ୍ଦ ପାଳନ କରାଯାଇଥିଲା । ଏଥିରେ ଇଣ୍ଡିଆ ମେଂଟର ସହଯୋଗୀ ଦଳ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍‌ର ଜିଲ୍ଲା ସଭାପତି ବିଶ୍ୱଦେବ ପାଢ଼ୀଙ୍କ ସମେତ ସିପିଆଇ ନେତା ଓ କର୍ମୀମାନେ ଯୋଗଦେଇ ବନ୍ଦକୁ ସମର୍ଥନ ଜଣାଇଥିଲେ । ବନ୍ଦ ପାଳନ ସମୟରେ ପାତ୍ରପୁର ବଜାର ଅଂଚଳରେ ଦୋକାନବଜାର ବନ୍ଦ ରହିଥିବା ଦେଖାଯାଉଥିଲା । କର୍ମୀମାନଙ୍କ ପକ୍ଷରୁ ବିଭିନ୍ନ ବ୍ୟବସାୟୀଙ୍କୁ ଦୋକାନ ବଜାର ବନ୍ଦ ରଖିବାକୁ ଅନୁରୋଧ କରାଯାଇଥିଲା । ଏଥି ସହିତ ଇଣ୍ଡିଆ ମେଂଟର ସମସ୍ତ ସହଯୋଗି ଦଳର ନେତା ଓ କର୍ମୀ ମାନେ ପାତ୍ରପୁର ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ ସଂସ୍ଥା, ବ୍ୟାଙ୍କ ଓ ବ୍ଲକ, ତହସିଲ କାର୍ଯ୍ୟାଳୟ ପରିସରରେ ପହଂଚି ପିକେଟିଂ କରିଥିଲେ । ଏଥିରେ ସ୍ଥାନୀୟ ଜନସାଧାରଣ ଓ ବ୍ୟବସାୟୀମାନଙ୍କ ସହଯୋଗ ମିଳିଥିବା ଜଣାପଡ଼ିଛି । ଇଣ୍ଡିଆ ମେଂଟର ଏହି ବନ୍ଦ ଡାକରାକୁ ସ୍ଥାନୀୟ ସ୍ତରରେ ମିଳିଥିବା ସମର୍ଥନକୁ ନେଇ ମେଂଟର ନେତା ଓ କର୍ମୀମାନେ ବନ୍ଦ ସଫଳ ହୋଇଥିବା କହିଛନ୍ତି । ଆଜିର ବନ୍ଦ ଡାକରା ସମୟରେ ଚିକିଟି ଓ ପାତ୍ରପୁର ବ୍ଲକର ସଭାପତି ପ୍ରସନ୍ନ କୁମାର ପ୍ରଧାନ, ଚିକିଟି ବ୍ଲକ ସଭାପତି ନିଗମାନନ୍ଦ ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ସୁରେଶ ଦ୍ୟାନ ସାମନ୍ତରା, ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ସନ୍ତୋଷ କୁମାର ଦାଶ, ସୁନୀଲ ପଣ୍ଡା, ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ସତ୍ୟନାରାୟଣ ପଣ୍ଡା, ସମ୍ପାଦକ କ୍ଷମା ପ୍ରସାଦ ମହାରଣା, ଡିଲେଶ୍ୱର ବେହେରା ସିତାୟା ରେଡି, ହରି ସୁବୁଦ୍ଧି, ବାଗାତି ଭୁବନେଶ୍ୱର, ମୃତ୍ୟୁଞ୍ଜୟ ପ୍ରଧାନ, କାଳିଚରଣ ଅଧିକାରୀଙ୍କ ସମେତ ବହୁ କଂଗ୍ରେସ ସିପିଏମ ଆଇ ଓ ଫରୱାର୍ଡ଼ ବ୍ଲକର ବହୁ ନେତା ଓ କର୍ମୀ ଉପସ୍ଥିତି ଥିଲେ ।

ରାଜପୁରରେ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ବିଜେପିରେ ଯୋଗଦାନ

ଝରିଗାଁ, ୦୮/୧୦ (ଆ.ପ୍ର) : ଉମରକୋଟ ବ୍ଲକ ଅନ୍ତର୍ଗତ ରାଜପୁର ଗ୍ରାମ ପଂଚାୟତରେ ଆଜି କଂଗ୍ରେସ ଦଳର କିଛି ବରିଷ୍ଠ କାର୍ଯ୍ୟକର୍ତ୍ତା ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶମୂଳକ ଓ ଜନକଲ୍ୟାଣକାରୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେମାନେ ବିଜେପିରେ ସାମିଲ ହୋଇଥିବା କୁହାଯାଉଛି । ଏହି ଅବସରରେ ବିଧାୟକଙ୍କ ବାସଭବନରେ ଏକ ସ୍ୱାଗତ ସମାରୋହ ଆୟୋଜିତ ହୋଇଥିଲା । ନୂତନ ଭାବେ ଦଳରେ ଯୋଗଦେଇଥିବା କାର୍ଯ୍ୟକର୍ତ୍ତାମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ ଓ ଅଭିନନ୍ଦନ ଜଣାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗରିବ ଓ ଆବଶ୍ୟକତାରେ ଥିବା ଲୋକଙ୍କ ପାଇଁ ଚାଲୁଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ଆୟୁଷ୍ମାନ ଭାରତ ଭଳି ସ୍ୱାସ୍ଥ୍ୟସେବା ଯୋଜନା ଏବଂ ଅନ୍ୟାନ୍ୟ ବିକାଶମୂଳକ ପଦକ୍ଷେପରେ ପ୍ରଭାବିତ ହୋଇ ସେମାନେ ବିଜେପିରେ ଯୋଗ ଦେଇଥିବା ଦଳୀୟ ସୂତ୍ରରୁ ପ୍ରକାଶ । ଏହି ଯୋଗଦାନ କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ନରସିଂହ ଭତରା, ବିଧାୟକ ପ୍ରତିନିଧି ଗଣପତି ସାହୁଙ୍କ ସମେତ ଦଳର ବହୁ ନେତା ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ନୂତନ ସଦସ୍ୟମାନଙ୍କ ଯୋଗଦାନ ଫଳରେ ରାଜପୁର ଅଂଚଳରେ ଦଳୀୟ ସଂଗଠନ ଆହୁରି ମଜବୁତ ହେବ ବୋଲି ଦଳୀୟ ନେତାମାନେ ଆଶା ପ୍ରକାଶ କରିଛନ୍ତି ।

ଭୂସ୍ଖଳନରେ ବିଚ୍ଛିନ୍ନ ଯୋଗାଯୋଗ, ବିପଦସଙ୍କୁଳ ଯାତ୍ରା କରୁଛନ୍ତି ବାଇକ୍ ଚାଳକ

କୋରାପୁଟ, ୦୮/୧୦ (ଆ.ପ୍ର) : ଲଗାଣ ବର୍ଷା ଯୋଗୁଁ ୪୮ ନମ୍ବର ରାଜ୍ୟ ରାଜପଥର କୋରାପୁଟ ରାଣୀଗଡ଼ ବୋରିଗୁମ୍ମା ରାସ୍ତାରେ ଘଟିଥିବା ବଡ଼ ଧରଣର ଭୂସ୍ଖଳନକୁ ପ୍ରାୟ ୧୦ରୁ ୧୫ ଦିନ ବିତିଯାଇଥିଲେ ମଧ୍ୟ ଯାତାୟାତ ସ୍ୱାଭାବିକ ହୋଇପାରି ନାହିଁ । ରାଣୀଗଡ଼ ଘାଟିରେ ପାହାଡ଼ରୁ ବିପୁଳ ପରିମାଣର ମାଟି ଓ ପଥର ଧସି ରାସ୍ତା ଉପରେ ପଡ଼ିବା ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଏହି ରାସ୍ତା ଉପରେ ନିର୍ଭରଶୀଳ ଅନେକ ଗାଁର ଲୋକେ ଏବେ ଯାତାୟାତ, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଦୈନନ୍ଦିନ କାର୍ଯ୍ୟ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରାରମ୍ଭରେ ରାସ୍ତାରୁ ମାଟି ଓ ପଥର ହଟାଇ ଯାତାୟାତ ସ୍ୱାଭାବିକ କରିବା ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଏକାଧିକ ଜେସିବି ମେସିନ୍ ନିୟୋଜିତ କରାଯିବା ସହ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ କାର୍ଯ୍ୟର ତତ୍ପରତା ଜଣାଉଛନ୍ତି । କିନ୍ତୁ ଏବେ ସେହି ତତ୍ପରତା ଆଉ ଦେଖିବାକୁ ମିଳୁନଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । ସେମାନଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ମାତ୍ର କିଛି ଜେସିବି ମେସିନ୍‌ରେ ଦିନବେଳେ କାମ ଚାଲୁଥିବା ବେଳେ ରାତିରେ କାର୍ଯ୍ୟ ବନ୍ଦ ରହୁଛି । ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ନିୟମିତ ଉପସ୍ଥିତି ଏବଂ ତଦାରଖ ଦେଖିବାକୁ ମିଳୁନଥିବା ନେଇ ମଧ୍ୟ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ, ରାସ୍ତା ବନ୍ଦ ଯୋଗୁଁ ବାଇକ୍ ଚାଳକମାନେ ଅଧିକ ବିପଦର ସମ୍ମୁଖୀନ ହେଉଛନ୍ତି । ରାସ୍ତା ଅବରୋଧ ନିକଟରେ ସ୍ଥାନୀୟ ଯୁବକମାନେ ଆଗେଇ ଆସି ବିପଦସଙ୍କୁଳ ସ୍ଥାନ ଦେଇ ବାଇକ୍ ପାର କରିବାରେ ସହଯୋଗ କରୁଥିବା ଦେଖାଯାଉଛି । ଯାତ୍ରୀଙ୍କ ଦୁର୍ଦ୍ଦଶା ଦେଖି ସେମାନେ ସହାୟତା କରୁଥିବା ବେଳେ ଏଭଳି ଯାତାୟାତରେ ଦୁର୍ଘଟଣାର ଆଶଙ୍କା ରହିଛି । ତେଣୁ ଲୋକଙ୍କୁ ବିପଦ ମଧ୍ୟକୁ ନ ଯିବା ପାଇଁ ସତର୍କ ରହିବା ଆବଶ୍ୟକ । ଏହି ରାସ୍ତା ଦେଇ ଶିକ୍ଷକ ଶିକ୍ଷୟିତ୍ରୀ, ଡାକ୍ତର ଓ ଅନ୍ୟ ସରକାରୀ କର୍ମଚାରୀ ନିୟମିତ ଯାତାୟାତ କରୁଥିବାରୁ ସେମାନଙ୍କ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି । ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀକାଳୀନ ଯାତାୟାତ ନେଇ ମଧ୍ୟ ଚିନ୍ତା ବଢ଼ିଛି । ଏ ସମ୍ପର୍କରେ କୋରାପୁଟ ଉପଜିଲ୍ଲାପାଳ ଫାଡ଼ି ରଶିଦଙ୍କ ସହ ଟେଲିଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିବା ବେଳେ ରାସ୍ତା ସ୍ୱାଭାବିକ ହେବାକୁ ଆହୁରି ୧୫ ଦିନ ଲାଗିପାରେ ବୋଲି ସେ କହିଥିବା ଜଣାପଡ଼ିଛି । ଘାଟିର କୂଳଣି ଅଂଚଳରେ ଦୁର୍ବଳ ହୋଇଥିବାରୁ ସୁରକ୍ଷା ପ୍ରାଚୀର ନିର୍ମାଣ ଏବଂ ଅବଶିଷ୍ଟ ପଥର ଓ ମାଟି ହଟାଇବା ପରେ ଯାତାୟାତ ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି । ତେବେ ରାସ୍ତା ମରାମତି କାର୍ଯ୍ୟର ଗତି, ନିୟମିତ ତଦାରଖ ଏବଂ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି । ଆଉ କେତେ ଦିନ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବ ? କେବେ ସ୍ୱାଭାବିକ ହେବ ରାଣୀଗଡ଼ ଘାଟି ରାସ୍ତା ? ଏବେ ଏହି ପ୍ରଶ୍ନର ଉତ୍ତରକୁ ଅପେକ୍ଷା କରିଛନ୍ତି ଅଂଚଳବାସୀ ।

ଓଡ଼ିଶା ବନ୍ଦରେ ଇଣ୍ଡିଆ ବ୍ଲକ୍ ତରଫରୁ ଓଡ଼ିଶା ବନ୍ଦର ଅଭୂତପୂର୍ବ ସଫଳତା : ରାଜ୍ୟବାସୀଙ୍କୁ ଅଭିନନ୍ଦନ

ଖୋର୍ଦ୍ଧା/ଭୁବନେଶ୍ୱର, ୦୮/୧୦ (ଆ.ପ୍ର) : ୮ ଅକ୍ଟୋବର ଓଡ଼ିଶା ବନ୍ଦ ଅବସରରେ ଇଣ୍ଡିଆ ବ୍ଲକ୍‌ର ଅଂଶୀଦାର ଦଳଗୁଡ଼ିକ ଭୁବନେଶ୍ୱରରେ ଏକତ୍ରିତ ହୋଇ ଜୋରଦାର ପ୍ରତିବାଦ କରିଥିଲେ । ନିର୍ବାଚନ ବ୍ୟବସ୍ଥାର ସୁରକ୍ଷା, ଏସ୍ଆଇଆର୍ ପ୍ରତ୍ୟାହାର, ନିର୍ବାଚନ ଆୟୋଗରେ ସଂସ୍କାର, ଜ୍ଞାନେଶ କୁମାରଙ୍କୁ ହଟାଇବା, ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ-୨୦୨୬ ରଦ୍ଦ, ଓଡ଼ିଶାର ସ୍ୱାର୍ଥ ଓ ସମ୍ବିଧାନର ସଂଘୀୟ ବ୍ୟବସ୍ଥାର ସୁରକ୍ଷା ଏବଂ ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ଦେବା ଆଦି ଦାବି ନେଇ ଏହି ପ୍ରତିବାଦ ଅନୁଷ୍ଠିତ ହୋଇଥିଲା । ମାଷ୍ଟର କ୍ୟାଂଟିନ୍ ଛକରୁ ଇଣ୍ଡିଆ ବ୍ଲକ୍‌ର ନେତୃବୃନ୍ଦ ଓ କର୍ମୀମାନେ ଏକତ୍ରିତ ହୋଇ ଲୋକସେବା ଭବନ ଅଭିମୁଖେ ମିଛିଲ ପଦଯାତ୍ରା କରିଥିଲେ । ଏହି ସମୟରେ ବିଭିନ୍ନ ଦାବି ନେଇ ସ୍ଲୋଗାନ ଦେଇ ନେତା ଓ କର୍ମୀମାନେ ପ୍ରତିବାଦ ଜଣାଇଥିଲେ । ପଦଯାତ୍ରା ସମୟରେ ବହୁ ସଂଖ୍ୟକ ନେତା ଓ କର୍ମୀଙ୍କୁ ପୁଲିସ ଅଟକ ରଖିଥିଲା । ଏହି ବନ୍ଦରେ ଜନଜୀବନ ଠପ୍ ହୋଇଯାଇଛି । ରାଜ୍ୟବାସୀଙ୍କ ସହଯୋଗ ପାଇଁ ଇଣ୍ଡିଆ ବ୍ଲକ ତରଫରୁ ଅଭିନନ୍ଦନ ଜଣାଯାଇଛି । ଆଜିର ବନ୍ଦ ଆନ୍ଦୋଳନରେ କଂଗ୍ରେସ, ସିପିଆଇ, ସିପିଆଇ, ସିପିଆଇ-ଲିବରେସନ, ଫରୱାର୍ଡ ବ୍ଲକ୍, ଏନ୍‌ସିପି, ସମାଜବାଦୀ ପାର୍ଟି, ଆରଜେଡି ଏବଂ ଜେଏମ୍‌ଏମ୍ ସମେତ ଇଣ୍ଡିଆ ବ୍ଲକ୍‌ର ସମସ୍ତ ଅଂଶୀଦାର ଦଳଗୁଡ଼ିକର ରାଜ୍ୟ ନେତୃବୃନ୍ଦ ଯୋଗଦେଇଥିଲେ । ସିପିଆଇ ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ ରାଜ୍ୟ ସମ୍ପାଦକ ଡ଼ଃ ପ୍ରଶାନ୍ତ କୁମାର ମିଶ୍ର, କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, ସିପିଆଇ-ଲିବରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ସମାଜବାଦୀ ପାର୍ଟି ରାଜ୍ୟ ସମ୍ପାଦକ ରମାକାନ୍ତ ହାତୀ ଏବଂ ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାରଙ୍କ ସମେତ ବିଭିନ୍ନ ଦଳର ରାଜ୍ୟ ନେତୃବୃନ୍ଦ ଏଥିରେ ନେତୃତ୍ୱ ନେଇଥିଲେ । ଏହା ସହିତ ସନ୍ତୋଷ ଦାସ, ଦୁଷ୍ମନ୍ତ କୁମାର ଦାସ, ପୁଷ୍ପା ଦାଶ, ତାପସୀ ପ୍ରହରାଜ, ପ୍ରଦୀପ୍ତ କୁମାର ନାୟକ, ଜୟଦେବ ଜେନା, ରାମଚନ୍ଦ୍ର ଖୁଂଟିଆ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, କିଶୋର ଜେନା, ଅରବିନ୍ଦ ଦାସ, ଜୟନ୍ତ ଦାସ, ସୁର ଜେନା, କୈଳାଶ ପ୍ରଧାନ, ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡ଼ା, ବଂଶୀଧର ପରିଡା, ବେଣୁଧର ହରିଚନ୍ଦନ, ଲକ୍ଷ୍ମୀ ଦୋରା ଓ ରିଙ୍କି ସାହୁଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ମିଳିତ ବନ୍ଦରେ ନେତୃତ୍ୱ ନେଇଥିଲେ । ଇଣ୍ଡିଆ ବ୍ଲକ୍‌ର ନେତୃବୃନ୍ଦ କହିଥିଲେ ଯେ, ଦେଶର ଗଣତନ୍ତ୍ର, ସମ୍ବିଧାନ, ନିର୍ବାଚନ ପ୍ରକ୍ରିୟା ଓ ରାଜ୍ୟଗୁଡ଼ିକର ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଇଣ୍ଡିଆ ବ୍ଲକର ଏହି ଏକତାବଦ୍ଧ ଆନ୍ଦୋଳନ ଆଗାମୀ ଦିନରେ ମଧ୍ୟ ଜାରି ରହିବ । ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥ ଓ ଅଧିକାର ପାଇଁ ଇଣ୍ଡିଆ ବ୍ଲକ୍‌ର ସମସ୍ତ ଅଂଶୀଦାର ଦଳ ଏକତ୍ରିତ ହୋଇ ସଂଗ୍ରାମ କରିବେ ବୋଲି ଘୋଷଣା କରାଯାଇଛି । ସେହିଭଳି ଖୋର୍ଦ୍ଧା, ଟାଙ୍ଗୀ, ଚିଲିକା ଅଂଚଳର ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ବାଲୁଗାଁ ବାଣପୁର ଠାରେ କଂଗ୍ରେସ ନେତା ପ୍ରଦୀପ ସ୍ୱାଇଁ ଓ ଏଆଇସିସିଟିଇଉ ନେତା ଶରତ ଚନ୍ଦ୍ର ବରାଳ, ମୁରଲୀ ଘଡ଼େଇ ପ୍ରମୁଖ ବନ୍ଦକୁ ତ୍ୱରାନ୍ୱିତ କରିଥିଲେ । ତେବେ ବନ୍ଦ ପ୍ରଭାବରେ ବ୍ୟାଙ୍କ, ସରକାରୀ ଅଫିସ, ପେଟ୍ରୋଲ ପମ୍ପ ଆଦି ବନ୍ଦ ଥିବାବେଳେ ଯାନବାହାନ ଚଳାଚଳ ପ୍ରାୟତଃ ସ୍ୱାଭାବିକ ଥିଲା । ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିଲା । ବନ୍ଦର ପ୍ରଭାବ ଶାନ୍ତିପୂର୍ଣ୍ଣ ଥିଲା ।

ସିଜେପିର ମେଗା ବିକ୍ଷୋଭରେ ଧ୍ରୁବ ରାଠୀ ଓ ପ୍ରକାଶ ରାଜଙ୍କ ଗର୍ଜନ

ନୂଆଦିଲ୍ଲୀ, ୮/୧୦ (ନ୍ୟୁ.ଏ): ଏସ୍‌ଆଇଆର ରଦ୍ଦ କର, ଜ୍ଞାନେଶ କୁମାର ଗାଦି ଛାଡ଼ । ବେଙ୍ଗାଲୁରୁର ଫ୍ରିଡମ ପାର୍କରୁ ଏପରି ରଣହୁଙ୍କାର ଦେଇଛି କକ୍‌ରୋଚ ଜନତା ପାର୍ଟି ବା ସିଜେପି । ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ନିଜର ଲଢ଼େଇକୁ ଆହୁରି ଜୋରଦାର କରିଛି ସିଜେପି । ଆଉ ସିଜେପିର ମେଗା ବିକ୍ଷୋଭ ସମାବେଶରେ ସାମିଲ ହୋଇଛନ୍ତି ୟୁଟ୍ୟୁବର ଧ୍ରୁବ ରାଠୀ ଓ ଅଭିନେତା ପ୍ରକାଶ ରାଜ । ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ଜ୍ଞାନେଶ କୁମାରଙ୍କ ବିରୋଧରେ ବର୍ଷିଛନ୍ତି । ଭୋଟର ତାଲିକା ସଂଶୋଧନରେ ଅନିୟମିତତା ଅଭିଯୋଗ କରି ଆଜି ବେଙ୍ଗାଲୁରୁରେ ଅଭିଜିତ ଦିପେକଙ୍କ ସଂଗଠନ ଲୋକଙ୍କ ଟ୍ରିବ୍ୟୁନାଲ କାର୍ଯ୍ୟକ୍ରମ ଆୟୋଜନ କରିଛି । ଏହାପରେ ଦଳ ଚପଲ ବିକ୍ଷୋଭ ମଧ୍ୟ କରିବ । ଗୁରୁବାର ସିଜେପି ବେଙ୍ଗାଲୁରୁରେ ବିକ୍ଷୋଭ କରିଥିବା ବେଳେ ଆସନ୍ତା ୧୦ ତାରିଖରେ ଜ୍ଞାନେଶଙ୍କ ଇସ୍ତଫା ଦାବିରେ ଯନ୍ତରମନ୍ତରରେ ସମାବେଶ କରିବ ବୋଲି ଯୋଜନା କରିଛି । ଏହାପୂର୍ବରୁ ସିଜେପି ସହ ଧ୍ରୁବ ରାଠୀ ସାମିଲ ହେବା ସମସ୍ତ କର୍ମୀଙ୍କ ଉତ୍ସାହ ବଢ଼ାଇ ଦେଇଛି । ବେଙ୍ଗାଲୁରୁର ଫ୍ରିଡମ ପାର୍କ କାର୍ଯ୍ୟକ୍ରମ ପାଇଁ ଆଜି ସକାଳୁ ୟୁଡଗୋଷ୍ଠୀ ଆସିବାରେ ଲାଗିଥିଲେ । ଦିନ ଠିକ ୧ଟା ବେଳେ ଦିପକେ, ସୌରଭ ଦାସ ଓ ଆଶୁତୋଷ ରାଙ୍କା ଷ୍ଟେଜରେ ପହଂଚିଥିଲେ । ସେମାନେ ରାଠୀ ଓ ପ୍ରକାଶ ରାଜଙ୍କ ସହ ଷ୍ଟେଜ ସେୟାର କରି ପରସ୍ପରର ହାତ ଉଠାଇଥିଲେ । ସମସ୍ତେ ମୋଦି ବିରୋଧୀ ସ୍ଲୋଗାନ ସହ ଭୋଟ ଚୋର, ଭୋଟ ନାରା ମଧ୍ୟ ଦେଇଛନ୍ତି । ସମାବେଶକୁ ସମ୍ବୋଧନ କରି ଅଭିନେତା ପ୍ରକାଶ ରାଜ ଅଭିଯୋଗ କରିଛନ୍ତି ଯେ ଏସ୍‌ଆଇଆର ଦ୍ୱାରା ନିର୍ବାଚନ କମିଶନ ପୁରା ଦେଶର ଅପମାନିତ କରିଛନ୍ତି । ଏହି ଦେଶରେ ସରକାର କିଏ ଗଠନ କରିବ, ତା'ର ନିଷ୍ପତି ଲୋକମାନେ ନିଅନ୍ତି । କିନ୍ତୁ ଏସ୍‌ଆଇଆର ଦ୍ୱାରା ସରକାର କିଏ ଭୋଟ ଦେବେ, ତା'ର ନିଷ୍ପତି ନେଉଛନ୍ତି । ଏସ୍‌ଆଇଆର ଯୋଗୁ ଦେଶର ୧୩ କୋଟି ଲୋକଙ୍କ ନାଁ ଭୋଟର ତାଲିକାରୁ ବାଦ ପଡ଼ିଛି । ଏଥିପାଇଁ ସେ ଏସ୍‌ଆଇଆରକୁ ରଦ୍ଦ ପାଇଁ ଦାବି କରିଛନ୍ତି । ଏଥିସହ ସିଜେପିର ବିକ୍ଷୋଭ ଲୋକଙ୍କ ଅଧିକାରୀଙ୍କୁ ପୁନଃ ସ୍ଥାପିତ ପାଇଁ ବୋଲି ମଧ୍ୟ କହିଛନ୍ତି । ପ୍ରକାଶ ରାଜ କହିଛନ୍ତି, "ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ହଟାଇବା ପାଇଁ ଏହି ଆନ୍ଦୋଳନ ନୁହେଁ । ଯଦି ସେ ଯିବେ, ଆଉ ଜଣେ ତାଙ୍କ ସ୍ଥାନ ନେବେ । ଆମର ଲକ୍ଷ୍ୟ ହେଉଛି ଏସ୍‌ଆଇଆରକୁ ବନ୍ଦ କରିବା ।" ଆଜିର ମେଗା ବିକ୍ଷୋଭ ପୂର୍ବରୁ ଧ୍ରୁବ ରାଠୀ ଏଥିରେ ସାମିଲ ହେଉଥିବା ସିଜେପି ଗୋଟିଏ ଭିଡିଓ ପୋଷ୍ଟ କରି ସୂଚନା ଦେଇଥିଲା । ଏହି ସମୟରେ ଜ୍ଞାନେଶ କୁମାର ଚେତାବନୀ ଦେଇ ପ୍ରକାଶ ରାଜ କହିଥିଲେ ଯେ "ଆଲି ରେ ଆଲି, ଜ୍ଞାନୁ, ଆତା ତୁଝି ବାରି ଆଲି" ବୋଲି କହିଥିଲେ । ସିଜେପିର ଫ୍ରିଡମ ପାର୍କ କାର୍ଯ୍ୟକ୍ରମରେ ଯୋଗଦେଇ ଥିବା ଲୋକଙ୍କ ମଧ୍ୟରେ ଏସ୍‌ଆଇଆର ବେଳେ ନାଁ କଟିଥିବା ଅନେକ ଭୋଟର ରହିଛନ୍ତି । ସେମାନଙ୍କୁ ଏସ୍‌ଆଇଆର ବେଳେ ସ୍ଥାନାନ୍ତର କିମ୍ବା ଅନୁପସ୍ଥିତ ଦର୍ଶାଯାଇ ଭୋଟର ତାଲିକାରୁ ବାଦ ଦିଆଯାଇଛି । ବିକ୍ଷୋଭ ସମୟରେ ସିଜେପି ସେଭଳି ଲୋକଙ୍କୁ ସାମ୍ନାକୁ ଆଣି ଏସ୍‌ଆଇଆରର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି । ଭୋଟର ତାଲିକାରୁ ବାଦ ପଡ଼ିଥିବା ଲୋକଙ୍କ ସମସ୍ୟାକୁ ଉଜାଗର କରିବାକୁ ସିଜେପି ଏପରି ପିପୁଲ୍ସ ଟ୍ରିବ୍ୟୁନାଲ ଆୟୋଜନ କରିଥିବା କହିଛି । ଅନେକ ଜୀବିତ ଥିବା ବେଳେ ସେମାନଙ୍କୁ ମୃତ ଭାବେ ଦର୍ଶାଯାଇଛି । ଏହା ଗଣତନ୍ତ୍ରର ମୃତ୍ୟୁ ବୋଲି ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ କହିଛନ୍ତି । ଏପଟେ ଧ୍ରୁବ ରାଠୀ ଏହାକୁ ଗଣତନ୍ତ୍ରର ସୁରକ୍ଷା ପାଇଁ ଗୋଟିଏ ଲଢ଼େଇ ବୋଲି କହିଛନ୍ତି । ସେ ଏମିତି ଏକ ରିପୋର୍ଟ ଜାରି କରିଛନ୍ତି ଯେଉଁଥିରେ କର୍ଣ୍ଣାଟକାର ୧୦୦ ପୁଲିଂ ଷ୍ଟେସନରେ ହୋଇଥିବା ଏସ୍‌ଆଇଆର ଅନିୟମିତତା ଉପରେ ପର୍ଯ୍ୟବେସିତ । ଯନ୍ତରମନ୍ତର ଆନ୍ଦୋଳନ ବେଳେ ମହିଳା ସାମ୍ବାଦିକଙ୍କୁ ପୁଲିସ୍ ଅଭଦ୍ର ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ସେହି ମହିଳା ସାମ୍ବାଦିକମାନଙ୍କ ସମ୍ମାନାର୍ଥେ ସିଜେପି ଚପଲ ବିକ୍ଷୋଭ କରିବ ବୋଲି ମଧ୍ୟ କହିଛି । ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି ଦ୍ୱିତୀୟ ଥର ପାଇଁ ଏପରି ବିକ୍ଷୋଭ କରିଛି । ଏହାପୂର୍ବରୁ ମୁମ୍ବାଇର ଶିବାଜୀ ପାର୍କରେ ମଧ୍ୟ ଦଳ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଗର୍ଜନ କରିଥିଲା ।

ଭାରତ-ଇଣ୍ଡିଜ୍ ଦ୍ୱିତୀୟ ଟ୍ୱେଂଟି-୨୦ ସଞ୍ଜୁଙ୍କୁ ନେଇ ଚିନ୍ତା

ରାଂଚି, ୮/୧୦ (ନ୍ୟୁ.ଏ): ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟ୍ୱେଂଟି-୨୦ ପୂର୍ବରୁ ସଞ୍ଜୁ ସାମ୍‌ସନ୍‌ଙ୍କ ଖରାପ ଫର୍ମ ଭାରତୀୟ ଦଳ ପାଇଁ ଚିନ୍ତାର କାରଣ ହୋଇଛି । ଫଳରେ ତାଙ୍କ ସ୍ଥାନରେ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ଅଭିଷେକ ଶର୍ମାଙ୍କ ସହ ଓପନିଂ କରାଇବା ନେଇ ଦଳ ଚିନ୍ତା କରୁଛି । ଶୁକ୍ରବାର ରାଂଚିରେ ହେବାକୁ ଥିବା ମ୍ୟାଚ୍‌ରେ ଭାରତ ଜିତିଲେ ୫ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାରେ ୨-୦ରେ ଆଗୁଆ ହେବ । ତେବେ ଦଳ ସାମ୍‌ସନ୍‌ଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରୁଛି । ଗତ ୪ ଟ୍ୱେଂଟି-୨୦ରେ ସାମ୍‌ସନ୍ ୯, ୭, ୨ ଓ ୧୧ ରନ୍ କରିଛନ୍ତି । ହେଲେ ଅଧିନାୟକ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଭାରତୀୟ ମଧ୍ୟକ୍ରମ ଭଲ କରୁଥିବାରୁ ଏହି ବିଫଳତା ଦଳ ଉପରେ ପ୍ରଭାବ ପକାଇ ପାରିନି । ଗତ ମ୍ୟାଚ୍‌ରେ ଶ୍ରେୟସ ନିଜର ପ୍ରଥମ ଶତକ ହାସଲ କରିବା ସହ ଦଳକୁ ବଡ଼ ବିଜୟ ଦେଇଥିଲେ ।ଅନ୍ୟପକ୍ଷରେ ସାମ୍‌ସନ୍‌ଙ୍କ ଖରାପ ଫର୍ମ ଯୋଗୁଁ ବୈଭବ ପୁଣି ଥରେ ସୁଯୋଗ ଆଶାରେ ଅଛନ୍ତି । ବୈଭବ କମ୍ ସୁଯୋଗ ପାଇଥିଲେ ମଧ୍ୟ ନିଜ ଦକ୍ଷତାକୁ ପ୍ରମାଣିତ କରିଛନ୍ତି । ଏସୀୟ କ୍ରୀଡ଼ାରେ ସେ ଅଭିଷେକଙ୍କ ସହ ଓପନିଂ କରିଥିଲା ବେଳେ ସାମ୍‌ସନ୍ ତୃତୀୟ ସ୍ଥାନରେ ଖେଳିଥିଲେ । ଭାରତ ଦ୍ରୁତ ବୋଲିଂରେ କିଛିଟା ପରିବର୍ତ୍ତନ କରିପାରେ । ଲକ୍ଷ୍ନୌରେ ପ୍ରଥମ ଓଭରରେ ମୟଙ୍କ ଯାଦବ ୧୬ ରନ୍ ବ୍ୟୟ କରିଥିଲା ବେଳେ ମଝି ଓ ଶେଷ ଓଭରରେ ମଧ୍ୟ ମହଙ୍ଗା ସାବ୍ୟସ୍ତ ହୋଇଥିଲେ । ତେବେ ଗୁରୁତ୍ୱପୂର୍ଣ୍ଣ ସମୟରେ ସେର୍ଫାନ୍ ରଦରଫୋର୍ଡଙ୍କୁ ଆଉଟ୍ କରିଥିଲେ । ହେଲେ ଭାରତ ତାଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦେଇ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ସାମିଲ କରିବାକୁ ଚିନ୍ତା କରିପାରେ । କୁଲଦୀପ ଯାଦବ ଓ ଅକ୍ଷର ପଟେଲଙ୍କୁ ନେଇ ସ୍ପିନ୍ ବୋଲିଂ ବାହିନୀ ଓ୍ୱେଷ୍ଟଇଣ୍ଡିଜ୍‌କୁ ଚାପରେ ରଖିଥିଲା । ଏମାନଙ୍କ ସହ ପଦାର୍ପଣକାରୀ ଅଫ୍‌ସ୍ପିନ୍ ଅଲ୍‌ରାଉଣ୍ଡର ନମନ ଧୀର ୩ ୱିକେଟ୍ ନେଇ ଭ୍ରମଣକାରୀ ଦଳକୁ ବଡ଼ ସ୍କୋରର ସୁଯୋଗ ଦେଇ ନଥିଲେ । ତେଣୁ ସ୍ପିନ୍‌ରେ କିଛି ପରିବର୍ତ୍ତନ ହେବାର ଆଶା ନାହିଁ । ଅନ୍ୟପକ୍ଷରେ ଭ୍ରମଣକାରୀ ଓ୍ୱେଷ୍ଟଇଣ୍ଡିଜ୍ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ ହେଉଛି ବ୍ୟାଟିଂ । ସାଇ ହୋପ୍‌ଙ୍କ ନେତୃତ୍ୱାଧୀନ ଦଳରେ ସିମ୍ରନ୍ ହେଟମାୟର, ରୋଭମ୍ୟାନ୍ ପାଓ୍ୱେଲ, ରଷ୍ଟନ୍ ଚେଜ୍ ଓ ରୋମାରିଓ ସେଫର୍ଡଙ୍କ ଭଳି ଟ୍ୱେଂଟି-୨୦ ଅଭିଜ୍ଞ ବ୍ୟାଟର ଥିଲେ ମଧ୍ୟ ଦଳ ୧୭୧ ରନ୍‌ରେ ଅଲଆଉଟ୍ ହୋଇଥିଲା । ଦଳକୁ ଜିତିବାକୁ ହେଲେ ବଡ଼ ସ୍କୋର କରିବାକୁ ପଡ଼ିବ । ବୋଲିଂରେ ବାମହାତୀ ସ୍ପିନର ଅକିଲ ହୋସେନଙ୍କ ବାଦ୍ ଅନ୍ୟ ବୋଲର ପ୍ରଭାବହୀନ ରହିବା ଭାରତୀୟ ବ୍ୟାଟରଙ୍କୁ ସୁହାଉଛି । ଭାରତୀୟ ଦଳ (ସମ୍ଭାବ୍ୟ ୧୧): ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ଈଶାନ କିଶନ (ୱିକେଟ୍‌କିପର), ସଞ୍ଜୁ ସାମସନ୍ (ୱିକେଟ୍‌କିପର)/ବୈଭବ ସୂର୍ଯ୍ୟବଂଶୀ, ତିଲକ ବର୍ମା, ଶିବମ ଦୁବେ, କୁଲଦୀପ ଯାଦବ, ଅକ୍ଷର ପଟେଲ, ନୀତୀଶ କୁମାର ରେଡ୍ଡୀ/ମୟଙ୍କ ଯାଦବ, ନମନ ଧୀର । ଓ୍ୱେଷ୍ଟଇଣ୍ଡିଜ୍ ଦଳ (ସମ୍ଭାବ୍ୟ ୧୧): ସାଇ ହୋପ୍ (ଅଧିନାୟକ, ୱିକେଟ୍‌କିପର), କାମିଲ ପୁରଣ, ସିମ୍ରନ୍ ହେଟମାୟର, ରୋଭମାନ ପାଓ୍ୱେଲ, ସେର୍ଫାନ୍ ରଦରଫୋର୍ଡ, ରଷ୍ଟନ ଚେଜ୍, ରୋମାରିଓ ସେଫର୍ଡ, ମ୍ୟାଥ୍ୟୁ ଫୋର୍ଡେ, ସାମାର ସ୍ପ୍ରିଙ୍ଗର, ଅକିଲ ହୋସେନ୍, ସମାର ଯୋସେଫ ।

ଟିକସ ଅଧିକାରୀଙ୍କ ଗିରଫଦାରୀ କ୍ଷମତା ରଦ୍ଦ

ନୂଆଦିଲ୍ଲୀ, ୮/୧୦ (ନ୍ୟୁ.ଏ): ବଡ଼ ନିଷ୍ପତି ନେଇଛି ଜିଏସ୍‌ଟି ପରିଷଦ । ୫୭ତମ ଜିଏସଟି ପରିଷଦରେ ଟିକସ ସ୍ଲାବରେ କୌଣସି ପରିବର୍ତ୍ତନ ହୋଇନାହିଁ । କିନ୍ତୁ ପୂର୍ବରୁ ଜିଏସଟି ଅଧିକାରୀଙ୍କୁ ମିଳିଥିବା ଗିରଫଦାରୀ କ୍ଷମତାକୁ ପରିଷଦ ରଦ୍ଦ କରି ଦେଇଛି । ପରିଷଦର ବୈଠକରେ ଏହି ନୂଆ ନିୟମକୁ ଅନୁମୋଦନ ମିଳିଛି । ଏହାର ଅର୍ଥ ଜିଏସଟି ଅଧିକାରୀମାନେ ମନଇଚ୍ଛା ଆଉ କାହାକୁ ଗିରଫ କରିପାରିବେ ନାହିଁ । ଟିକସଦାତାଙ୍କୁ ଅପରାଧିକ ମାମଲାରୁ ଆଶ୍ୱସ୍ତି ଦେବାକୁ ଏପରି ବ୍ୟବସ୍ଥା କରାଯାଇଛି । ନୂଆ ନିୟମର ଅର୍ଥ ହେଉଛି ଯେ ଜିଏସଟି ଅଧିକାରୀମାନେ ଆଉ କୌଣସି ବ୍ୟକ୍ତିଙ୍କୁ ସିଧାସଳଖ ଗିରଫ କରିପାରିବେ ନାହିଁ । ଯଦି କୌଣସି ଅପରାଧିକ ମାମଲା ପ୍ରମାଣିତ ହୁଏ । ତା'ହେଲେ ଅଭିଯୁକ୍ତଙ୍କୁ କୋର୍ଟଙ୍କ ଅନୁମତି କ୍ରମେ କେବଳ ତଦନ୍ତକାରୀ ସଂସ୍ଥା ଗିରଫ କରିପାରିବେ । ଜିଏସଟି ଅଧିକାରୀମାନେ ବର୍ତ୍ତମାନ କେବଳ ବାକି ଟିକସ ଆଦାୟ କରିବା, ସୁଧ ଏବଂ ଜରିମାନା ଉପରେ ଧ୍ୟାନ ଦେବେ । ଏହାବାଦ ଅପରାଧିକ ମାମଲା ପାଇଁ ପୂର୍ବରୁ ଥିବା ସୀମାକୁ ୧ କୋଟି ଟଙ୍କାରୁ ବଢ଼ାଇ ୫ କୋଟି ଟଙ୍କା କରାଯାଇଛି । ଅର୍ଥାତ୍ ୫ କୋଟିରୁ କମ୍ ଟଙ୍କାର ଟିକସ ହେରଫେର କ୍ଷେତ୍ରରେ ଅପରାଧିକ ମାମଲା ଲାଗୁ ହେବ ନାହିଁ । ବ୍ୟବସାୟ ସହଜ କରିବା ଓ ଟିକସଦାତାମାନେ ସାମ୍ନା କରୁଥିବା ଚାପକୁ ହ୍ରାସ କରିବା ପାଇଁ ଜିଏସ୍‌ଟି ପରିଷଦ ଏପରି ପଦକ୍ଷେପ ନେଇଥିବା ବୈଠକ ପରେ ସୂଚନା ଦେଇଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ତାଙ୍କ କହିବା କଥା ଯେ ପ୍ରଚଳିତ ଜିଏସ୍‌ଟି ସ୍ଲାବରେ କୌଣସି ପରିବର୍ତ୍ତନ ହୋଇନାହିଁ । ରେଟ୍ ସ୍ଲାବ ଏବେ ଠିକ ଭାବେ କାର୍ଯ୍ୟକାରୀ ହେଉଛି । ଜିଏସ୍‌ଟି ଫାଙ୍କିବା ଯୋଗୁ ଲାଗୁ ହେଉଥିବା ସାଧାରଣ ଜୋରିମାନା ପୂର୍ବରୁ ୨୫ ହଜାର ଟଙ୍କା ଥିଲା । କିନ୍ତୁ ଏବେ ଏହାକୁ ୧୦ ହଜାରକୁ ଖସାଇ ଦିଆଯାଇଛି । ଦ୍ରବ୍ୟର ସହଜ ଚଳପ୍ରଚଳ, ଯାଂଚ, ଅଟକ କିମ୍ବା ସିଜ ଭଳି କାର୍ଯ୍ୟ କେବଳ ଯୋଗାଣକାରୀ ରାଜ୍ୟ କିମ୍ବା ଗ୍ରହଣ କରୁଥିବା ରାଜ୍ୟର ଉପଯୁକ୍ତ ଅଧିକାରୀ କରିପାରିବେ । ଜିଏସଟି ଅପରାଧର ସର୍ବନିମ୍ନ ଦଣ୍ଡ ବ୍ୟବସ୍ଥାକୁ ମଧ୍ୟ ପରିଷଦସ ହଟାଇ ଦେଇଛି । ଜିଏସ୍‌ଟି ଅପରାଧର ଦଣ୍ଡ, ଫାଇନ କିମ୍ବା ଉଭୟର ନିଷ୍ପତି ନ୍ୟାୟିକ ବ୍ୟବସ୍ଥା ଦ୍ୱାରା ଲାଗୁ କରାଯିବ । ଜିଏସଟି ଦାଖଲରେ ବିଳମ୍ବ, ତ୍ରୁଟି କିମ୍ବା ବିଳମ୍ବରେ ଟିକସ ପୈଠ ଭଳି ସ୍ଥିତିରେ ଟିକସଦାତା କେବଳ ଫାଇନ ଭରିବେ । ଏହା ଛଡ଼ା ଆଉ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ନାହିଁ । ଜିଏସ୍‌ଟି ପରିଷଦ ଛୋଟ ବିକ୍ରେତାଙ୍କ ପଞ୍ଜିକରଣ ବ୍ୟବସ୍ଥାକୁ ଆହୁରି ସରଳୀକରଣ କରିଛି । ଯେଉଁ ଛୋଟ ବିକ୍ରେତାମାନେ ଇ-କମର୍ସ ପ୍ଲାଟଫର୍ମରେ ସେବା ଯୋଗାଉଛନ୍ତି, ସେମାନଙ୍କୁ ଆଉ ପ୍ରତି ରାଜ୍ୟରେ ନିଜର ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବା ବାଧ୍ୟତାମୂଳକ ନୁହେଁ । ଛୋଟ ବ୍ୟବସାୟ ଓ ଇ-କମର୍ସ ବିକ୍ରେତାଙ୍କୁ ସହାୟତା କରିବାକୁ ଏପରି ବ୍ୟବସ୍ଥା କରାଯାଇଥିବା ଅର୍ଥମନ୍ତ୍ରୀ ସୀତାରମଣ ସ୍ପଷ୍ଟ କରିଛନ୍ତି । ଆଜିର ବୈଠକରେ ହୋଇଥିବା ସମସ୍ତ ନିଷ୍ପତି ୨୦୨୭ ଏପ୍ରିଲ ୧ରୁ ଲାଗୁ ହେବ ବୋଲି ଘୋଷଣା କରାଯାଇଛି ।

ମହଙ୍ଗା ଔଷଧ ଲେଖିବା ପାଇଁ ଡାକ୍ତରଙ୍କୁ ମହଙ୍ଗା ଉପହାର

ନୂଆଦିଲ୍ଲୀ, ୮/୧୦ (ନ୍ୟୁ.ଏ): ଡାକ୍ତରଙ୍କୁ ପ୍ରଲୋଭିତ କରିବା ପାଇଁ ଔଷଧ କମ୍ପାନିଗୁଡ଼ିକ ମହଙ୍ଗା ଉପହାର ପ୍ରଦାନ କରୁଥିବା ପ୍ରସଙ୍ଗର ତଦନ୍ତ ପାଇଁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବ୍ୟକ୍ତି ଏବଂ ସଂଗଠନର ପରାମର୍ଶ ଏବଂ ଆପତି ଆଧାରରେ, ଏହି କମିଟି ଡାକ୍ତରମାନଙ୍କୁ ମହଙ୍ଗା ଉପହାର ପ୍ରଦାନ କରିବା ପ୍ରକ୍ରିୟାକୁ ରୋକିବା ପାଇଁ ସୁପାରିଶ କରିବ । କେନ୍ଦ୍ର ସରକାର କୋର୍ଟରେ ଏହି ସୁପାରିଶଗୁଡ଼ିକର ଏକ ରିପୋର୍ଟ ଦାଖଲ କରିବେ ବୋଲି ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଏକ ଆବେଦନରେ ଅଭିଯୋଗ କରାଯାଇଛି ଯେ, କିଛି ଔଷଧ କମ୍ପାନି ରୋଗୀମାନଙ୍କୁ ପାଇଁ ସେମାନଙ୍କର ମହଙ୍ଗା ଔଷଧ ଲେଖିବା ଲାଗି ଡାକ୍ତରମାନଙ୍କୁ ମହଙ୍ଗା ଉପହାର ପ୍ରଦାନ କରିଥାନ୍ତି । ଏହା ଉପରେ ରୋକ ଲଗାଯିବା ଉଚିତ୍ ।କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଔଷଧ କମ୍ପାନୀଗୁଡ଼ିକର ମାର୍କେଟିଂ ପଦ୍ଧତିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଏକ କମିଟି ଗଠନ କରିବାକୁ ପଡ଼ିବ । କେନ୍ଦ୍ର ସରକାର ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ସମ୍ପର୍କରେ ଏକ ସତ୍ୟପାଠ ଦାଖଲ କରିବେ । ସୁପ୍ରିମକୋର୍ଟ ୨୦୨୭ ଜାନୁଆରି ୨୯ରେ ମାମଲାର ପରବର୍ତୀ ଶୁଣାଣି କରିବେ । କୋର୍ଟ ସେପ୍ଟେମ୍ବର ୮ ତାରିଖରେ ଏହି ମାମଲାରେ ତାଙ୍କର ନିଷ୍ପତି ସଂରକ୍ଷିତ ରଖିଥିଲେ । ଡାକ୍ତରମାନଙ୍କୁ ପ୍ରଲୋଭିତ କରିବା ପାଇଁ ଔଷଧ କମ୍ପାନିଗୁଡ଼ିକ ଦ୍ୱାରା ମହଙ୍ଗା ଉପହାର, ବିଦେଶ ଯାତ୍ରା ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା ଭଳି ଅନୈତିକ ମାର୍କେଟିଂ ପଦ୍ଧତିକୁ ରୋକିବା ପାଇଁ କୋର୍ଟ କେନ୍ଦ୍ର ସରକାରଙ୍କୁ ଏକ ତିନି ସଦସ୍ୟ ବିଶିଷ୍ଟ ବିଶେଷଜ୍ଞ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦ୍ର କହିଛି ଯେ, ଔଷଧ କମ୍ପାନିଗୁଡ଼ିକରୁ ଉପହାର, ଯାତ୍ରା, ଆତିଥ୍ୟ କିମ୍ବା ନଗଦ ଆର୍ଥିକ ଲାଭ ଗ୍ରହଣ କରୁଥିବା ଡାକ୍ତରମାନଙ୍କ ବିରୋଧରେ ଜାତୀୟ ଚିକିତ୍ସା କମିସନ ଆଇନ ୨୦୧୯ ଏବଂ ବୃତିଗତ ଆଚରଣ ନିୟମ ପୂର୍ବରୁ ଲାଗୁ କରାଯାଇଛି । ଏହି ନିୟମର ଉଲ୍ଲଂଘନ କଲେ ଡାକ୍ତରମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରାବଧାନ ରହିଛି । କେନ୍ଦ୍ର ସ୍ୱୀକାର କରିଛି, ଔଷଧ କମ୍ପାନିଗୁଡ଼ିକ ଦ୍ୱାରା ଡାକ୍ତରମାନଙ୍କୁ ପ୍ରଭାବିତ କରିବା ପାଇଁ ବ୍ୟବହୃତ ଅନୈତିକ ଅଭ୍ୟାସଗୁଡ଼ିକୁ ସିଧାସଳଖ ନିୟନ୍ତ୍ରଣ କରିବାରେ ନିୟାମକରେ ତ୍ରୁଟି ରହିଛି ।

ଚାଇନା ସ୍ମାସ୍: ସେମିରେ ମାନବ-ମନୁଷ

ବେଜିଂ, ୮/୧୦ (ନ୍ୟୁ.ଏ): ଭାରତୀୟ ଟେବଲ ଟେନିସ (ଟିଟି) ଯୋଡ଼ି ମାନବ ଠକ୍କର ଓ ମନୁଷ ଶାହ ଚଳିତ ଡବ୍ଲ୍ୟୁଟିଟି ଚାଇନା ସ୍ମାସ୍‌ର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଗୁରୁବାର କ୍ୱାର୍ଟରଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ି ସିଧାସଳଖ ୩-୦ (୧୧-୯, ୧୧-୫, ୧୧-୪)ରେ ସ୍ଥାନୀୟ ଖେଳାଳି ଲିଙ୍ଗ ଜିଙ୍ଗକୁନ୍ ଓ ଜିଆଙ୍ଗ ପେଙ୍ଗ୍‌ଙ୍କୁ ହରାଇଥିଲେ । ମାନବ-ମନୁଷ ଫାଇନାଲ୍ ସ୍ଥାନ ପାଇଁ ଦକ୍ଷିଣ କୋରିଆର ଲିମ୍ ଜୋଙ୍ଗହୁଁ ଓ ଓହ୍ ଜୁନ୍ ସୁଙ୍ଗ୍‌ଙ୍କୁ ଭେଟିବେ । ଏହି ଦକ୍ଷିଣ କୋରିଆ ଯୋଡ଼ି ୩-୦ରେ ଡେନମାର୍କର ଆଂଟନ କାଲବର୍ଗ ଓ କ୍ରିଷ୍ଟିଆନ୍ କାର୍ଲସନ୍‌ଙ୍କୁ ପରାସ୍ତ କରିଥିଲେ ।

ସାଉଦିରେ ଭାରତୀୟ ନାଗରିକ ସତର୍କ ରହିବା ପାଇଁ ଭାରତର ଅନୁରୋଧ

ନୂଆଦିଲ୍ଲୀ, ୮/୧୦ (ନ୍ୟୁ.ଏ): ସାଉଦି ଆରବ ରାଜଧାନୀରେ ବର୍ତ୍ତମାନ ଉତେଜନାପୂର୍ଣ୍ଣ ସ୍ଥିତି ରହିଥିବାରୁ ଭାରତ ଏହାର ନାଗରିକଙ୍କ ପାଇଁ ଏକ ସତ୍ୟ ଉପଦେଶାବଳୀ ଜାରି କରିଛି । ଏୟାର୍ ଇଣ୍ଡିଆ ଏକ୍ସପ୍ରେସ୍ ମଧ୍ୟ ଇତି ମଧ୍ୟରେ ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ରିୟାଦକୁ ବିମାନ ଚଳାଚଳ ବନ୍ଦ ରଖିଛି । ହୁତିର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣ ଦାବି ପାଇଁ କିଙ୍ଗ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅପରେସନ୍ ବାଧାପ୍ରାପ୍ତ ହୋଇଥିବାବେଳେ ନାଗରିକଙ୍କୁ ସତର୍କ ରହିବା ପାଇଁ ଅନୁରୋଧ କରାଯାଇଛି । ହୁତିର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣ ଦାବି ପରେ ଆଜି ରିୟାଦରେ ପ୍ରଚଣ୍ଡ ବିସ୍ଫୋରଣ ଏବଂ ବିମାନବନ୍ଦରରେ ଧୂଆଁ ହୋଇଥିବା ଏକ ବିମାନରେ ଧୂଆଁ ଦେଖାଦେବା ପରେ ସ୍ଥାନୀୟ ଅଂଚଳରେ ଆତଙ୍କ ଖେଳିଯାଇଛି । ଏହାପରେ ଭାରତୀୟ ଦୂତାବାସ ରିୟାଦରେ ରହୁଥିବା ନିଜ ନାଗରିକଙ୍କ ପାଇଁ ଏହି ଉପଦେଶାବଳୀ ଜାରି କରିଛି । ପରିସ୍ଥିତି ଭଲ ନ ଥିବାରୁ ଭାରତ ନିଜର ନାଗରିକମାନଙ୍କୁ ସତର୍କ ରହିବା ପାଇଁ କହିଛି । ବର୍ତ୍ତମାନର ସ୍ଥିତି ସଂକ୍ରାନ୍ତରେ କେଉଁଣସି ଖବର କିମ୍ବା ଭିଡିଓ ରିପୋଷ୍ଟ କରିବାରୁ ଏବଂ ଖବର ପ୍ରସାର କରିବାରୁ ଦୂରେଇ ରହିବା ପାଇଁ ଦୂତାବାସ ଭାରତୀୟ ନାଗରିକଙ୍କୁ ପରାମର୍ଶ ଦେଇଛି । ଭାରତୀୟ ଦୂତାବାସ ଏବଂ ଜେଦ୍ଦା ସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ କହିଛି ଯେ, ସ୍ଥିତି ଉପରେ ନଜର ରଖାଯାଇଛି । ପରବର୍ତୀ ନିର୍ଦ୍ଦେଶ ପାଇଁ ସାଉଦି ଆରବରେ ଥିବା ଭାରତୀୟ ନାଗରିକଙ୍କୁ ଦୂତାବାସର ସୋସିଆଲ ମିଡିଆ ଚ୍ୟାନେଲକୁ ଫଲୋ କରିବା ପାଇଁ ପରାମର୍ଶ ଦିଆଯାଇଛି ।

ସିଇସି ଜ୍ଞାନେଶ କୁମାରଙ୍କ ନିଯୁକ୍ତିକୁ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୮/୧୦ (ନ୍ୟୁ.ଏ): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ସମେତ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କ ନିଯୁକ୍ତିକୁ ଆଜି ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି । ଆବେଦନକାରୀ ସୂରୀ ପାୟଲାଙ୍କ ପକ୍ଷରୁ ସମ୍ବିଧାନର ଧାରା ୩୨ ଅନୁଯାୟୀ ଏହି ରିଟ୍ ପିଟିସନ ଦାଖଲ ହୋଇଛି । ୨୦୨୩ରେ ପ୍ରଣୀତ ମୁଖ୍ୟ ନିର୍ବାଚନ କମିସନର ଓ ଅନ୍ୟ ନିର୍ବାଚନ କମିସନର ନିଯୁକ୍ତି, ସେବା ସର୍ତ୍ତ ଓ କାର୍ଯ୍ୟକାଳ ଆଇନରେ ଥିବା ପ୍ରକ୍ରିୟା ଅନୁସରଣ କରାଯାଇ ନଥିବା ଆବେଦନରେ ଅଭିଯୋଗ କରାଯାଇଛି । ଆବେଦନରେ ଜ୍ଞାନେଶ କୁମାର, ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କ ବିରୋଧରେ 'କ୍ୱୋ ୱାରଂଟୋ' ରିଟ୍ ଜାରି କରିବାକୁ ଦାବି କରାଯାଇଛି । ଅର୍ଥାତ୍ ସେମାନେ କେଉଁ ଆଇନଗତ ଅଧିକାରରେ ସାମ୍ବିଧାନିକ ପଦରେ ରହିଛନ୍ତି, ତାହାର ପ୍ରମାଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନକାରୀ ଚାହିଁଛନ୍ତି । ନିଯୁକ୍ତି ଆଇନସମ୍ମତ ନୁହେଁ ବୋଲି କୋର୍ଟ ନିଷ୍କର୍ଷରେ ପହଂଚିଲେ ପଦଗୁଡ଼ିକୁ ଖାଲି ଘୋଷଣା କରିବାକୁ ମଧ୍ୟ ଦାବି ହୋଇଛି । ଆବେଦନରେ ୨୦୨୪ ମାର୍ଚ୍ଚ ୧୪ ତାରିଖର ଅଧିସୂଚନାକୁ ଚ୍ୟାଲେଞ୍ଜ କରାଯାଇଛି । ଏହି ଅଧିସୂଚନା ମାଧ୍ୟମରେ ଜ୍ଞାନେଶ କୁମାର ଓ ସୁଖବୀର ସିଂହ ସାନ୍ଧୁଙ୍କୁ ନିର୍ବାଚନ କମିସନର ନିଯୁକ୍ତ କରାଯାଇଥିଲା । ଆବେଦନକାରୀଙ୍କ ଦାବି ଅନୁଯାୟୀ, ଦୁଇଟି ପଦ ଖାଲି ଥିବାବେଳେ ଆଇନ ଅନୁସାରେ ପ୍ରତ୍ୟେକ ପଦ ପାଇଁ ୫ ଜଣଙ୍କ ନାମ ଥିବା ପ୍ୟାନେଲ୍ ହେବା କଥା । ଅର୍ଥାତ୍ ମୋଟ ୧୦ ଜଣଙ୍କ ନାମ ରହିବା ଆବଶ୍ୟକ ଥିଲା । କିନ୍ତୁ ସର୍ଚ୍ଚ କମିଟି ମାତ୍ର ୬ଟି ନାମ ସୁପାରିସ କରିଥିବା ଆବେଦନରେ ଦର୍ଶାଯାଇଛି । ଏହି ପ୍ରସଙ୍ଗରେ ୨୦୨୪ ମାର୍ଚ୍ଚ ୨୨ର ସୁପ୍ରିମ୍‌କୋର୍ଟ ଆଦେଶକୁ ମଧ୍ୟ ଆବେଦନକାରୀ ଉଲ୍ଲେଖ କରିଛନ୍ତି । ଦୁଇଟି ଖାଲି ପଦ ପାଇଁ ୧୦ ଜଣ ସମ୍ଭାବ୍ୟ ପ୍ରାର୍ଥୀଙ୍କ ନାମ ଥିବା ଆବଶ୍ୟକ ବୋଲି ସେତେବେଳେ କୋର୍ଟ ପ୍ରାଥମିକ ଭାବେ କହିଥିବା ଦାବି କରାଯାଇଛି । ନିଯୁକ୍ତି ପ୍ରକ୍ରିୟାକୁ ତରବରିଆ ନକରି ଚୟନ କମିଟିର ସଦସ୍ୟମାନଙ୍କୁ ପ୍ରାର୍ଥୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ଆଗୁଆ ଦେବା ଉଚିତ ବୋଲି ମଧ୍ୟ କୋର୍ଟ ମତ ଦେଇଥିଲେ । ୨୦୨୩ ଆଇନର ଧାରା ୫ ଅନୁଯାୟୀ ନିର୍ବାଚନ କମିସନର ପଦ ପାଇଁ କେନ୍ଦ୍ର ସରକାରର ସଚିବ ପାହ୍ୟାରେ ଥିବା କିମ୍ବା ରହିଥିବା ଅଧିକାରୀଙ୍କ ସହ ନିର୍ବାଚନ ପରିଚାଳନା ଓ ବ୍ୟବସ୍ଥା ସମ୍ପର୍କରେ ଜ୍ଞାନ ଓ ଅଭିଜ୍ଞତା ଥିବା ଆବଶ୍ୟକ ବୋଲି ଆବେଦନରେ ଦର୍ଶାଯାଇଛି । ଜ୍ଞାନେଶ କୁମାର ଓ ସାନ୍ଧୁଙ୍କ ସରକାରୀ ରେକର୍ଡରେ ନିର୍ବାଚନ ପରିଚାଳନା ସହ ସିଧାସଳଖ ଜଡ଼ିତ କୌଣସି ଦାୟିତ୍ୱ ଦେଖାଯାଉ ନଥିବା ଆବେଦନକାରୀ ଦାବି କରିଛନ୍ତି । ସେମାନେ କୌଣସି ଜିଲ୍ଲା ନିର୍ବାଚନ ଅଧିକାରୀ ଦାୟିତ୍ୱରେ ମଧ୍ୟ ନ ଥିଲେ । ଏଥିସହ ୨୦୨୫ ଫେବ୍ରୁଆରି ୧୭ରେ ଜ୍ଞାନେଶ କୁମାରଙ୍କୁ ମୁଖ୍ୟ ନିର୍ବାଚନ କମିସନର ଏବଂ ବିବେକ ଯୋଶୀଙ୍କୁ ନିର୍ବାଚନ କମିସନର ନିଯୁକ୍ତିକୁ ମଧ୍ୟ ଆବେଦନରେ ଚ୍ୟାଲେଞ୍ଜ କରାଯାଇଛି । ୨୦୨୪ ଓ ୨୦୨୫ର ନିଯୁକ୍ତି ସମ୍ପର୍କିତ ସର୍ଚ୍ଚ କମିଟି ଓ ଚୟନ କମିଟିର ମୂଳ ରେକର୍ଡ କୋର୍ଟରେ ଦାଖଲ କରିବାକୁ ଦାବି ହୋଇଛି । ଏହି ରେକର୍ଡ ପାଇଁ ସେପ୍ଟେମ୍ବର ୨୭ ଓ ଅକ୍ଟୋବର ୨, ୨୦୨୬ରେ ଆରଟିଆଇ ଆବେଦନ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହାର ଉତର ମିଳିନଥିବା ଆବେଦନକାରୀ କହିଛନ୍ତି । ସୁପ୍ରିମ୍‌କୋର୍ଟ ଏହି ଆବେଦନ ଉପରେ କେବେ ଶୁଣାଣି କରିବେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।

ଆମେରିକାର ଗ୍ରିନ୍ କାର୍ଡ ପ୍ରୋଗ୍ରାମ୍‌ରୁ ଟିସିଏସ୍, ଇନଫୋସିସ୍, ଏଚ୍‌ସିଏଲ୍, ୱିପ୍ରୋ ନିଲମ୍ବିତ

ନୂଆଦିଲ୍ଲୀ, ୮/୧୦ (ନ୍ୟୁ.ଏ): ଟ୍ରମ୍ପ ପ୍ରଶାସନ ବିଶ୍ୱର କେତେକ ବଡ଼ ଆଇଟି କମ୍ପାନିକୁ ଆମେରିକାର ସ୍ଥାୟୀ ଶ୍ରମ ପ୍ରମାଣପତ୍ର କାର୍ଯ୍ୟକ୍ରମ (ପିଇଆରଏମ୍)ରୁ ନିଲମ୍ବିତ କରିଛି । ସେଥିରେ ଭାରତର ଇନଫୋସିସ୍, ଟିସିଏସ୍, ୱିପ୍ରୋ ଓ ଏଚ୍‌ସିଏଲ୍ ଭଳି କମ୍ପାନି ରହିଛନ୍ତି । ମାଇକ୍ରୋସଫ୍ଟ, କଗ୍ନିଜାଂଟ ଓ କ୍ୟାପଜେମିନି ଭଳି କମ୍ପାନି ମଧ୍ୟ ଏହି ତାଲିକାରେ ଅଛନ୍ତି । ଆମେରିକାରେ ସ୍ଥାୟୀ ରହଣି ପାଇଁ ଆଗ୍ରହୀ ବିଦେଶୀ କର୍ମଚାରୀମାନଙ୍କ ଲାଗି ରହିଥିବା ବ୍ୟବସ୍ଥାରେ ଏହି କମ୍ପାନିଗୁଡ଼ିକ ଦୁରୁପଯୋଗ କରିଛନ୍ତି ବୋଲି ଟ୍ରମ୍ପ ପ୍ରଶାସନ ଅଭିଯୋଗ କରିଛି । ଉଲ୍ଲେଖଯୋଗ୍ୟ, ଆମେରିକାର ଶ୍ରମ ବିଭାଗ ପିଇଆରଏମ୍ ଜରିଆରେ ନିଯୁକ୍ତିଦାତାମାନଙ୍କୁ ସେମାନଙ୍କ ବିଦେଶୀ କର୍ମଚାରୀଙ୍କୁ ସ୍ଥାୟୀ ଗ୍ରିନ୍ କାର୍ଡ ପ୍ରଦାନ କରିଥାଏ । ଆମେରିକାର ଏହି ନିଷ୍ପତି ଫଳରେ ଉପରୋକ୍ତ ଆଇଟି କମ୍ପାନିର ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ହେବାରେ ଅସୁବିଧା ଦେଖାଦେବ । ତେବେ ଏଚ୍-୧ ଭିସାକୁ ବାତିଲ କରିବା କିମ୍ବା ଏଥିରେ ନୂଆ ନିଯୁକ୍ତିକୁ ବନ୍ଦ କରାଯାଇ ନାହିଁ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das